୬ ▸ ମିଚେଲ ଷ୍ଟାର୍କଙ୍କ ହ୍ୟାଟ୍ରିକ୍ : ମାତ୍ର ୨୭ ରନ୍‌ରେ ଅଲଆଉଟ୍ ହେଲା ୱେଷ୍ଟଇଣ୍ଡିଜ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
ସମ୍ବାଦ କଳିକା
TM
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
● ବର୍ଷ–୩୩ ● ସଂଖ୍ୟା–୧୬୮ ● ୧୬ ଜୁଲାଇ ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-168 ●16th July 2025, Wednesday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ରେଭେନ୍ସା ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ଯୋଗଦେଲେ ରାଷ୍ଟ୍ରପତି

# ଚାକିରି ପାଇଁ ନୁହେଁ, ଚାକିରି ଦେବାକୁ ଉଦ୍ୟମ କରନ୍ତୁ

**କଟକ, ୧୫।୭**
**ନ୍ୟୁଜ୍ ବ୍ୟୁରୋ**

ରେଭେନ୍ସା ହେଉଛି ଭାରତ ଏବଂ ଓଡ଼ିଶା ଇତିହାସର ସକ୍ରିୟ ଅଂଶୀଦାର, ତେଣୁ ଏହାର ଗାରିମା ବଜାୟ ରଖିବାରେ ପ୍ରତ୍ୟେକ ରେଭେନ୍ସାଭିଆନ ଚେଷ୍ଟିତ ହେବା ଆବଶ୍ୟକ। ମଙ୍ଗଳବାର ରେଭେନ୍ସା ବିଶ୍ୱ ବିଦ୍ୟାଳୟର ତ୍ରୟୋଦଶ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହା କହିଛନ୍ତି । ଭାରତୀୟ ମୂଲ୍ୟବୋଧକୁ ଜୀବନର ଦୀକ୍ଷା ଭାବେ ଗ୍ରହଣ କରିବାକୁ ବାର୍ତ୍ତା ଦେଇଛନ୍ତି ରାଷ୍ଟ୍ରପତି। ପାଠ କେବଳ ଜୀବନ ବିତାଇବାର ମାଧ୍ୟମ ନୁହେଁ, ମଣିଷଟିଏ ହୋଇ ଜୀବନ ଡଙ୍ଗାକୁ ଆଗକୁ ବଢ଼ାଇବାକୁ ହେବ ଏବଂ ସତ୍ୟ ପ୍ରତି ନିଷ୍ଠା ରଖିବାକୁ ହେବ ବୋଲି ରେଭେନ୍ସାଭିଆନଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରପତି କହିଛନ୍ତି । ଶୁଭାଂଶୁ ଶୁକ୍ଲାଙ୍କ ଉଦାହରଣ ଦେଇ ରାଷ୍ଟ୍ରପତି କହିଛନ୍ତି ଯେ, ଶୁଭାଂଶୁ ଆମ ଦେଶ ପାଇଁ ଗୌରବ ଆଣି ଦେଇଛନ୍ତି । ଆଗକୁ ଏହି ରେଭେନ୍ସାର ଛାତ୍ରଛାତ୍ରୀ ସେହିଭଳି କିଛି ଗୌରବ ଆମ ପାଇଁ ଆଣି ପାରିବେ ବୋଲି ମୁଁ ଆଶା ରଖୁଛି । ତେବେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନେ ଚାକିରି ଖୋଜିବା ଅପେକ୍ଷା ଚାକିରି ପ୍ରଦାନକାରୀ ହୋଇପାରିଲେ ବିକଶିତ ଭାରତ ଗଠନର ସ୍ୱପ୍ନ ସାକାର ହୋଇ ପାରିବ ବୋଲି ରାଷ୍ଟ୍ରପତି କହିଛନ୍ତି ।




ସମାରୋହରେ ଉଦବୋଧନ ଦେଇ ରାଷ୍ଟ୍ରପତି କହିଛନ୍ତି, ଏହି ଶିକ୍ଷାନୁଷ୍ଠାନ ସ୍ୱାଧୀନତା ସଂଗ୍ରାମର ଏକ ସକ୍ରିୟ କେନ୍ଦ୍ର ଥିଲା ଏବଂ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନ ଆନ୍ଦୋଳନ ସହିତ ଜଡିତ ଥିଲା। ଶିକ୍ଷାର ବିକାଶ ଏବଂ ମହିଳା ସଶକ୍ତିକରଣ କ୍ଷେତ୍ରରେ ଏହି ଶିକ୍ଷାନୁଷ୍ଠାନ ନିରନ୍ତର ମୂଲ୍ୟବାନ ଯୋଗଦାନ ଦେଇ ଆସୁଛି। ଏହାର ଅନେକ ପୂର୍ବତନ ବିଦ୍ୟାର୍ଥୀ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍, ସାହିତ୍ୟିକ, ଦାର୍ଶନିକ, ରାଜନେତା, ସମାଜ ସଂସ୍କାରକ, ବୈଜ୍ଞାନିକ ଏବଂ କଳାକାର ଭାବରେ ଭାରତର ଗୌରବ ବୃଦ୍ଧି କରିଛନ୍ତି।

ରେଭେନ୍ସା ବିଶ୍ୱବିଦ୍ୟାଳୟ ଗବେଷଣା, ନବସୃଜନ ଏବଂ ଅନ୍ତର୍ଭୁକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି କରୁଛି ବୋଲି ରାଷ୍ଟ୍ରପତି ଖୁସିର ସହ ଉଲ୍ଲେଖ କରିଥିଲେ। ଏହି ଅନୁଷ୍ଠାନ ପରାମର୍ଶ ସେବା ଏବଂ ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର ମାଧ୍ୟମରେ ଅନେକ ଶିକ୍ଷ ଅଂଶୀଦାରଙ୍କ ନିକଟରେ ନିଜର ବିଶେଷଜ୍ଞତା ପହଞ୍ଚାଇଛି। ଏହାର 'ଡିଜାଇନ, ନବସୃଜନ ଏବଂ ଉଦ୍ୟମିତା କେନ୍ଦ୍ର' ବିଚାରବିମର୍ଶ, ଗବେଷଣା ଏବଂ ଉଦ୍ୟୋଗ ବିକାଶକୁ ପ୍ରୋତ୍ସାହନ ଦେଉଛି। ବିଶ୍ୱବିଦ୍ୟାଳୟ ଆଦିବାସୀ ଅଞ୍ଚଳ, ଅନୁନ୍ନତ ଗୋଷ୍ଠୀ ଏବଂ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ନାମଲେଖା ବୃଦ୍ଧି କରିବା ଉପରେ ଧ୍ୟାନ ଦେବା ସନ୍ତୋଷର ବିଷୟ ବୋଲି ସେ କହିଥିଲେ।

ରାଷ୍ଟ୍ରପତି କହିଥିଲେ, ବର୍ତ୍ତମାନ ହେଉଛି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଯୁଗ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ମସିନ୍ ଲର୍ଣ୍ଣିଂ, ଥ୍ରୀଡି ପ୍ରିଣ୍ଟିଂ ଏବଂ କ୍ଲାଉଡ୍ କମ୍ପ୍ୟୁଟିଂ ଆମ ଚିନ୍ତାଧାରା ଏବଂ କାର୍ଯ୍ୟ ଶୈଳୀରେ ଏକ ବ୍ୟାପକ ପରିବର୍ତ୍ତନ ଆଣିଛି। ରେଭେନ୍ସା ଏହି ପ୍ରଯୁକ୍ତି ବିଦ୍ୟାର ଭଲ ବ୍ୟବହାର କରୁଛି ବୋଲି ଜାଣି ସେ ଖୁସି ହୋଇଥିଲେ। ଏସବୁ ଅତ୍ୟାଧୁନିକ ପ୍ରଯୁକ୍ତିର ଅପବ୍ୟବହାର ପ୍ରତି ସତର୍କ ରହିବାକୁ ମଧ୍ୟ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

ବର୍ଷ ୨୦୨୩/୨୪ ଏବଂ ୨୫ ପାଇଁ ଏଥର ସମାବର୍ତ୍ତନ *(ପୃଷ୍ଠା ୭ରେ)*

# ୟୁଜିସିର ଫ୍ୟାକ୍ଟଫାଇଣ୍ଡିଂ କମିଟି ଗଠନ

## ୭ଦିନ ଭିତରେ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୫।୭**
**ନ୍ୟୁଜ ବ୍ୟୁରୋ**

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ମୃତ୍ୟୁ ମାମଲାରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଦ୍ୱାରା ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ କରାଯାଇଛି। ୟୁଜିସି ପକ୍ଷରୁ ଏନେଇ ମଙ୍ଗଳବାର ନିର୍ଦ୍ଦେଶନାମା ଜାରି ହୋଇଛି। ପ୍ରଫେସର ରାଜ୍ ମିତ୍ତଲ ଏହି କମିଟିର ଅଧ୍ୟକ୍ଷତାରେ କରିବେ। ଏହି କମିଟିରେ ଅନ୍ୟ ୩ ଜଣଙ୍କୁ ସାମିଲ କରାଯାଇଛି। ୟୁଜିସିର ପୂର୍ବତନ ସଦସ୍ୟ ପ୍ରଫେସର ସୁଷମା ଯାଦବ, ଅହମଦାବାଦସ୍ଥିତ ଗୁଜରାଟ ବିଶ୍ୱବିଦ୍ୟାଳୟର କୁଳପତି ଡ. ନୀର୍ଜା ଗୁପ୍ତା ସଦସ୍ୟ ରହିଥିବା ବେଳେ ୟୁଜିସିର ଯୁଗ୍ମ ସଚିବ ଡ. ଅସୀମା ମଙ୍ଗଳା ଏହି କମିଟିର ସଂଯୋଜକ ଅଧିକାରୀ ଅଛନ୍ତି। ଏହି କମିଟିର ସଦସ୍ୟମାନେ ଘଟଣାର ସମସ୍ତ ଦିଗକୁ ଅନୁଧ୍ୟାନ କରି ରିପୋର୍ଟ ପ୍ରସ୍ତୁତ କରିବେ ଏବଂ ଏହାକୁ ୭ଦିନ ଭିତରେ ଦାଖଲ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ, କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଗତ ୧୨ ତାରିଖ ମଧ୍ୟାହ୍ନରେ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଖୁବ୍ କମ୍ ସମୟ ମଧ୍ୟରେ ତାଙ୍କ ଦେହ ଭୟାନକ ଭାବେ ଜଳି ଯାଇଥିଲା। ପ୍ରଥମେ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ଶରୀରର ୯୫ ପ୍ରତିଶତ ଅଂଶ ପୋଡ଼ି ଯାଇଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିଲା। ତାଙ୍କୁ ସର୍ବୋତ୍ତମ ଚିକିତ୍ସା ଯୋଗାଇ ଦେବା ଲାଗି ଏମ୍ସରେ ଏକ ୧୦ ଜଣିଆ ବିଶେଷଜ୍ଞ ଡାକ୍ତରୀ ଟିମ୍ ଗଲା। ୬୦ ଘଣ୍ଟା ଧରି ଦିନରାତି ଏକ କରି ଦେଇଥିଲେ। *(ପୃଷ୍ଠା ୭ରେ)*

# ପଞ୍ଚଭୂତରେ ବିଲୀନ ହେଲେ ସୌମ୍ୟାଶ୍ରୀ



**ବାଲେଶ୍ୱର, ୧୫।୭ : ନ୍ୟୁଜ୍ ବ୍ୟୁରୋ**

ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କର ଅନ୍ତିମ ସଂସ୍କାର ନିଜ ଜନ୍ମମାଟି ପଳାସିଆ ଗ୍ରାମ ଶ୍ମଶାନରେ ସଂପନ୍ନ ହୋଇଛି। ପଞ୍ଚଭୂତରେ ଲୀନ ହୋଇଛନ୍ତି ସୌମ୍ୟାଶ୍ରୀ ବିଶି । ଅଶ୍ରୁଳ ବିଦାୟ ଦେଇଛନ୍ତି ହଜାର ହଜାର ଗ୍ରାମବାସୀ। *(ପୃଷ୍ଠା ୭ରେ)*

## ସୌମ୍ୟାଶ୍ରୀଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କାର ସହାୟତା ଘୋଷଣା

**ବାଲେଶ୍ୱର, ୧୫।୭ : ନ୍ୟୁଜ୍ ବ୍ୟୁରୋ**

ଏଫ୍.ଏମ୍ କଲେଜ ମୃତ ଛାତ୍ରୀ ସୌମ୍ୟାଶ୍ରୀଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସହାୟତା ନେଇ ସୂଚନା ଦେଇଛନ୍ତି ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ। ମୃତ ସୌମ୍ୟାଶ୍ରୀଙ୍କ ଗାଁରୁ ଗଣମାଧ୍ୟମରେ ପ୍ରତିକ୍ରିୟା ଦେବା ବେଳେ ସାଂସଦ ଶ୍ରୀ ଷଡଙ୍ଗୀ ସହାୟତା କଥା ସ୍ପଷ୍ଟ କରିଛନ୍ତି।

ଅନ୍ୟପକ୍ଷରେ ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ସୌମ୍ୟାଶ୍ରୀଙ୍କ *(ପୃଷ୍ଠା ୭ରେ)*

DSPL-174



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସତ୍ୟମେବ ଜୟତେ
୨୦୨୫ ଆନ୍ତର୍ଜାତିକ ସମବାୟ ବର୍ଷ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୨୦୨୫ ଖରିଫ୍ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ

ଏତଦ୍ୱାରା ରାଜ୍ୟର ସମସ୍ତ କୃଷକ ଭାଇଭଉଣୀମାନଙ୍କୁ ସୂଚିତ କରାଯାଉଅଛି ଯେ ଚଳିତ ଖରିଫ୍ ଫସଲର ବୀମା ପଞ୍ଜିକରଣ ଯଥାଶୀଘ୍ର କରାଇ ନିଅନ୍ତୁ

- ବିଜ୍ଞାପିତ ଅଞ୍ଚଳରେ ଚାଷ ହୋଇଥିବା ୮ ଗୋଟି ଫସଲ ଯଥା - **ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ଼, ଅଦା ଓ ହଳଦୀ** ପାଇଁ ବୀମା କରାଯାଇପାରିବ ।
- ପ୍ରାକୃତିକ ଦୁର୍ବିପାକ ଦ୍ୱାରା ଫସଲ ଅମଳରେ କ୍ଷତି ହେଲେ ଏହି ଯୋଜନାରେ ଚାଷୀ ଭାଇଭଉଣୀମାନେ କ୍ଷତିପୂରଣ ପାଇପାରିବେ ।
- ଭାଗ ଚାଷୀ ମଧ୍ୟ ନିର୍ଦ୍ଧାରିତ ଫର୍ମରେ ଜମି ମାଲିକଙ୍କଠାରୁ ସହମତି ଆଣି ନିଜ ଫସଲର ପଞ୍ଜିକରଣ କରିପାରିବେ ।
- ଋଣୀ ଚାଷୀମାନେ ଋଣ ନେଇଥିବା ଅନୁଷ୍ଠାନ ଯଥା- **ପ୍ରାଥମିକ କୃଷି ସମବାୟ ସମିତି (PACS)**, **ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି (LAMPCS)** ଓ **ବ୍ୟାଙ୍କ ଶାଖାରେ** ଏହି ପଞ୍ଜିକରଣ କରାଇପାରିବେ ।
- ଅଣଋଣୀ ଚାଷୀମାନେ **ଜନସେବା କେନ୍ଦ୍ର (CSC)**, **ସମବାୟ ବ୍ୟାଙ୍କ ଶାଖା ତଥା ଅନ୍ୟାନ୍ୟ ବ୍ୟାଙ୍କ ଶାଖାରେ** ଆବଶ୍ୟକୀୟ କାଗଜ ପତ୍ର ଦେଇ ଏହି ପଞ୍ଜିକରଣ କରାଇ ପାରିବେ ।
- ଏହି ପଞ୍ଜିକରଣ ପାଇଁ **ଆଧାର କାର୍ଡ (Aadhar Card)** ବାଧ୍ୟତାମୂଳକ ଅଟେ ।
- ଜଣେ ଚାଷୀ ପାଇଁ ସର୍ବାଧିକ **୫ ଏକର** ପର୍ଯ୍ୟନ୍ତ ଚାଷ ଜମିର ପଞ୍ଜିକରଣ **ବିନା କୌଣସି ଦେୟରେ** କରାଯିବ । ବ୍ୟାଙ୍କ ଆକାଉଣ୍ଟ **Validation** ପାଇଁ ଆବେଦନ ପତ୍ର ପିଛା କେବଳ ୧ ଟଙ୍କା ଦେବାକୁ ପଡ଼ିବ ।
- ଅଧିକ ବିବରଣୀ ପାଇଁ ନିକଟସ୍ଥ **କୃଷି ସମବାୟ ସମିତି (PACS/ LAMPCS)**, ବ୍ୟାଙ୍କ ଶାଖା କିମ୍ବା **ARCS, DRCS, CDAO** ଅଫିସରେ ଯୋଗାଯୋଗ କରନ୍ତୁ ।

ଶେଷ ତାରିଖ ପୂର୍ବରୁ ନିଜ ଫସଲର ପଞ୍ଜିକରଣ କରାଇଦେବାକୁ ଅନୁରୋଧ

ପଞ୍ଜିକରଣର ଶେଷ ତାରିଖ
୩୧ ଜୁଲାଇ ୨୦୨୫

ସମବାୟ ବିଭାଗ, ଓଡ଼ିଶା ସରକାର

OIPR-39001/13/0028/2526

31 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୧୬ ଜୁଲାଇ ୨୦୨୫ ବୁଧବାର





# ଗୋପାଳପୁର କଲେଜର ଅତିରିକ୍ତ କୋଠା ଅଧପନ୍ତରିଆ:ଛାତ୍ରଛାତ୍ରୀଙ୍କ ଅସନ୍ତୋଷ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗୋପାଳପୁର କଲେଜ ପରିସରରେ ରୁସା ଅନୁଦାନରୁ ନିର୍ମାଣାଧୀନ ଅତିରିକ୍ତ କୋଠା କାମ ୩ ବର୍ଷ ହେଲା ସରୁନି । ଛାତ୍ରଛାତ୍ରୀ ବିଭିନ୍ନ ସମସ୍ୟା ଭୋଗୁଥିବା ଅଭିଯୋଗ ହୋଇଛି । ୨୦୧୮ ମସିହାରେ ଅତିରିକ୍ତ କୋଠା ନିମନ୍ତେ ଖଲ୍ଲିକୋଟ କ୍ଲଷ୍ଟର ପକ୍ଷରୁ ୨ କୋଟି ୧୯ ଲକ୍ଷ ୪୮ ହଜାର ୭୫୦ ଟଙ୍କା ମଞ୍ଜୁର ହୋଇଥିଲା । ଏହି ଅର୍ଥରେ ୭ଟି କୋଠରୀ ବିଶିଷ୍ଟ କୋଠା ତିଆରି ଚାଲିଛି । ଏଥିରେ ଗୋଟିଏ କମ୍ପ୍ୟୁଟର ଲ୍ୟାବ୍, ୩ଟି ସ୍ମାର୍ଟ କ୍ଲାସ୍ ରୁମ୍ ଓ ଆର୍ଟସ୍ ବ୍ଲକ୍ ପାଇଁ ୩ଟି କୋଠାରୀ ରହିଛି । ଏହି କାମ ଆର୍.ଡ଼ି. ଡ଼ିଭିଜନ୍-୨କୁ ଦିଆଯାଇଥିଲା । କୋଠା ନିର୍ମାଣ ପାଇଁ ଗତ ୨୦୧୯ରେ ଶତକଡ଼ା ୫୦ ଭାଗ ଅର୍ଥ ପୈଠ କରାଯାଇଥିଲା । କିନ୍ତୁ ୧.୭.୨୦୨୦ରେ ଟଙ୍କା କଲେଜକୁ ଫେରସ୍ତ ହୋଇଥିଲା । ପରେ ସରକାରଙ୍କ ଅନୁମତି କ୍ରମେ ୨୦୨୧ ମସିହାରେ ପୁଣି ଏଷ୍ଟିମେଟ୍ କରି ୨ କୋଟି ୩୯ ଲକ୍ଷ ୩୭ ହଜାର ଟଙ୍କା ଚୂଡ଼ାନ୍ତ ହୋଇଥିଲା । ପ୍ରାୟ ୩୪ ଲକ୍ଷ ଟଙ୍କା ବର୍ଦ୍ଧିତ ହୋଇଥିଲେ ମଧ୍ୟ କଲେଜ ପକ୍ଷରୁ ୧୧.୧୧.୨୦୨୧ରେ ପୁରା ଟଙ୍କା ପୈଠ କରାଯାଇଥିଲା । ୨୦୨୨ ମସିହାରେ କୋଠା କାମ ଆରମ୍ଭ ହୋଇଥିଲା । ଏଯାବତ୍ ଶତକଡ଼ା ୯୦ ଭାଗ କାମ ସରିଛି । ଡ୍ରେନ୍, ବିଦ୍ୟୁତ୍ ଯୋଗାଣ, ଶୌଚାଳୟ, ଗାର୍ଡ଼ ୱାଲ୍ ଆଦି କାମ ବକେୟା ରହିଛି । ଆର୍.ଡ଼ି ବିଭାଗ ପକ୍ଷରୁ ସରକାରଙ୍କୁ ଡ଼େଭିଏସନ୍ ପାଇଁ ଚିଠି କରାଯାଇଥିଲେ ମଧ୍ୟ ସ୍ୱୀକୃତି ମିଳିନଥିବାରୁ କାମ ବନ୍ଦ ରହିଛି । କାମ ସରିଲେ ଏହି କୋଠାରେ ଯୁକ୍ତ ୩ ଏବଂ ପିଜି ବିଭାଗ ଛାତ୍ରଛାତ୍ରୀମାନେ ପାଠପଢ଼ା ସୁଯୋଗ ପାଇପାରିବେ । କଲେଜ ଅଧ୍ୟକ୍ଷ ଡ଼. ରାମପ୍ରସାଦ ପଣ୍ଡା କହିଛନ୍ତି ଯେ- ପ୍ରାୟ ୩ ବର୍ଷ ହେଲା କୋଠା କାମ ନିର୍ମାଣ ଆରମ୍ଭ ହୋଇଥିଲେ ମଧ୍ୟ ଆଜି ସୁଦ୍ଧା ଆମକୁ ହସ୍ତାନ୍ତର ହୋଇନାହିଁ । କାମ ବିଳମ୍ବ ହେଉଥିବାରୁ ବର୍ଦ୍ଧିତ ଖର୍ଚ୍ଚ ସକାଶେ କଲେଜରୁ ଅର୍ଥ ଦେବାକୁ ପଡ଼ୁଛି । ଏନେଇ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ମନ୍ତ୍ରୀ ବିଭାଗକୁ ମଧ୍ୟ ଅବଗତ କରିଥିବା ସେ କହିଛନ୍ତି ।




# ଛାତ୍ରୀ ନିର୍ଯାତନାର ପ୍ରତିବାଦରେ ବଜାର ପରିକ୍ରମା

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଏଫ୍.ଏମ୍ କଲେଜ ଛାତ୍ରୀ ନିର୍ଯାତନା ଘଟଣା ପ୍ରତିବାଦରେ ଏଆଇଡିଏସ୍ଓ ଜାରକା ଆଞ୍ଚଳିକ ୟୁନିଟ୍ ପକ୍ଷରୁ ଧର୍ମଶାଳା ମହାବିଦ୍ୟାଳୟ ଠାରୁ ଏକ ଶୋଭାଯାତ୍ରା ବାହାରି ଜାରକା ବଜାର ପରିକ୍ରମା କରିଥିଲା। ପରେ ଜାରକା ବସ୍ଷ୍ଟାଣ୍ଡ ନିକଟରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପୋଲିସ ପ୍ରଶାସନ ଠାରୁ ଆରମ୍ଭକରି କଲେଜ୍ କର୍ତ୍ତୃପକ୍ଷ ଏପରିକି ସ୍ଥାନୀୟ ଜନପ୍ରତିନିଧିଙ୍କୁ ଅଭିଯୋଗ ଜଣାଇବା ପରେ ମଧ୍ୟ ଛାତ୍ରୀଙ୍କୁ ନ୍ୟାୟ ମିଳିଲାନାହିଁ। ଫଳରେ ଛାତ୍ରୀ ଜଣଙ୍କ ଚରମ ପଦକ୍ଷେପ ନେବାକୁ ବାଧ ହେଲେ। ରାଜ୍ୟରେ ଆଜି ଛାତ୍ରୀ ନିରାପଦାନାହିଁ। ସରକାର ନୀରବଦ୍ରଷ୍ଟା। ଏହିଘଟଣାର ଉପଯୁକ୍ତ ତଦନ୍ତ କରି ଛାତ୍ରୀଙ୍କୁ ଆତ୍ମାହୁତି ଦେବାକୁ ବାଧ କରିଥିବା ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ଦେବାପାଇଁ ବକ୍ତାମାନେ ଦାବି କରିଥିଲେ। ଏଆଇଡିଏସ୍ଓ ଜିଲ୍ଲା ଉପସଭାପତି ଦମୟନ୍ତୀ ମୁଦୁଲି, ସଂଗଠିକା ପ୍ରଭାତୀ ମଲିକ, ମଧୁସୂଦନ ସେଠୀ, ଜ୍ୟୋତିର୍ମୟୀ ବେହେରା, ବିଚିତ୍ର ଦାସ, ଅକ୍ଷୟ କୁମାର ମଲ୍ଲିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ବିବାହିତ ମହିଳାଙ୍କୁ ଗଣଦୁଷ୍କର୍ମ ଅଭିଯୋଗ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଜଣେ ବିବାହିତ ମହିଳାଙ୍କୁ ଗଣଦୁଷ୍କର୍ମ ହୋଇଥିବା ପୀଡିତା ପୋଲିସ ଆଗରେ ଅଭିଯୋଗ କରିଛନ୍ତି । ଏଥିରେ ତାଙ୍କ ସ୍ୱାମୀ ସମେତ ତିନି ଜଣ ଯୁବକ ସାମିଲ ଥିବା ପୋଲିସ ପୀଡିତାଙ୍କ ବୟାନ ରେକର୍ଡ କରିଛି । ରାତିରେ ବ୍ରହ୍ମପୁର ନିମଖଣ୍ଡି ଥାନା ଅଞ୍ଚଳରେ ରାତି ଗୋଟାଏ ସମୟରେ ଘଟଣା ଘଟିଥିବା ବେଳେ ସକାଳେ ପୀଡିତା ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ । ପୀଡିତାଙ୍କୁ ଗଞ୍ଜାମ ଥାନାରେ ଅଭିଯୋଗ କରିବାକୁ ମହିଳା କମିଶନ କହିବା ପରେ ସେଠାରୁ ବସ୍ ଯୋଗେ ଗଞ୍ଜାମରେ ପହଞ୍ଚିଥିଲେ । ଭାରତୀ ବିଦ୍ୟାପୀଠ ସ୍କୁଲ୍ ସମ୍ମୁଖରେ ହଠାତ୍ ଅଚେତ ହୋଇପଡିଯାଇଥିଲେ ମହିଳା ଜଣକ । ସ୍ଥାନୀୟ ଲୋକେ ତାଙ୍କୁ ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଖବରପାଇ ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ପାତ୍ର ଓ ଏଏସ୍ଆଇ ସୁପ୍ରଭା ସାହୁ ମେଡିକାଲ୍‌ରେ ପହଞ୍ଚି ମହିଳାଙ୍କ ବୟାନ୍ ରେକର୍ଡ କରିବା ସହ ଅଧିକ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ୍ ପଠାଇଥିବା ଜଣାପଡିଛି । ମେଡିକାଲ୍ ଆମ୍ବୁଲାନ୍ସ ନଥିବାରୁ ପୋଲିସ ନିଜ ଗାଡ଼ିରେ ବ୍ରହ୍ମପୁର ନେଇଥିଲା । ଅନ୍ୟପଟେ ନିମଖଣ୍ଡି ଥାନାରେ ପୀଡିତ ମହିଳା ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣିନଥିଲେ ବୋଲି କହିଥିଲେ ମହିଳା ଜଣକ । କିଛି ଲୋକ ଉଦ୍ଧାର କରି ଗଞ୍ଜାମ ମେଡିକାଲ୍‌କୁ ଆଣିଥିଲେ। ମହିଳାଙ୍କ ଶାଶୂଘର ଗଞ୍ଜାମ ସହରରେ । ତାଙ୍କୁ ତାଙ୍କ ସ୍ୱାମୀ ଇଞ୍ଜେକ୍‌ସନ୍ ଦେଇ ବଳାତ୍କାର ହୋଇଥିବା ପୀଡିତ ଜଣଙ୍କ ଗଞ୍ଜାମ ପୋଲିସ ଆଗରେ ବୟାନ ଦେଇଛନ୍ତି । ଅନ୍ୟପଟେ ମହିଳାଙ୍କ ଶଶୁର ଘଟଣାରେ ସତ୍ୟତା ନଥିବା ଗଣମାଧ୍ୟମକୁ କହିଛନ୍ତି ।

# 'ସ୍ୱାସ୍ଥ୍ୟ ସେବା ପାଇବା ଆମ ସମସ୍ତଙ୍କ ମୌଳିକ ଅଧିକାର'

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ରବିବାର ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରି ଡାକ୍ତରଖାନାର ବିଭିନ୍ନ ବିଭାଗ ବୁଲି ଦେଖିବା ସହ ରୋଗୀଙ୍କର ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ଏହି ପରିଦର୍ଶନ ସମୟରେ ରୋଗୀ ଓ ସେମାନଙ୍କ ପରିବାରବର୍ଗଙ୍କ ସହ କଥା ହୋଇ ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ସାଂସଦ ପଚାରି ବୁଝିବା ସହ ସ୍ୱାସ୍ଥ୍ୟ କର୍ମଚାରୀ ଓ ଡାକ୍ତରଙ୍କ ସହ ଡାକ୍ତରଖାନାର ବିଭିନ୍ନ ବ୍ୟବସ୍ଥା ଓ ଅବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଚିକିତ୍ସାଳୟର ବିଭିନ୍ନ ସମସ୍ୟା ଗୁଡ଼ିକର ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସଂପୃକ୍ତ ବିଭାଗ ସହ ଯୋଗାଯୋଗ କରିବା ସହ ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ଓ ଡାକ୍ତରଖାନାର ଆଧୁନିକୀକରଣ ନିମନ୍ତେ ଅବିରାମ ପ୍ରଚେଷ୍ଟା ଜାରି ରଖିବା ପାଇଁ ମତବ୍ୟକ୍ତ କରିଥିଲେ। ଆମର ଲକ୍ଷ୍ୟ ହେଉଛି ପ୍ରତ୍ୟେକ ନାଗରିକ ଗୁଣବତ୍ତା ସମ୍ପନ୍ନ ସ୍ୱାସ୍ଥ୍ୟସେବା ପାଇବା ନିହାତି ଦରକାର। ସ୍ୱାସ୍ଥ୍ୟସେବା ଆମ ସମସ୍ତଙ୍କର ମୌଳିକ ଅଧିକାର ଏବଂ ଏହାର ଗୁଣବତ୍ତା ବୃଦ୍ଧି ଆମର ପ୍ରାଥମିକତା ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି ପରିଦର୍ଶନ ସମୟରେ ବାଲିଗୁଡା ବ୍ଲକ ସାଂସଦ ପ୍ରତିନିଧି ରଞ୍ଜିତ କୁମାର ସାହୁ, ଏନ୍‌ଏସି ସାଂସଦ ପ୍ରତିନିଧି ଆଦିକନ୍ଦ ପଟ୍ଟନାୟକ, ନଗର ସଭାପତି ମନୋଜ କୁମାର ରଥ, ପୂର୍ବତନ ଜିଲ୍ଲା ସଭାପତି ଜଗନ୍ନାଥ ସାହୁ, ଶୁଭାଶିଷ ମିଶ୍ର, ରଞ୍ଜିତ କୁମାର ଚୌଧୁରୀ, ଦିଗାମ୍ବର ପାଣିଗ୍ରାହୀଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ ।

# କୁଆଖିଆ ଥାନା ଅଞ୍ଚଳରେ ଧଳା ଜହର କାରବାର ବୃଦ୍ଧି

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାରେ ଏବେ ଧଳା ଜବହର କାରବାର ବୃଦ୍ଧି ପାଇବାରେ ଲାଗିଛି । ଗଲା କିଛି ଦିନ ହେବ ଧରପଗଡ ହେବା ଫଳରେ ଏହି କାରବାରରେ ସାମାନ୍ୟ ରୋକ୍ ଲାଗିଥିଲା । ଏବେ ପୋଲିସ ସେପରି କିଛି ଦୃଢ଼ କାର୍ଯ୍ୟାନୁଷ୍ଠାନ ନନେବାରୁ ଏବେ ଏହି କାରବାର ବହୁଳ ମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି । ଯୁବ ଗୋଷ୍ଠୀ ଏହି କାରବାରରେ ସମ୍ପୃକ୍ତି ରହିଥିବା ବେଳେ ଅନେକ ସମୟରେ ଅପରାଧିକ ମାମଲା କରିବାରୁ ପଛାଉନାହାନ୍ତି । କିଛିଦିନ ପୂର୍ବେ ଧର୍ମଶାଳା ଥାନା ଅଞ୍ଚଳରେ ଏହି କାରବାର ବୃଦ୍ଧି ପାଇଥିଲା । ବାରମ୍ବାର ଗଣମାଧମ ଓ ସାମାଜିକ ଗଣମାଧମରେ ଖବର ପ୍ରଚାରିତ ହେବାପରେ ପୋଲିସ ସକ୍ରୀୟ ହୋଇ ଏହି ଘଟଣାରେ ସମ୍ପୃକ୍ତଥିବା ବ୍ୟବସାୟୀ ଓ ଯୁବକଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ବ୍ରାଉନ୍ ସୁଗାର ଜବତ କରିଥିଲା । ଏହି କାର୍ଯ୍ୟାନୁଷ୍ଠାନ ନେବା ଫଳରେ କାରବାରରେ ସାମାନ୍ୟ ରୋକ୍ ଲାଗିଥିଲା । କିଛି ବ୍ୟବସାୟୀ କାର୍ଯ୍ୟାନୁଷ୍ଠାନ ଭୟରେ ଧର୍ମଶାଳା ଥାନା ଅଞ୍ଚଳ ଛାଡି ଏବେ କୁଆଖିଆ ଥାନା ଅଞ୍ଚଳରେ ଆଡା ଜମାଇଛନ୍ତି । ଏହି ଥାନା ଅନ୍ତର୍ଗତ ମୂଳାପାଳ ଛକ ଓ ରାଜେନ୍ଦ୍ରପୁର ରାସ୍ତାରେ ଏହି କାରବାର ବୃଦ୍ଧି ପାଇବାରେ ଲାଗିଛି । ବ୍ୟବସାୟୀମାନେ ବାଇକ୍‌ରେ ଆସି ଏହି ସ୍ଥାନମାନଙ୍କରେ ଯୁବକମାନଙ୍କୁ ଯୋଗାଇ ବେଶ୍ ଦୁଇ ପଇସା ରୋଜଗାର କରିଥାନ୍ତି । ଯୁବକମାନଙ୍କ ହାତପାହାନ୍ତାରେ ବ୍ରାଉନ୍ ସୁଗାର ପାଇଯିବାରୁ ଅନେକ ଅପରାଧିକ ମାମଲା କରିବାକୁ ପଛାଉନାହାନ୍ତି । ଏ ଦିଗରେ କୁଆଖିଆ ପୋଲିସ କୌଣସି ପଦକ୍ଷେପ ନ ନେବାରୁ ଏହି ଅଞ୍ଚଳରେ ବ୍ରାଉନ୍ ସୁଗାର କାରବାର ବୃଦ୍ଧି ପାଇବାରେ ଲାଗିଛି । ଜିଲ୍ଲା ପ୍ରଶାସନ ଏହି ଅଞ୍ଚଳ ପ୍ରତି ତୁରନ୍ତ ଦୃଷ୍ଟି ଦେଇ କାରବାରରେ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ରୋଷେଇ ଘର ତାତି ବଢ଼ାଉଛି ପରିବା ଦର



**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ପ୍ରତ୍ୟେକ ବର୍ଷ ବର୍ଷା ଋତୁ ଆରମ୍ଭ ହେବା ପରେ ପରେ ପରିବା ଦର ହଠାତ୍ କିଛି କିଛି ବୃଦ୍ଧି ପାଇଥାଏ। ହେଲେ ଚଳିତ ବର୍ଷ ପନିପରିବା ଦର ଏପରି ଆକାଶ ଛୁଆଁ ହୋଇଯାଇଛି ଯେ ମଧ୍ୟବିତ୍ ଓ ଗରିବ ଗୁରୁବାରଙ୍କ ରୋଷେଇ ଘର ତାତିକୁ ବଢ଼ାଇ ଦେଇଛି। ଏହି ଅଳ୍ପଦିନ ମଧ୍ୟରେ ପନିପରିବା ଦର ହଠାତ୍ ଦୁଇଗୁଣ ବଢ଼ିଯିବା ନେଇ ଖାଉଟି ଚିନ୍ତାରେ ପଡ଼ିଯାଇଛି। ପକେଟ୍ ଖାଲି ହେଲେ ମଧ୍ୟ ଦୁଇଶହ ଟଙ୍କାରେ ଅଧା ବ୍ୟାଗ୍ ପରିବା ଭର୍ତି ହେଉନାହିଁ। ଏବେ ଅନେକ ଦେଖିବାକୁ ମିଳୁଛି ଯେ ପୂର୍ବରୁ ପରିବା ଖାଉଟି ବେଗ୍‌ରେ ପରିବା ଆଣୁଥିବା ବେଳେ ବର୍ତମାନ ପଲିଥିନ୍‌ରେ ଆଣୁଛନ୍ତି । ପରିବାଦର ପ୍ରତ୍ୟେକ ବର୍ଷ ୫୦ ଟଙ୍କା ପାଖାପାଖି ରହୁଥିବା ବେଳେ ଚଳିତ ବର୍ଷ ୧୦୦ ଉପରେ ରହିଛି। ଯାହାକି ଗରିବ ଓ ମଧ୍ୟବର୍ତ୍ତୀ ପରିବାର ପାଇଁ ବହୁତ କଷ୍ଟଦାୟକ ହୋଇପଡିଛି। ରବିବାର ସମ୍ବଲପୁର ଜିଲ୍ଲା ସଦରମହକୁମା ଠାରୁ ନେଇ କୁଚିଣ୍ଡା ଏପରିକି ଜମନକିରା ବ୍ଲକ ରେଙ୍ଗାଲବେଡା ବାଜାର ପରିସରରେ କେଜି ପ୍ରତି କଲରା ୧୨୦, ପୋଟଳ ୧୨୦, ଭେଣ୍ଡି ୧୨୦, ବାଇଗଣ ୧୨୦, ଖଡା ୧୨୦, ପାତଳଘଣ୍ଟା ୪୦ ଏବଂ ଅନ୍ୟାନ୍ୟ ଅନେକ ପନିପରିବା ଦର ଆକାଶ ଛୁଆଁ ବଢ଼ିଥିବା ଅସନ୍ତୋଷର କାରଣ ପାଲଟିଛି। ବଜାରକୁ ଆସିଥିବା ଖାଉଟି ଲିପନ୍ ନାୟକଙ୍କୁ ପରିବା ଦର ସମ୍ପର୍କରେ ପଚାରିବାରୁ ସେ ହାସ୍ୟ ଭାବରେ କହିଥିଲେ ପରିବା ଦର ଆକାଶ ଛୁଆଁ। ମୁଁ କେବଳ ଆଳୁ ନେଇ କି ଯାଉଛି, ଅଣ୍ଡା ଝୋଳ ଖାଇକି ଚଳିଯିବୁ। କାରଣ ଅଣ୍ଡା ଦର ପରିବା ଠୁଁ କମ୍ ଦର। ନିୟମିତ ବର୍ଷା ଦିନବେଳେ ପନିପରିବା ଦର ବୃଦ୍ଧି ହୋଇ ଆସୁଥିଲେ ମଧ୍ୟ ଏହାକୁ ନିୟନ୍ତ୍ରଣ କରିବା ଦିଗରେ ବ୍ଲକ୍ ପ୍ରଶାସନ, ଜିଲ୍ଲା ପ୍ରଶାସନ ବା ରାଜ୍ୟ ସରକାର ଏହି ଅଞ୍ଚଳରେ ଶୀତଳଭଣ୍ଡାର ନିର୍ମାଣର ଆବଶ୍ୟକତା ଉପଲବ୍ଧି ନକରିବା ଚାଷୀ ଓ ଖାଉଟିଙ୍କ ମହଲରେ ମୁଖ୍ୟ ପ୍ରଶ୍ନବାଚୀ ହୋଇଛି ।

# ଉମରକୋଟରେ ଅଧିଷ୍ଠାତ୍ରୀ ଦେବୀ ରୂପେ ବିରାଜିତ ମା' ପେଣ୍ଡ୍ରାଣୀ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**



ଭକ୍ତଙ୍କ ରହିଛି ଅଗାଢ଼ ବିଶ୍ୱାସ ମନସ୍କାମନା ପୂର୍ଣ୍ଣ କରନ୍ତି ମା' ପେଣ୍ଡ୍ରାଣୀ। ମା' ବୋଲି ଥରେ ନିଜ ଅନ୍ତରାତ୍ମାରୁ ଯଦି କେହି ଡାକିବ, ମା' ନିଜ ସନ୍ତାନର ଦୁଃଖକଷ୍ଟ ଦୂର କରିଦିଅନ୍ତି। ଯୁଗ ଯୁଗ ଧରି ଏହା ପ୍ରମାଣିତ ଯେ ଭକ୍ତ ପାଇଁ ମା' ଏ ଧରାପୃଷ୍ଠରେ ଭିନ୍ନ ଭିନ୍ନ ରୂପରେ ଆବିର୍ଭୂତ। ସେହି ମା' ଶକ୍ତିର ଏକ ରୂପ ମା' ପେଣ୍ଡ୍ରାଣୀ। ନବରଙ୍ଗପୁର ଜିଲ୍ଲାର ଉମରକୋଟ ସହରରେ ଅଧିଷ୍ଠାତ୍ରୀ ଦେବୀ ରୂପେ ବିରାଜମାନ। ଲୋକକଥା ଅନୁସାରେ ମା' ଜନ୍ମ ନିଅନ୍ତି ବର୍ତ୍ତମାନର ଛତିଶଗଡ଼ ରାଜ୍ୟ ଅନ୍ତର୍ଗତ ବିଶ୍ରାମପୁର ଅଞ୍ଚଳରେ ଥିବା ପେଣ୍ଡରାଗଣ୍ଡ ଗ୍ରାମରେ। ଆଦିବାସୀ ପରମ୍ପରା ଅନୁଯାୟୀ ଝିଅ ପାଇଁ ବର ଠିକ୍ ହେବାପରେ ପୁଅ ଝିଅ ଘରେ ରୁହେ ଯାହାକି ଘର ଜ୍ୱାଇଁ କୁହାଯାଏ। ବିବାହ ଠିକ୍ ହେବା ବର୍ଷ ଅଧିକ ବର୍ଷା ଯୋଗୁଁ ପେଣ୍ଡ୍ରାଣୀଙ୍କ ଚାଷ ଜମିରେ ଥିବା ବନ୍ଧରେ ପାଣି ଅଟକୁନଥିଲା ବାରମ୍ବାର ବନ୍ଧ ଭାଙ୍ଗିବାରୁ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ପେଣ୍ଡ୍ରାଣୀଙ୍କ ଭାଇମାନେ ନିଜ ଭାବି ଜାମାତାଙ୍କୁ ନରବଳି କରି ଜମି ମଧ୍ୟରେ ସମାଧି ଦିଅନ୍ତି। ନିଜ ମୃତ ସ୍ୱାମୀଙ୍କ ଠାବ ପାଇଁ ମା' ମଧ୍ୟ ସେହି ଜମିରେ ଆତ୍ମାହୁତି ଦେଇ ସତୀ ହୁଅନ୍ତି। ପରେ ପେଣ୍ଡରା ବୃକ୍ଷ ତଳେ ଜନ୍ମ ନେବି କଥା ନିଜ ବାପା ମାଆଙ୍କୁ ସ୍ୱପ୍ନାଦେଶ ଦେଇ ସେଠାରେ ପୂଜା କରିବା ପାଇଁ ନିର୍ଦ୍ଦେଶ ଦିଅନ୍ତି। ସେହିଦିନ ଠାରୁ ମା' ପେଣ୍ଡ୍ରାଣୀ ନାମେ ବିଖ୍ୟାତ ହୁଅନ୍ତି। କିନ୍ତୁ କାଳ କ୍ରମେ ଉମରକୋଟରେ ମା'ଙ୍କ ମନ୍ଦିର ପ୍ରତିଷ୍ଠା ହୁଏ ଏବଂ ପ୍ରତିବର୍ଷ ଶ୍ରାବଣ ମାସର ପ୍ରଥମ ସୋମବାର ଦିନ ମାୟରେ ଯାତ୍ରା ଅନୁଷ୍ଠିତ ହୁଏ। ସମୟ କ୍ରମେ ମା' ଆସି ପୂଜା ପାଆନ୍ତି ନବରଙ୍ଗପୁର ଜିଲ୍ଲା ପୋଡ଼ଗଡ ଓ ପରେ ଉମରକୋଟ ବ୍ଲକ ଅନ୍ତର୍ଗତ ପୂଜାରୀ ଭରଣ୍ଡୀ ଗ୍ରାମରେ । ଏପରିବି ଲୋକକଥା ଅଛି ଯେ ଉମରକୋଟରେ ମା'ଙ୍କ ମନ୍ଦିର ପ୍ରତିଷ୍ଠା ଏହିପରି ହୋଇଥିଲା। ବହୁବର୍ଷ ପୂର୍ବେ ଜୟପୁର ରାଜା ବିକ୍ରମଦେବ ଉମରକୋଟ ଭ୍ରମଣ ସମୟରେ ରାଜାଙ୍କ ଘୋଡା ହଜିଯାଇଥିଲା। ସେତେବେଳେ ରାଜା ମା'ଙ୍କ ମହିମା ପରଖିବା ପାଇଁ ସର୍ତ୍ତ ରଖିଲେ ଯେ, ଯଦି ତାଙ୍କ ଅଶ୍ୱ ମିଳିଯାଏ ତେବେ ସେ ଉମରକୋଟ ଠାରେ ଏକ ମନ୍ଦିର ନିର୍ମାଣ କରାଇବେ। ମା'ଙ୍କ ମହିମାରେ ତାପରଦିନ ଅଶ୍ୱ ଆସି ରାଜାଙ୍କ ଶିବିର ନିକଟରେ ବୁଲିଲା। ଯେଉଁଠାରେ ଘୋଡା ମିଳିଥିଲା ରାଜା ଉମରକୋଟର ସେହି ସ୍ଥାନରେ ଠାରେ ମା' ପେଣ୍ଡ୍ରାଣୀଙ୍କ ଏକ ମନ୍ଦିର ନିର୍ମାଣ କରାଇଥିଲେ। ବର୍ତମାନର ମନ୍ଦିରରେ ସେହିଦିନ ଠାରୁ ପୂଜା ପାଉଛନ୍ତି। ଧୀରେ ଧୀରେ ମା'ଙ୍କ ମହିମା ଚାରିଆଡ଼େ ପ୍ରସାରିତ ହେଲା। ଆଜି ମଧ୍ୟ ପ୍ରତିବର୍ଷ ଦଶହରା ସମୟରେ ମା'ଙ୍କ ପ୍ରତିମା ଲାଠି ଜୟପୁର ଯାଏ ଓ ରାଜ ନହରରେ ମା' ପହଞ୍ଚିବା ପରେ ଦଶହରା ପାଳନ ହୁଏ, ବର୍ତ୍ତମାନ ମା' ନବ ନିର୍ମିତ ମନ୍ଦିରରେ ପୂଜା ପାଉଛନ୍ତି। ରବିବାର ହେଉଛି ମା'ଙ୍କ ପୂଜା ବାର। ଏହିଦିନ ମାତାଙ୍କ ମନ୍ଦିରରେ ଦୂର ଦୂରାନ୍ତରୁ ଭକ୍ତଙ୍କ ଭିଡ଼ ଲାଗେ। ମା'ଙ୍କ ପାଖରେ ନିଜ ଦୁଃଖ ମନାସି ଅସଂଖ୍ୟ ଭକ୍ତଙ୍କ ମନସ୍କାମନା ପୂରଣ ହୋଇଛି। ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ହୋଇଥିବାରୁ ରଥଯାତ୍ରା ବେଳେ ଯେ ପର୍ଯ୍ୟନ୍ତ ମା'ଙ୍କ ବିମାନ ରଥାରୂଢ଼ ନ ହୁଏ, ସେ ପର୍ଯ୍ୟନ୍ତ ରଥ ଗଡ଼େ ନାହିଁ। ବାହୁଡ଼ା ଯାତ୍ରା ପରବର୍ତ୍ତୀ ସୋମବାର ଦିନ ମା' ପେଣ୍ଡ୍ରାଣୀଙ୍କ ବାର୍ଷିକ ଯାତ୍ରା ମହା ଆଡ଼ମ୍ବରରେ ପାଳନ କରାଯାଏ । ଦୂରଦୂରାନ୍ତରୁ ହଜାର ହଜାର ଭକ୍ତ ମା'ଙ୍କ ଦର୍ଶନ ପାଇଁ ଆସନ୍ତି । ଏହା ମଧ୍ୟ ପ୍ରମାଣିତ ଯେ ମା'ଙ୍କ ମାଟିରେ କେହି ମଧ୍ୟ ଭୋକିଲା ରହେନାହିଁ। ମା'ଙ୍କ ଆଶୀର୍ବାଦରୁ ଯେ କେହି ମଧ୍ୟ ଏହି ଉମରକୋଟ ମାଟିରେ ଆଶ୍ରୟ ନେଇଛନ୍ତି ସେମାନେ ସୁଖସମୃଦ୍ଧି ପାଇଛନ୍ତି। ମାଟି ମା' ପେଣ୍ଡ୍ରାଣୀଙ୍କ ମାଟି ଲୋକଙ୍କ ବିଶ୍ୱାସ ଅଛି ମା'ଙ୍କ ଶରଣକୁ ଗଲେ କେବେ ଭୋକିଲା ରହିବ ନାହିଁ । ମା' ନିଜ ପଣତ ତଳେ ଘୋଡାଇ ରଖନ୍ତି ନିଜ ପୁଅ ଝିଅଙ୍କୁ।

# ଏଣିକି ବ୍ଲକ ସ୍ତରରେ ମିଳିବ ଭିନ୍ନକ୍ଷମ ପ୍ରମାଣପତ୍ର

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳ କୋରାପୁଟ ଭି. କୀର୍ତ୍ତିୱାସନଙ୍କ ଉଦ୍ୟମରେ ଏବେ ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇଁ ଭିନ୍ନକ୍ଷମ ବ୍ୟକ୍ତି ବିଶେଷଙ୍କୁ କୋରାପୁଟ ସଦର ମହକୁମା ଓ ଜୟପୁର ସହିତ ଏଣିକି ନିଜ ବ୍ଲକ ସ୍ତରରେ ବ୍ଲକ ସଦର ମହକୁମାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେଇ ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇପାରିବେ। ଏହି ଉପଲକ୍ଷେ ଜିଲ୍ଲା ପ୍ରଶାସନ ପକ୍ଷରୁ ପଟାଙ୍ଗି ବ୍ଲକ ଠାରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ଏହି ଅବସରରେ ୧୯୮ ଜଣ ଭିନ୍ନକ୍ଷମ ପଞ୍ଜିକରଣ କରିଥିଲେ। ସେଥିମଧ୍ୟରୁ ୧୮୪ ଜଣ ପ୍ରମାଣପତ୍ର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ସେଥିମଧ୍ୟରୁ ଚଳନ ବାଧିତ ଦିବ୍ୟାଙ୍ଗ ୧୧୦ ଜଣ, ଦୃଷ୍ଟି ବାଧିତ ୨୬ ଜଣ, ଶ୍ରାବଣ ବାଧିତ ୨୬ ଜଣ, ମାନସିକ ଅନଗ୍ରସର ୧୮ ଜଣ, ରକ୍ତଶିଳ୍ପୀ ୪ ଜଣ ବିବେଚିତ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ବ୍ଲକ ପ୍ରଶାସନ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହଯୋଗ କରିଥିଲେ। ଏହା କରିବା ଦ୍ୱାରା ଲୋକମାନଙ୍କୁ କଷ୍ଟ ସ୍ୱୀକାର କରି ଜିଲ୍ଲା ସଦର ମହକୁମା ଓ ଜୟପୁର ଆସିବାକୁ ପଡିବନାହିଁ।

# ବାପ ଛେଉଣ୍ଡ ପୁଅର ଚିକିତ୍ସାରେ ଅର୍ଥ ସାଜିଛି ବାଧକ

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ଅନ୍ତର୍ଗତ ଦଡକି ଗ୍ରାମର ବାପ ଛେଉଣ୍ଡ ପୁଅ, ଦୀପୁନ ବେହେରା (୧୧) ମାଆ ସୁଷମା ବେହେରା। ଦୀପୁନ ଆଜକୁ ବହୁତ ଦିନ ହେବ ଥାଲାସେମିୟା ରୋଗରେ ପୀଡିତ ହୋଇ ଫୁଲବାଣୀ ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତାଙ୍କୁ ପ୍ରତି ସପ୍ତାହରେ ଗୋଟିଏ ୟୁନିଟ୍ ରକ୍ତ ଆବଶ୍ୟକ ହେଉଥିଲା। ଏହି ଖବର ପାଇଥିଲେ ଫୁଲବାଣୀ ସହରର ଜଣାଶୁଣା ସମାଜସେବୀ ଜଗନ୍ନାଥ ରାଜୁ ଖବର ପାଇବା ପରେ ଜଗନ୍ନାଥ ସେଠାରେ ପହଞ୍ଚି ପରିସ୍ଥିତି ବୁଝିଥିଲେ। କିନ୍ତୁ ଏବେ କିଛି ମାସ ହେବ ଦିପୁନର ଏମିତି କିଛି ସମସ୍ୟା ହୋଇଛି ଯେଉଁଥିପାଇଁ ପ୍ରତି ୨ ରୁ ୩ ଦିନରେ ଗୋଟିଏ ୟୁନିଟ୍ ରକ୍ତ ଦରକାର ପଡୁଛି। ଡାକ୍ତର କହିବା ମୁତାବକ ବାହାର କେଉଁ ବଡ ମେଡିକାଲ୍‌ରେ ଗୋଟିଏ ଅପରେସନ୍ ହେଲେ ଛୁଆଟା ସୁସ୍ଥ ହୋଇପାରିବ କିନ୍ତୁ ଛୁଆର ବାପା ନାହାନ୍ତି ମା' ଏକୁଟିଆ ଖଟିଲେ ପରିବାର ଚଳାଉଛନ୍ତି। ଏମିତିରେ ୨୦ ଦିନ ପାଖାପାଖି ମେଡିକାଲ୍‌ରେ ରହିଲେଣି ଆଉ ତାଙ୍କ ସେତିକି ଅର୍ଥ ନାହିଁ ଯେ ଛୁଆକୁ ଭୁବନେଶ୍ୱର ନେବେ ଏଣୁ ତାଙ୍କ ମାଆ ଅନୁରୋଧ କରିଛନ୍ତି ଯେ ଜିଲ୍ଲାପ୍ରଶାସନ କିମ୍ବା କୌଣସି ବୈଦାନ୍ୟ ବ୍ୟକ୍ତି କିଛି କିଛି ଅର୍ଥ ରାଶି ସାହାଯ୍ୟ କରିଲେ ଦୁଇଦିନ ଭିତରେ ଭୁବନେଶ୍ୱର ବାହାରିବେ। ଯେତେ ଡେରି ହେଉଛି ସ୍ୱାସ୍ଥ୍ୟ ସେତିକି ଖରାପ ହେଉଛି ଦୟାକରି କିଛି କିଛି ସାହାଯ୍ୟ କଲେ ପିଲାଟିର ଜୀବନ ବଞ୍ଚିଯିବ। ଯଦି କୌଣସି ସ୍ୱେଚ୍ଛାସେବୀ ସଂଗଠନ ସହାୟତାର ହାତ ବଢାଇବ ତାହାଲେ ଏକ ଅମୂଲ୍ୟ ଜୀବନ ବଞ୍ଚିଯାଇପାରନ୍ତା ବୋଲି ଆଲୋଚନା ହେଉଛି। ଯେଉଁ ବ୍ୟକ୍ତି ତାଙ୍କୁ ଆର୍ଥିକ ସହାୟତା କିମ୍ବା ଶାରୀରିକ ସହଯୋଗ କରିବାକୁ ଚାହୁଁଛନ୍ତି ମୋବାଇଲ୍ ନମ୍ବର ୭୯୭୮୧୩୬୪୬୩ ରେ ଯୋଗାଯୋଗ କରିବାକୁ ଅନୁରୋଧ କରିଛନ୍ତି।




# ଡାଇରିଆ ଓ ଡେଙ୍ଗୁ ସଚେତନତା

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଆଗ୍ରାହାଟ ପଞ୍ଚାୟତ ଅନ୍ତର୍ଗତ କୁଜିବର ଗ୍ରାମରେ ହଇଜା ଓ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ୍ କଟକ ଅଭିନବ ଓ କୁଜିବର ଆର୍‌ସିସି ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଯୁବବର୍ଗ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଡେଙ୍ଗୁ ଓ ହଇଜା ରୋଗ ବ୍ୟାପିବାର କାରଣ ଓ ଏହାର ନିରାକରଣ ସମ୍ପର୍କରେ ଲୋକମାନଙ୍କୁ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ଗ୍ରାମରେ ଥିବା କୂଅ ଓ ଜଳ ଉତ୍ସ ଗୁଡ଼ିକରେ ବ୍ଲିଚିଂ ପାଉଡ଼ର ପକାଯିବା ସହିତ ଲୋକମାନଙ୍କୁ ମଶାରୀ ବଣ୍ଟନ କରାଯାଇଥିଲା । ଏଥି ସହିତ ମହାପୁରୁଷ ସାଧୁସୁନ୍ଦର ପୀଠରେ ଚାରାବୃକ୍ଷ ରୋପଣ କରାଯାଇଥିଲା । ରୋଟାରୀ କ୍ଲବ୍ ସଭାପତି ଜୀବନ ପଟ୍ଟନାୟକ, ସମ୍ପାଦକ ମନୋରମା ଜେନା, ବିଶ୍ୱନାଥ ପଣ୍ଡା, ଉମାକାନ୍ତ ମହାନ୍ତି, ସୁଧାଂଶୁ ଶେଖର ଜେନା, ବିବେକାନନ୍ଦ ଆରସିସିର ମାନସ କୁମାର ସାହୁ, କୁଜିବର ଆରସିସିର ଉମେଶ ଚନ୍ଦ୍ର ସାହାଣୀ, ସତ୍ୟଭାମା ମହାରଣାଙ୍କ ସମେତ ସମସ୍ତ ସଦସ୍ୟ ଓ ସଦସ୍ୟା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ବାସୁଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ଭେଟିଲେ ସରପଞ୍ଚ ସଂଘ କାର୍ଯ୍ୟକର୍ତ୍ତା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ସରପଞ୍ଚ ସଂଘ କର୍ମକର୍ତ୍ତା ସଭାନେତ୍ରୀ ଶ୍ରୀୟା କର୍ମୀଙ୍କ ନେତୃତ୍ୱରେ ବୀରମହାରାଜପୁର ପଞ୍ଚାୟତ ସମିତି ସଭାଗୃହରେ ହେଉଥିବା ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲା ମାଜିଷ୍ଟ୍ରେଟ୍ ଅନ୍ୟା ଦାସ ଓ ଜିଲ୍ଲା ପୋଲିସ ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକଙ୍କୁ ଭେଟି ଡୁଙ୍ଗୁରିପାଲି ବ୍ଲକ୍ ରାମପୁର ଥାନା ଅନ୍ତର୍ଗତ ଗଜବନ୍ଧ୍ ଗ୍ରାମପଞ୍ଚାୟତ ପୂର୍ବତନ ସରପଞ୍ଚଙ୍କ ଅମାନୁଷିକ ହତ୍ୟାକାଣ୍ଡ ଆସାମୀଙ୍କୁ କଠୋର ଆଇନ୍‌ର ଦଣ୍ଡବିଧାନ ଓ ତାଙ୍କ ଧର୍ମପତ୍ନୀ ତଥା ସରପଞ୍ଚ ବାସନ୍ତୀ ଖେତିଙ୍କ ପାରିବାରବର୍ଗଙ୍କୁ ସୁରକ୍ଷା ଦାବି କରିଥିଲେ। ଗତ ବର୍ଷ ଜୁଲାଇ ୨୪ ତାରିଖରେ ଦିନ ଡୁଙ୍ଗୁରିପାଲି ବ୍ଲକ ଇଛାପୁର ଗ୍ରାମପଞ୍ଚାୟତ ସରପଞ୍ଚ ପ୍ରଶାନ୍ତ ସାହୁଙ୍କୁ ବ୍ଲକ ପରିସରରେ ସ୍ପଷ୍ଟ ଦିବାଲୋକରେ ମରଣାନ୍ତକ ଆକ୍ରମଣ ଓ ଗତ ୧୦ ତାରିଖରେ ପୂର୍ବତନ ସରପଞ୍ଚ ବଲ୍ଲଭ ଖେତିଙ୍କୁ ନିର୍ମମ ହତ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ତୃଣମୂଳ ସ୍ତର ନିର୍ବାଚିତ ସରପଞ୍ଚ ଓ ପରିବାର ବର୍ଗଙ୍କ ସୁରକ୍ଷା ଦାବି କରିଥିଲେ। ପୋଲିସ ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ପ୍ରତିନିଧି ମଣ୍ଡଳୀଙ୍କ ଦାବିର ଗୁରୁତ୍ୱ ଉପଲବ୍ଧ କରି ପୋଲିସ ଆବଶ୍ୟକୀୟ ସାହଯୋଗର ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ସ୍ୱର୍ଗତ ବଲ୍ଲଭ କ୍ଷେତିଙ୍କ ହତ୍ୟା ଅନୁସନ୍ଧାନ ସଠିକ୍ ଭାବରେ କରାଯାଇ ଆସାମୀଙ୍କୁ ଗିରଫ କରାଯାଇଥିବା ସମ୍ପର୍କରେ ଅବଗତ କରିଥିଲେ। ପ୍ରତିନିଧି ମଣ୍ଡଳୀରେ ସଂଘ ଉପସଭାନେତ୍ରୀ ଅନୁଷୟା ପଧାନ, ସମ୍ପାଦକ ସୂର୍ଯ୍ୟ ନନ୍ଦ, କୋଷାଧକ୍ଷ ଜୟଶ୍ରୀ ଦେହୁରୀ, ଉପଦେଷ୍ଟା ସରପଞ୍ଚ ମହେନ୍ଦ୍ର ଜଗଦଲା, ବନିତା ସେଠୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ସରକାରୀ ଜମି ଚିହ୍ନଟ କରି ଇଡ୍‌କୋକୁ ହସ୍ତାନ୍ତର କରାଯାଉ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନଙ୍କ ଆବାସିକ କାର୍ଯ୍ୟାଳୟରେ ଜମି ଅଧିଗ୍ରହଣ ମାମଲା ସମ୍ପର୍କରେ ଏକ ଉଚ୍ଚ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକ, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ମାର୍ଶାଘାଇ, ମହାକାଳପଡା, ଡେରାବିଶ ଅଞ୍ଚଳ ଗୁଡିକରେ ସରକାରୀ ଜମି ଗୁଡିକୁ ଚିହ୍ନଟ କରି ଇଡ୍‌କୋକୁ ହସ୍ତାନ୍ତର କରିବା ପାଇଁ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ବିଭିନ୍ନ ତହସିଲ ଅଞ୍ଚଳରେ ସରକାରୀ ଜମିକୁ ଜବରଦଖଲକାରୀଙ୍କ ଠାରୁ ମୁକ୍ତ କରି ସେମାନଙ୍କ ଠାରୁ ଜରିମାନା ଆଦାୟ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଆୟୋଜିତ ଏହି ବୈଠକରେ ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର ଓ ରାଜସ୍ୱ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।






# ଚିତ୍ରୋତ୍ପଳା ସେତୁ ନିର୍ମାଣପାଇଁ ଜବତହେଲା ବେଆଇନ୍ ଭାବେ ଗଚ୍ଛିତ ଲକ୍ଷାଧିକ ଟଙ୍କାର ଚୋରାବାଲି

**ସାଲେପୁର, ନ୍ୟୁଜ୍**



କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଜନାର୍ଦ୍ଦନପୁର ଠାରେ ଚିତ୍ରୋତ୍ପଳା ନଦୀରେ ସେତୁ ନିର୍ମାଣ ଚାଲିଛି । ଉକ୍ତ ସେତୁ ଅପରପାର୍ଶ୍ୱ କୁଳିଆକୁ ସଂଯୋଗ କରିବ । ଏହି ସେତୁ ନିର୍ମାଣ କରୁଥିବା ନାରାୟଣ ଦାସ କନ୍‌ଷ୍ଟ୍ରକ୍ସନ୍ (ଏନ୍‌ଡିସି) ଠିକାଦାର କମ୍ପାନୀର ବ୍ୟାପକ ଜାଲିଆତି ଓ ଠକେଇ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ଅଣଓଡ଼ିଆ ନିର୍ମାଣ ସଂସ୍ଥାର ଜାଲିଆତି ଓ ଚୋରା କାରବାର ସରକାରୀ କର୍ତ୍ତୃପକ୍ଷଙ୍କ ହାତରେ ଧରାପଡିଥିବା ଜଣାପଡିଛି । ବିନା ଲିଜ୍ ତଥା ଅନୁମତି ନନେଇ ସମ୍ପୃକ୍ତ ସଂସ୍ଥା ଲକ୍ଷ ଲକ୍ଷ ଟଙ୍କାର ଲଘୁ ଖଣିଜ ଦ୍ରବ୍ୟ ବାଲିକୁ ଚୋରାରେ ନେଇ ସ୍ପଷ୍ଟ ଦିବାଲୋକରେ ଆଖିରେ ଆଙ୍ଗୁଠି ଗେଞ୍ଜି ରାଜସ୍ୱ ଚଳୁ କରିଚାଲିଛି । ଖଣି ବିଭାଗ ଅଧିକାରୀ, ତହସିଲ କର୍ତ୍ତୃପକ୍ଷ ଓ ପୋଲିସ ପହଞ୍ଚି କମ୍ପାନୀର ପ୍ଲାଣ୍ଟ ନିକଟରେ ଗଚ୍ଛିତ ଥିବା ଲକ୍ଷାଧିକ ଟଙ୍କାର ଚୋରା ବାଲି ଗଦା ଉପରେ ନାଲିପତାକା ଲଗାଇ ଜବତ କରିଛନ୍ତି । ପୂର୍ବରୁ ଏନେଇ ଅଭିଯୋଗ ହୋଇଆସୁଥିଲେ ସୁଦ୍ଧା କର୍ତ୍ତୃପକ୍ଷ ଦୃଷ୍ଟିପାତ କରୁନଥିବା ଆଲୋଚ୍ୟ ବିଷୟ ହୋଇଛି । ଉଲ୍ଲେଖନୀୟ ଯେ, ଏହି ସେତୁ ନିର୍ମାଣର ଏକ ବର୍ଷ ବିତି ଯାଇଥିଲେ ହେଁ ଅଦ୍ୟାବଧି ନିର୍ମାଣ ସ୍ଥାନରେ ସୂଚନା ଫଳକ ମଧ୍ୟ ଲଗାଯାଇନାହିଁ । ସୂଚନା ଅନୁଯାୟୀ, ଗ୍ରାମ ନିର୍ମାଣ ବିଭାଗ ଦ୍ୱାରା ଏହି ସେତୁ ନିର୍ମାଣ ନିମନ୍ତେ, ପ୍ରାରମ୍ଭିକ ଭାବେ ୬୩ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ତିନି ବର୍ଷ ମଧ୍ୟରେ ସମାପ୍ତ ହେବା ନେଇ କୁହାଯାଉଛି । ସେତୁ ନିର୍ମାଣରେ ନିମ୍ନମାନର ସିମେଣ୍ଟ, ଲୁହାଛଡ଼ ଓ ଚିପ୍ସ ଆଦି ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି । ଏଥିନେଇ ଜିଲ୍ଲାପାଳ, ଗ୍ରାମ ଉନ୍ନୟନ ମନ୍ତ୍ରୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

# ଉନବିଂଶ ଶତାବ୍ଦୀ ଥିଲା କେବଳ ଜନଜାତିଙ୍କ ସ୍ୱାଧୀନତା ସଂଗ୍ରାମ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଇତିହାସ ଓ ନୃତତ୍ତ୍ୱ ବିଭାଗର ମିଳିତ ସହଯୋଗରେ ଏବଂ ଆଇ.ସି.ଏସ୍.ଏସ୍. ଆର୍ ଆର୍ଥିକ ସହାୟତାରେ ଆୟୋଜିତ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ରର ଉଦ୍‌ଘାଟନୀ ଉତ୍ସବରେ ବିଶିଷ୍ଟ ଐତିହାସିକ ଓ ଶିକ୍ଷାବିତ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ ମତ ରଖିଥିଲେ ଯେ ଉନବିଂଶ ଶତାବ୍ଦୀ ତଥା ବିଂଶ ଶତାବ୍ଦୀର ପ୍ରାରମ୍ଭ ପର୍ଯ୍ୟନ୍ତ ଓଡ଼ିଶାରେ ଜନଜାତିମାନେ ହିଁ ସ୍ୱାଧୀନତାର ଅନ୍ତସ୍ୱରକୁ ଉଜ୍ଜୀବିତ କରି ରଖିଥିଲେ। ଦୀର୍ଘ ଶହେ ବର୍ଷରୁ ଅଧିକ ସମୟ ଧରି ଓଡ଼ିଶାର ଜନଜାତିମାନେ ଆନ୍ଦୋଳନ ଓ ବିଦ୍ରୋହ ମାଧ୍ୟମରେ ଇଂରେଜ ସରକାରକୁ ଥରହର କରିଦେଇଥିଲେ। ବିଶିଷ୍ଟ ନୃତତ୍ତ୍ୱବିଦ୍ ପ୍ରଫେସର ଦୀପକ କୁମାର ବେହେରା ଜନଜାତିଙ୍କ ଅଭିବୃଦ୍ଧିରେ ଦେଶର ସମୃଦ୍ଧି ନିର୍ଭର କରେ ବୋଲି କହିଥିଲେ। କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ତଥା ଡଃ ପରମତପ ପ୍ରଧାନଙ୍କ ସଂଯୋଜନାରେ ଏହି ଜାତୀୟ ଆଲୋଚନାଚକ୍ରର ବିଭିନ୍ନ ଅଧିବେଶନରେ ପ୍ରଫେସର ଅଶୋକ କୁମାର ପଟ୍ଟନାୟକ, ଡଃ ଅତୁଲ କୁମାର ପ୍ରଧାନ, ଡଃ ସନ୍ତୋଷ କୁମାର ମଲ୍ଲିକ, ଡଃ ମୀନକେତନ ବାଗ, ଡଃ ବିଭୁକଲ୍ୟାଣ ମହାନ୍ତି, ଡଃ ମୀରା ସାଇଁ ଆଦି ନିଜସ୍ୱ ମତ ଉପସ୍ଥାପନ କରି ଥିଲେ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଯୁଦ୍ଧର ନିଆଁ ବାଣିଜ୍ୟକୁ ପ୍ରଭାବିତ କରୁଛି

ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ବିବାଦର ପ୍ରଭାବ ଏବେ ଭାରତର ବାସୁମତୀ ଚାଉଳ ଶିଳ୍ପ ଉପରେ ଦେଖାଯାଉଛି । ଇରାନକୁ ପଠାଯିବାକୁ ଥିବା ପ୍ରାୟ ୧ ଲକ୍ଷ ଟନ୍ ବାସୁମତୀ ଚାଉଳ ଗୁଜୁରାଟର କାଣ୍ଡଲା ଏବଂ ମୁନ୍ଦ୍ରା ବନ୍ଦରରେ ଫସି ରହିଛି । କାରଣ ଇରାନ ପାଇଁ ନା ପରିବହନ ଜାହାଜ ଉପଲବ୍ଧ ଅଛି ନା ବୀମା କମ୍ପାନୀଗୁଡ଼ିକ ସେହି ପରିବହନକୁ କଭର କରୁଛନ୍ତି । ସାଉଦି ଆରବ ଭାରତରୁ ବାସୁମତୀ ଚାଉଳ ଆମଦାନୀ କରିବା କ୍ଷେତ୍ରରେ ସବୁଠାରୁ ବଡ଼ ଗ୍ରାହକ ହୋଇଥିବା ବେଳେ ଇରାନ ଦ୍ୱିତୀୟ ସ୍ଥାନରେ ଅଛି । ୨୦୨୪-୨୫ ଆର୍ଥିକ ବର୍ଷରେ, ମାର୍ଚ୍ଚ ସୁଦ୍ଧା, ଭାରତ ଇରାନକୁ ପ୍ରାୟ ୧୦ ଲକ୍ଷ ଟନ୍ ବାସୁମତୀ ଚାଉଳ ରପ୍ତାନି କରିଥିଲା । ଏଥିମଧ୍ୟରୁ, ବର୍ତ୍ତମାନ ୧୮-୨୦ ପ୍ରତିଶତ ଅର୍ଥାତ୍ ପ୍ରାୟ ୧ ଲକ୍ଷ ଟନ୍ ଚାଉଳ ବନ୍ଦରଗୁଡ଼ିକରେ ଫସି ରହିଛି । ପିଟିଆଇରେ ଦେଇଥିବା ଏକ ସାକ୍ଷାତକାରରେ ଅଲ୍ ଇଣ୍ଡିଆ ରାଇସ୍ ଏକ୍ସପୋର୍ଟର୍ସ ଆସୋସିଏସନ୍‌ର ସଭାପତି ସତୀଶ ଗୋୟଲ୍ କହିଛନ୍ତି ଯେ ବର୍ତ୍ତମାନର ପରିସ୍ଥିତିରେ, ଏହା ବ୍ୟବସାୟୀମାନଙ୍କ ପାଇଁ ଏକ ବଡ଼ କ୍ଷତି ହୋଇପାରେ । ସତୀଶ ଗୋୟଲ ପିଟିଆଇକୁ କହିଛନ୍ତି ଯେ ବର୍ତ୍ତମାନ ଇରାନ ପାଇଁ କୌଣସି ଜାହାଜ ଉପଲବ୍ଧ ନାହିଁ ଏବଂ ବୀମା କଭରେଜ୍ ମଧ୍ୟ ଉପଲବ୍ଧ ନାହିଁ । ପ୍ରକୃତରେ, ଯୁଦ୍ଧ ପରି ପରିସ୍ଥିତିରେ ଅନ୍ତର୍ଜାତୀୟ ବୀମା ପଲିସିଗୁଡ଼ିକ କଭରେଜ୍ ପ୍ରଦାନ କରୁ ନାହିଁ ଏବଂ ଏହି କାରଣରୁ ବ୍ୟବସାୟୀମାନଙ୍କୁ ଚାଉଳ ପଠାଯିବାକୁ ଅନୁମତି ଦିଆଯାଉନାହିଁ । ଏବେ କେବଳ ଚାଉଳ ଅଟକି ଯାଇଛି ତାହା ନୁହେଁ, ବରଂ ଦେୟ ଅନିଶ୍ଚିତତା ମଧ୍ୟ ବୃଦ୍ଧି ପାଇଛି । ଏହି ପରିସ୍ଥିତିର ପ୍ରଭାବ ଘରୋଇ ବଜାର ଉପରେ ମଧ୍ୟ ଦେଖାଯାଉଛି । ବାସୁମତୀ ଚାଉଳର ମୂଲ୍ୟ କିଲୋ ପିଛା ୪ ରୁ ୫ ଟଙ୍କା ହ୍ରାସ ପାଇଛି । ଯେହେତୁ ଚାଉଳ ବିଦେଶକୁ ଯାଉନାହିଁ, ତେଣୁ ସ୍ଥାନୀୟ ଯୋଗାଣ ବୃଦ୍ଧି ପାଇଛି ଏବଂ ଏହା ଯୋଗୁଁ ମୂଲ୍ୟ ହ୍ରାସ ପାଉଛି । ବ୍ୟବସାୟୀମାନେ ଭୟ କରୁଛନ୍ତି ଯେ ଯଦି ଶୀଘ୍ର ସମାଧାନ ନ ମିଳେ, ତେବେ ସେମାନଙ୍କୁ ବହୁତ କ୍ଷତି ସହିବାକୁ ପଡ଼ିପାରେ, ବିଶେଷକରି ଯେଉଁ ବ୍ୟବସାୟୀମାନେ ଇରାନ ସହିତ ଚୁକ୍ତି ଚୂଡ଼ାନ୍ତ କରିସାରିଛନ୍ତି । ପରିସ୍ଥିତିର ଗମ୍ଭୀରତାକୁ ବିଚାର କରି, ଅଖିଳ ଭାରତୀୟ ଚାଉଳ ରପ୍ତାନିକାରୀ ସଂଘ ଏପିଇଡିଏ ଏବଂ କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ସହିତ ନିରନ୍ତର ଯୋଗାଯୋଗରେ ଅଛି । ଏହି ପ୍ରସଙ୍ଗରେ ଜୁନ୍ ୩୦ ତାରିଖରେ କେନ୍ଦ୍ର ମନ୍ତ୍ରୀ ପୀୟୁଷ ଗୋୟଲଙ୍କ ସହ ଏକ ବୈଠକ ପ୍ରସ୍ତାବିତ ହୋଇଛି । ଏହି ବୈଠକରେ କେବଳ ବର୍ତ୍ତମାନର ସଙ୍କଟ ଉପରେ ଆଲୋଚନା ହେବ ନାହିଁ, ବରଂ ଭବିଷ୍ୟତରେ ଏପରି ପରିସ୍ଥିତିକୁ ରୋକିବା ପାଇଁ ପଦକ୍ଷେପ ଉପରେ ମଧ୍ୟ ଆଲୋଚନା କରାଯାଇପାରେ । କେବଳ ୨୦୨୪-୨୫ରେ ଭାରତ ପ୍ରାୟ ୬୦ ଲକ୍ଷ ଟନ୍ ବାସୁମତୀ ଚାଉଳ ରପ୍ତାନି କରିଛି, ଯାହା ମଧ୍ୟରୁ ଏକ ବଡ଼ ଅଂଶ ମଧ୍ୟପ୍ରାଚ୍ୟ ଏବଂ ପଶ୍ଚିମ ଏସିଆର ଦେଶଗୁଡ଼ିକୁ ଯାଇଛି । ପ୍ରମୁଖ ଗ୍ରାହକ ଦେଶଗୁଡ଼ିକ ମଧ୍ୟରେ ସାଉଦି ଆରବ, ଇରାନ, ଇରାକ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବଂ ଆମେରିକା ରହିଛି । ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ସଂଘର୍ଷ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଯୁଦ୍ଧର ନିଆଁ କେବଳ ସୀମା ପର୍ଯ୍ୟନ୍ତ ପହଞ୍ଚେ ନାହିଁ, ବରଂ ବାଣିଜ୍ୟକୁ ମଧ୍ୟ ପ୍ରଭାବିତ କରେ । ଭାରତର ବାସୁମତୀ ଚାଉଳ ରପ୍ତାନିକାରୀମାନେ ଏହି ସମୟରେ ଦ୍ୱିଗୁଣିତ ଆଘାତର ସମ୍ମୁଖୀନ ହେଉଛନ୍ତି । ଗୋଟିଏ ପଟେ ପରିବହନ ଏବଂ ବୀମା ସମସ୍ୟା ରହିଛି, ଅନ୍ୟପଟେ ଘରୋଇ ବଜାରରେ ମୂଲ୍ୟ ହ୍ରାସ ଏବଂ ଦେୟ ସଙ୍କଟ ରହିଛି । ଯଦି ଆଗାମୀ ସପ୍ତାହଗୁଡ଼ିକରେ ପରିସ୍ଥିତିରେ ଉନ୍ନତି ନହୁଏ, ତେବେ ଭାରତର ଚାଉଳ ଶିଳ୍ପ ଉପରେ ଦୀର୍ଘକାଳୀନ ପ୍ରଭାବ ପଡ଼ିପାରେ ।

# ହଜିଯାଉଥିବା ଲୋକକଳା



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ହଜିଯାଉଥିବା ଲୋକକଳାକୁ ନେଇ ଏକ ଆଲୋଚନା ତଥା ପ୍ରଦର୍ଶନ ଉତ୍କଳ ମଣ୍ଡପରେ ଗତ ୨୩.୦୩.୧୧ରୁ ଆରମ୍ଭ ହୋଇ ୨୫.୦୩.୧୧ ପର୍ଯ୍ୟନ୍ତ ଚାଲିଥିଲା । ସମ୍ବାଦପତ୍ରମାନଙ୍କରେ ଏହାର ମଧ୍ୟ ବଡ଼ ବିଜ୍ଞାପନମାନ ପ୍ରକାଶ ପାଇଥିଲା । ରାଜ୍ୟ ସଙ୍ଗୀତ ଏକାଡ଼େମୀର ସମ୍ପାଦକ ଶ୍ରଦ୍ଧେୟ ବନ୍ଧୁ ଡଃ ସାହାଣୀ ମହୋଦୟ ସେହି ଲୋକ ଉତ୍ସବକୁ ଦେଖିବା ପାଇଁ ଟେଲିଫୋନ କରିଥିଲେ । ଏହିସବୁ ଦେଖିବାରେ ମୋର ବି ଥିଲା ବହୁ ଦୁର୍ବଳତା । ଉତ୍ସବଟିକୁ ହାତଛଡ଼ା ନକରି ସନ୍ଧ୍ୟା ୭ଟା ସୁଦ୍ଧା ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଥିବା ଉତ୍କଳମଣ୍ଡପରେ ପହଞ୍ଚିଲି । ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ମହୋଦୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ଥିଲା । ଭିତର ଦ୍ୱାର ପାଖରେ ଢୋଲ ମହୁରି ଧରି ବାଦକ ଦଳ ସମ୍ଭବତଃ ମନ୍ତ୍ରୀ ମହୋଦୟଙ୍କ ଅପେକ୍ଷାରେ ରହିଥିଲେ । ତେବେ ଭିତରକୁ ପ୍ରବେଶ କରିବା ପରେ ପ୍ରଥମେ କେତେଜଣ ପରିଚିତ କର୍ମକର୍ତ୍ତାଙ୍କ ସହ ଭେଟ ହେଲା । ମୋ ସହ ଥିଲେ ଶ୍ରୀଜୟଦେବ ଫାର୍ମାସୀ ମହାବିଦ୍ୟାଳୟ ଫର୍ମାକଲୋଜି ବିଭାଗର ପ୍ରଫେସର ଡକ୍ଟର ଅରୁଣ ପଣ୍ଡା । ସେ ମୋ ସହିତ ଥିଲେ ସିନା ତାଙ୍କର ଏହିସବୁ ପ୍ରତି ସେପରି କୌଣସି ଆଗ୍ରହ ଥିବା ଦେଖିଲି ନାହିଁ । ତେବେ ଯାହାହେଉ ଉଭୟେ ଦର୍ଶକ ଗ୍ୟାଲୋରୀରେ ଗୋଟାଏ କଡ଼ରେ ଯାଇ ବସିଲୁ । ସେତେବେଳକୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭଜନ କ୍ୟାସେଟ ମାଇକ୍‌ରେ ବୋଲା ଯାଉଥିଲା । ତିନି ବା ଚାରିଟି ମାଇକ୍‌ରେ ଭଜନଗୁଡ଼ିକର ସ୍ୱର ଏତେ ତୀବ୍ର ଥିଲା ଯେ ସ୍ୱୟଂ ମହାପ୍ରଭୁ ବି ସେଠାକୁ ଆସୁଥିଲେ ସେପରି ଶବ୍ଦକୁ ଡରି ହଟି ପଳାଇଯାଇଥାନ୍ତେ । ସାବାସ୍ ଦେବା କଥା ସେହି ମାଇକ୍ ବ୍ୟବସ୍ଥା କରିଥିବା କର୍ମକର୍ତ୍ତାମାନଙ୍କୁ । ସମ୍ଭବତଃ ଟିକିଏ ଜୋର୍‌ରେ ବାଜିଲେ କର୍ତ୍ତୃପକ୍ଷ ଅଧିକ ପଇସା ଦେବେ ବା ସଂପୃକ୍ତ ଏକାଡ଼େମୀଠାରୁ ପ୍ରଶଂସାପତ୍ରଟାଏ ମିଳିଯିବ ଇତ୍ୟାଦି । ଲୋକ ସମାଗମ ଭାରି କମ୍ ଥିବା ଦେଖିଲି । ତେବେ ଘୋଷଣା ହେଲା ମନ୍ତ୍ରୀ ମହୋଦୟ ଆସିବେ ନାହିଁ । ଏହିସବୁ ଛୋଟଛୋଟ ସାଂସ୍କୃତିକ କାର୍ଯ୍ୟରେ କାହିଁକି ବା ମନ୍ତ୍ରୀ ମହୋଦୟଙ୍କୁ ଆସିବା ପାଇଁ ଡକାଯାଉଥିଲା ଓ ସେ ସେଥିରେ ମଧ୍ୟ ସେ ସମ୍ମତି ଦେଇଥିଲେ ? ଯେତେବେଳେ ବିଧାନସଭା ଚାଲିଛି ସେତେବେଳେ ମନ୍ତ୍ରୀ ଯଥା ସମୟରେ ଆସି ପହଞ୍ଚିବାର ସ୍ଥିରତା ବା କଣ ଅଛି ? ସରକାରୀ ଉତ୍ସବ ତ ତେଣୁ ମନ୍ତ୍ରୀଙ୍କୁ ଡାକିବାର ଅବଶ୍ୟ ଆବଶ୍ୟକତା ଥାଏ । ତେବେ ପ୍ରତ୍ୟେକ କାର୍ଯ୍ୟରେ ମନ୍ତ୍ରୀ ମହୋଦୟମାନଙ୍କୁ ଡାକିବାବି ଆୟୋଜକମାନଙ୍କ ପକ୍ଷରେ ଠିକ୍ ହେଉନାହିଁ । ଢୋଲ, ମହୁରି ଓ ଶଙ୍ଖର ବାଦକମାନେ ପ୍ରବେଶ ତୋରଣ ପାଖରୁ ମୁହଁ ଆମ୍ବିଳା କରି ଫେରି ଆସୁଥିବାର ବେଶ୍ ସ୍ପଷ୍ଟ ବାରିହୋଇପଡୁଥିଲା । ମନ୍ତ୍ରୀ ନ ଆସିଲେ ବୋଲି ପୁଣି ବିଧି ତ ରହିବ । ସେଠାରେ ଉପସ୍ଥିତ ଥିବା ସଙ୍ଗୀତ ଏକାଡ଼େମୀର ସଭାପତି ସ୍ୱର୍ଗତ ଶରତ ପୁଝାରୀ, ଉପସଭାପତି ଅରୁଣା ପଟ୍ଟନାୟକ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ଅମୀୟ କୁମାର ପଟ୍ଟନାୟକ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଅଶୋକ କୁମାର ତ୍ରିପାଠୀଙ୍କ ସମାବେଶରେ ଉଦ୍‌ଘାଟନ ଉତ୍ସବ ସମାହିତ ହେଲା । ପୁରୁଣା କାଳିଆ ପୋଷାକ ପିନ୍ଧି, ମୁଣ୍ଡରେ ଠେକା ଭିଡ଼ିଥିବା କେତେକ କଳାକାର ଅତିଥିମାନଙ୍କଠାରୁ ପୁଷ୍ପଗୁଚ୍ଛ ଉପହାର ନେଲେ । ସେତେବେଳେ ତାଳିଟା ଭାରି କ୍ଷୀଣ ସ୍ୱରରେ ଶୁଭୁଥିଲା । ଆଲୁଅର ବ୍ୟବସ୍ଥା ଏପରି ଯେ ତାହା ଦର୍ଶକମାନଙ୍କ ଉପରେ ହିଁ ପଡୁଥିଲା । ମୁଁ ଓ ମୋର ପ୍ରଫେସର ବନ୍ଧୁ ଶବ୍ଦ ଓ ଆଲୁଅର ଏପରି ଭେଳିକିରେ ଦୁଇରୁ ତିନୋଟି ସ୍ଥାନ ବଦଳାଇଲୁ । ହେଲେ ନିସ୍ତାର ନାହିଁ । ଶେଷକୁ କେହି ନ ଦେଖିବା ବାଟରେ ପଳାଇ ଆସିଲୁ । ଯାହା ହେଉ ପ୍ରଭୁ ଜଗନ୍ନାଥେ ରକ୍ଷା କରିଦେଲେ । ଅବଶ୍ୟ ଲୋକକଳା ଆସ୍ତେଆସ୍ତେ ଲିଭିଯାଉଛି । ଅତୀତରେ ମନୋରଞ୍ଜନର ଏହା ଥିଲା ପ୍ରମୁଖ ମାଧ୍ୟମ । ଏହାର ଅବକ୍ଷୟ ନିମନ୍ତେ ଟିଭି କଲଚର ସମ୍ପୂର୍ଣ୍ଣ ଦାୟୀ କହିଲେ ଅତ୍ୟୁକ୍ତି ହେବନାହିଁ । କଳା ପ୍ରଦର୍ଶନ ମଧ୍ୟରେ ଗୋଟିଏ ଥିଲା ବାଉଁଶରାଣୀ ଖେଳ । ଗୋଟେ ବାଉଁଶ ଉପରେ ଝିଅ ବା ସ୍ତ୍ରୀ ଲୋକଟିଏ ପେଟ ତଳେ କନାଠେକା ରଖି ତାହା ଉପରେ ଚକର ଦେଇ ବୁଲିବା ଏହି ଖେଳର କାଇଦା । ଯଦି ଟିଭି ପରଦାରେ କଳାକାରମାନଙ୍କ କଳା ନୈପୁଣ୍ୟ ଆକାଶରେ ଦେଖାଇ ଦିଆଯାଉଛି ତେବେ ଏପରି ବାଉଁଶରାଣୀ ଖେଳ ପ୍ରତି କେତେଜଣ ବା ଆକୃଷ୍ଟ ହେବେ ? ଷାଠିଏ ଦଶକର କଥା । କଟକ କଚେରୀ ହତାରେ ଏହିଭଳି ବାଉଁଶରାଣୀ ଖେଳ ଥରେ ଦେଖାଯାଉଥିଲା । ଝିଅଟିଏ ଗୋଟାଏ ବାଉଁଶ ଉପରେ ଚଢ଼ି ତାହାର ପେଟ ତଳେ କନାଠେକା ରଖି ବାଉଁଶର ଅଗରେ ଚକଭଳି ବୁଲୁଥିଲା । ହଠାତ୍ ଦେଖାଗଲା ଝିଅଟି ଆଉ ସେ ବାଉଁଶ ଉପରେ ବୁଲୁ ନାହିଁ । ଖେଳ ଖେଳାଉଥିବା ଦଳର ସର୍ଦ୍ଦାର ତଳେ ଏହାଦେଖି ଟିକିଏ ବିଚଳିତ ହେବା ଦେଖାଗଲା । ପରମୁହୂର୍ତ୍ତରେ ଗୋଟାଏ ରିକ୍ସା କରି ସେ ସମସ୍ତଙ୍କୁ ଅପେକ୍ଷା କରିବାକୁ କହି ଚାଲିଗଲା । ଅଳ୍ପ କେତେ ଘଣ୍ଟା ପରେ ରିକ୍ସାରେ ସେ ଝିଅଟିକୁ ଧରି ସେଠାରେ ଆସି ପହଞ୍ଚିଗଲା । ଉପସ୍ଥିତ ଦର୍ଶକମାନଙ୍କର ଉତ୍ସୁକତା ଏଥିରେ ବଢ଼ିଲା । କଥା କଣ ବୋଲି ପଚାରି ଜାଣିଲୁ ଯେ ଖେଳ ଦେଖାଉଥିବା ସର୍ଦ୍ଦାରର ଅନ୍ୟ ଜଣେ ପ୍ରତିଦ୍ୱନ୍ଦୀ ମନ୍ତ୍ର ବଳରେ ସେ ଝିଅଟାକୁ ଉଡ଼ାଇ ନେଇଥିଲା । ତେବେ କାହା ମନ୍ତ୍ର ଶକ୍ତିର ତାକତ୍ କେତେ ଥିଲା ତାହା ସମ୍ଭବତଃ ସେମାନଙ୍କ ଭିତରେ ଏହିଭଳି ପରୀକ୍ଷାରୁ ଜଣା ପଡୁଥିଲା । ଏପରି ବାଉଁଶରାଣୀ ଖେଳ ମୁଁ ଆଉ ଦେଖିବାର ସୁଯୋଗ ପାଇନାହିଁ । ସେହିଭଳି ଭାନୁମତୀ ଭେଳିକି ଖେଳରେ ଗୋଟିଏ ଝିଅକୁ ବେତ ପେଟେରାରେ ବନ୍ଦ କରି ତାଲା ପକାଇ ଦିଆଗଲା । ଖେଳ କରାଉଥିବା ସର୍ଦ୍ଦାର ଝିଅଟିର ନାମ ଧରି ଡାକ ପକାଇଲା । ଝିଅଟି ପେଟେରା ଥିବା ସ୍ଥାନର ବିପରିତ ଦିଗରୁ ଆସୁଥିବାର ଦେଖାଗଲା । ଫୁଲବାଣୀ ସହରରେ ଜଣେ ଆଦିବାସୀ ବୃଦ୍ଧ ନିଜ ଘର ବଗିଚାରେ କିଛି ବାଇଗଣ ଗଛ ଲଗାଇଥିଲେ । ଗଛଗୁଡ଼ିକ ବି ଫଳରେ ଭରପୂର ରହିଥିଲା । ଥରେ ସେଠାରୁ ରାତ୍ରୀରେ ଚୋରି ହେଉଥିବା କଥା ଜଣାପଡ଼ିଲା । ଆଦିବାସୀ ବୃଦ୍ଧ ମହୋଦୟ କଣ କଲେ ଜାଣିହେଲା ନାହିଁ । ପରବର୍ତ୍ତୀ ଚୋରି ବେଳେ ବାଇଗଣ ଚୋରି କରୁଥିବା ଲୋକଟିର ହାତଟି ସେହି ବାଇଗଣ ଗଛରେ ଲାଗି ରହିଗଲା । ସେ ଯେତେ ଚେଷ୍ଟା କରୁଥିଲେ ବି ହାତଟି ସେଠାରୁ ଖସିଯାଉନଥିଲା । ସକାଳୁ ସହରର ବହୁ ଲୋକ ଆଦିବାସୀଙ୍କ ଘର ଆଗରେ ରୁଣ୍ଡ ହୋଇ ଏହିଭଳି ଦୃଶ୍ୟକୁ ବେଶ୍ ଉପଭୋଗ କରୁଥିଲେ । ଲଜ୍ଜାରେ ଲୋକଟି କେବଳ ମୁହଁପୋତି ଠିଆ ହୋଇଥିଲା । ଶେଷରେ ଆଦିବାସୀ ବୃଦ୍ଧ ଗୋଟାଏ ଛୋଟ ଡାଳରୁ ପାଣି ଆଣି ଲୋକଟି ଉପରେ ପକାଇ ଦେବାରୁ ତାହାର ହାତ ଗଛରୁ ଛାଡ଼ି ହୋଇଗଲା ଓ ବୃଦ୍ଧଙ୍କୁ କ୍ଷମା ମାଗି ସେ ପଳାଇଗଲା । ଏହି ଘଟଣା ଶହଶହ ସହରୀ ଲୋକ ଦେଖୁଥିଲେ । ସେହିଭଳି ସୋନପୁର ସହର ନିକଟରେ ରାସ୍ତାରେ ଗୋଡ଼ି ଭାଙ୍ଗି କାମ କରୁଥିବା ଏକ ଚଉଦ ବର୍ଷର ବାଳକର ଅପୂର୍ବ କଳା ଦେଖିଲେ ବିସ୍ମୟରେ ମନ ଭରି ଉଠିଥିଲା । ସମସ୍ତଙ୍କ ଉପସ୍ଥିତିରେ ଓ ବରାଦ ମୁତାବକ ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ସେ ଅଗ୍ନି ଉଦ୍‌ଗୀରଣ କରାଇ ଦେଇଥିଲା । ଏପରି ବିଦ୍ୟା ତାହାର ମା'ଙ୍କ ଠାରୁ ସେ ଶିଖିଥିବାର ସୂଚନା ଦେଇଥିଲା । ଘଟଣାଟି ଥିଲା ୧୫ ବର୍ଷ ତଳର । ଯଦି ପୁଅ ବିଦ୍ୟାରେ ଏପରି କରିସ୍ମା ଦେଖାଇ ପାରୁଛି ତେବେ ତାହାର ମା'ଙ୍କର ବିଦ୍ୟା ଏହାଠାରୁ ଯଥେଷ୍ଟ ଅଧିକ ଥିବାର ସମ୍ଭାବନା । ତେବେ ଏପରି ବିଦ୍ୟାର ଆଲୋଚନା ଆଉ ହେଉ ନାହିଁକି ପ୍ରସାରଣ ମଧ୍ୟ ନାହିଁ । ଆସ୍ତେ ଆସ୍ତେ ଏହା ମଧ୍ୟ ଲୁଚି ଆସିଲାଣି । ଏହିସବୁ କଣ ଲୋକକଳା ପରିସରକୁ ଆସିପାରିବ ନାହିଁ ?

ଖଣ୍ଡପଡ଼ାର ଡାମ୍ପ ବାଦ୍ୟର ଚମତ୍କାରିତା ସଭିଙ୍କୁ ନିଶ୍ଚୟ ଜଣାଅଛି । ସଙ୍ଗୀତର ତାଳେତାଳେ ଏହି ବାଦ୍ୟ ବେଶ୍ ଉପଭୋଗ୍ୟ । ମାତ୍ର ସେହି କଳା ପ୍ରତି ନଜର ନଥିବାରୁ ସେଠାର ଲୋକମାନେ ଏଥିପ୍ରତି ଆଉ ଆଗ୍ରହ ଦେଖାଉନାହାନ୍ତି । ମୋହନ ଗୋସ୍ୱାମୀଙ୍କର ସଙ୍ଗୀତ ପ୍ରଯୋଜନାର ଯାଦୁ ଏବେ ବି ଶ୍ରୋତାମାନଙ୍କ ନିକଟରେ ରହିଛି । ହୁଏତ ତାଙ୍କ ସଙ୍ଗୀତର ରେକର୍ଡ଼ଟିଏ ପ୍ରସ୍ତୁତ ହୋଇପାରିଲା ନାହିଁ । "ଏହା ହେଉଛି", "ନିକଟରେ ହେବାର ଅଛି" ଆଶ୍ୱାସନା କେବଳ ସଙ୍ଗୀତ ନାଟକ ଏକାଡ଼େମୀ କର୍ତ୍ତୃପକ୍ଷଙ୍କଠାରୁ ଶୁଣିବାକୁ ମିଳୁଛି । ଭୁବନେଶ୍ୱର ନିକଟରେ କୋଠାପାଟଣା ଗାଁରେ ଭାଲୁ ବେହେରା ନାମରେ ଜଣେ ଗୋପାଳ ବଂଶୀବାଦକ ଥିଲେ । ତାଙ୍କର କୌଣସି ଶିକ୍ଷାଗତ ଯୋଗ୍ୟତା ନଥିଲା । ଗୋରୁ ଚରାଇବା ଥିଲା ତାଙ୍କର ଜୀବନଜୀବିକା । ତାଙ୍କ ବଂଶୀ ବଜାଇବାର କଳା ପ୍ରାୟଶଃ କେଉଁଠାରେ ଆଉ ଦେଖିବାକୁ ମିଳୁନାହିଁ । ହୁଏତ ଚଳିତ ଶତାବ୍ଦୀରେ ବହୁ ବଂଶୀବାଦକ ନିଜକୁ ଗୁରୁ ଓ ମହାଗୁରୁ ପଦରେ ଅଧିଷ୍ଠିତ କରାଇ ସାରିଲେଣି । ଭାଲୁ ବେହେରାଙ୍କ ବଂଶୀ ନାଦରେ ଚରୁଥିବା ଗାଇମାନେ ଏକାଠି ହେଉଥିଲେ । ସାପ ବି ଫଣା ଟେକି ଚାହୁଁଥିଲା । ପକ୍ଷୀମାନଙ୍କର ଉଡ଼ିବା ବି ବନ୍ଦ ହୋଇଯାଉଥିଲା । ବଂଶୀବାଦକ ଭାଲୁ ବେହେରା ଆଜି ନାହାନ୍ତି । ମାତ୍ର ସେହି ବଂଶୀର ସ୍ୱର ଯିଏ ଥରେ ଶୁଣିଛି ତାଙ୍କୁ ସେ ଆଦୌ ଭୁଲି ପାରିନାହିଁ । ଲୁପ୍ତ କଳା ସଂପର୍କରେ ଏହା କିଞ୍ଚିତ ଆଲୋଚନା ମାତ୍ର । ଗାଁ ଗହଳରେ ଏହିପରି ବହୁ କଳା ସାଧକ ଅଛନ୍ତି । ବଣଫୁଲ ବଣରେ ଫୁଟି ଝଡ଼ି ପଡ଼ିବା ଭଳି ସେମାନଙ୍କର କଳା ସାଧନା କେହି ଜାଣୁନାହାନ୍ତି । ଲୀଳା, ସୁଆଙ୍ଗ, ରାଧା ପ୍ରେମଲୀଳା, କୃଷ୍ଣଲୀଳା, ଧୁଡୁକି, ପାଟୁଆ, ଚଇତି ଘୋଡ଼ା, ପ୍ରହ୍ଲାଦ ନାଟକ, ପାଲା, ଦାସକାଠିଆ, ଢଣ କୋଲୋ, ସମ୍ବଲପୁରୀ ନୃତ୍ୟ, ପାଇକ, ରଣପା, ଘୁମୁରା ପ୍ରଭୃତି ସହ ଆଦିବାସୀମାନଙ୍କର ନୃତ୍ୟକୁ ଲୋକକଳାରେ ଗ୍ରହଣ କରାଯାଇଥିଲେ ମଧ୍ୟ ଗ୍ରାମ ଗହଳରେ ବହୁ କଳା ଧ୍ୱଂସ ହୋଇ ସାରିଲାଣି ବା ଧ୍ୱଂସ ପଥରେ ରହିଛି ।

ବର୍ତ୍ତମାନର ରାଜ୍ୟ ସରକାର ଏହି ଲୁପ୍ତ ପ୍ରାୟ କଳାକୁ ବଞ୍ଚାଇ ରଖିବା ନିମନ୍ତେ କରୁଥିବା ଉଦ୍ୟମ ପ୍ରଶଂସନୀୟ । ମାତ୍ର ଯେଉଁମାନେ ଏଥିପାଇଁ ନିଯୁକ୍ତ ସେମାନଙ୍କର ଏଥିପ୍ରତି ନିଷ୍ଠାର ଆବଶ୍ୟକତା ରହିଛି ।

# ଓଡିଶାରେ ମାତ୍ର ୨.୪% ଲୋକଙ୍କ ପାସପୋର୍ଟ

ପ୍ରସନ୍ନ କୁମାର ମିଶ୍ର

ଓଡିଶା ରାଜ୍ୟରେ ମାତ୍ର ୨.୪% ଲୋକଙ୍କ ପାଖରେ ସକ୍ରିୟ ପାସପୋର୍ଟ ଥିବାବେଳେ କେରଳରେ ୩୫.୩% ଲୋକଙ୍କ ପାସପୋର୍ଟ ଅଛି । ଏହି ପରିସଂଖ୍ୟାନ ମୋର କେତେକ ବନ୍ଧୁଙ୍କୁ ଆହତ କରିଛି । ମୋ ମତରେ ଏଥିରେ ଦୁଃଖ କରିବା କାରଣ ନାହିଁ । ଆମେ ଆତ୍ମନିରୀକ୍ଷଣ କରିବା ଆବଶ୍ୟକ ଯେ ଏମିତି ନହେବ କାହିଁକି । ଭାବନ୍ତୁ କଟକିଆଙ୍କ ଭିତରୁ କେତେଜଣ ବେଲଘର ଦେଖିଥିବେ ଆଉ କେତେଜଣ ରାୟଗଡା । କେତେଜଣ ଗୁଣୁପୁର ଦେଖିଥିବେ ? ଆମେ କହିବା କାମଥିଲେ ସିନା ଆମେ ଗୁଣୁପୁର ବା ବେଲଘର ଯିବୁ, ନହେଲେ କାହିଁକି ଯିବୁ ?

ପ୍ରସଙ୍ଗଟିର ଅନ୍ୟ ଏକ ଦିଗ ମଧ୍ୟ ଅଛି । ଯେତେ ବାହୁସ୍ଫୋଟ କଲେ ବି ଆମ ରାଜ୍ୟର ଅଧିକାଂଶ ପରିବାରଙ୍କ ସଂଚୟ କେତେ ? ବଳକା ଧନ ହେଲେ ତ ଲୋକଟିଏ କୁଆଡେ ବୁଲାବୁଲି କରିବ । ନହେଲେ ସେ ତା ପିଲାଛୁଆ ନେଇ ଯିବ କେମିତି ? ଆପଣ ହୁଏତ କହିବେ ଭିଜିଲାନ୍ସ ସରକାରୀ ବାବୁଙ୍କ ପାଖରୁ କୋଟିକୋଟି ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ପାଉଛନ୍ତି ଏବଂ ଯୁକ୍ତି କରିବେ ଲୋକଙ୍କ ପାଖରେ ଧନ ଅଛି ; କିନ୍ତୁ ମନ ନାହିଁ । କିନ୍ତୁ ଭାବନ୍ତୁ ଆମ ରାଜ୍ୟ ଲୋକସଂଖ୍ୟା ତୁଳନାରେ ସରକାରୀ ବାବୁଙ୍କ ସଂଖ୍ୟା କେତେ ? ନଗଣ୍ୟ । ତେଣୁ ଅସାଧୁ ବାବୁଙ୍କର ଅମାପ ସମ୍ପତ୍ତି ଥିଲେ ବି ସାଧୁ ସାଧାରଣ ଲୋକ ପାଖରେ ପଇସା ନାହିଁ । ବିଭାଘର, ବ୍ରତଘର, ଶୁଦ୍ଧକ୍ରିୟା ଇତ୍ୟାଦିରେ ଖର୍ଚ୍ଚ କରି ଆମ ଗାଁ ଲୋକେ କରଜରେ ବୁଡି ରହିଛନ୍ତି । ଆମେ ତାର ହିସାବ ରଖୁନେ । ଲକ୍ଷ ଲକ୍ଷ ଓଡ଼ିଆ ପେଟ ପୋଷିବା ପାଇଁ ଇଆଡ଼େ ସିଆଡେ ଯାଉଛନ୍ତି, ଯେମିତି ଆଜି ସନ୍ଧ୍ୟାରେ ଗୋଟିଏ ଶାନ୍ତଶିଷ୍ଟ ୨୪ ବର୍ଷର ଯୁବକ ଜଣେ ପିଜା ଡ଼େଲିଭରି କଲାବେଳେ ମୋତେ କହୁଥିଲା । ତା ଘର କେସିଙ୍ଗା ପାଖରେ, ସେ ପ୍ଲସଟୁ ଫେଲ । ଭୁବନେଶ୍ୱର ଆସି ଡୋମିନୋରେ ଫୁଲଟାଇମ କାମ କରୁଛି । ଦିନକୁ ୨୫ ଟି ଡେଲିଭରି କରୁଛି, ପ୍ରତ୍ୟେକ ଡେଲିଭରି ପାଇଁ ୨୦ ଟଙ୍କା ପାଉଛି । ଦିନେ ଦିନେ ୩୦ ଡେଲିଭରି କରୁଛି । ମାସକୁ ଦଶ ହଜାର ତା ଘରକୁ ପଠାଉଛି । ଭୁବନେଶ୍ୱର ସହରରେ ପାଞ୍ଚ ସାତ ହଜାର ଟଙ୍କାରେ ଚଳୁଚି । ସେ ପାସପୋର୍ଟ କରିବ କେମିତି ?

ଭୁବନେଶ୍ୱରରେ ରହି ଆମେ ଭାବିବା ଆମ ସହର କେତେ ବଡ ହେଲାଣି ; ଏତେ ପ୍ଲେନ ଆସୁଛି ; ଏଠି ମେଟ୍ରୋ କାହିଁକି ନହେବ ? ଆମ ସହରରେ ଏତେ ଫ୍ଲାଟ ହେଲାଣି, ଏତେ ହୋଟେଲ ହେଲାଣି । ମେଟ୍ରୋ ଆସୁନି କାହିଁକି ? ମୁଁ କହିବି ଆମେ ଭିତରକୁ ଯାଉନେ । ଆମ ରାଜ୍ୟରେ ଏଯାଏଁ ଗୋଟିଏ ବି ଭଲ ହାଟ ନାହିଁ, ଅଧିକାଂଶ ସ୍ଥାନରେ ବସଷ୍ଟାଣ୍ଡ ଟିଏ ନାହିଁ । ରାସ୍ତାରେ ସୁସ୍ଥ ଶୌଚାଳୟ ବି ନାହିଁ । ଆମ ସ୍କୁଲରେ ଶିକ୍ଷକ ନାହାନ୍ତି, କଲେଜରେ ଅଧ୍ୟାପକ ନାହାନ୍ତି, ଡାକ୍ତରଖାନାରେ ଫାର୍ମାସିଷ୍ଟ କାମ କରୁଛି । କେରଳ ସ୍ତରରେ ପହଁଚିବା ପାଇଁ ଆମକୁ କେତେ ବର୍ଷ ଲାଗିବ ଟିକେ ଭାବନ୍ତୁ । ସ୍କୁଲରେ ମଧ୍ୟାହ୍ନ ଭୋଜନରେ ଅନେକ କ୍ଷେତ୍ରରେ ପିଲାଟିଏ ଭାତ ଆଉ ଡାଲି ନାଁରେ ହଳଦୀ ପାଣି ଡଙ୍କିଏ ପାଉଛି । ଇଏ ହେଉଛି ପ୍ରକୃତ ଅବସ୍ଥା । ଆମ ପାଠୁଆ ଲୋକେ, ଆମ ନେତା, ଆମ ସରକାରୀ କର୍ମଚାରୀ, ଆମ ମିଡ଼ିଆ ଓଡ଼ିଶାର ପ୍ରକୃତ ରୂପ ସମ୍ବନ୍ଧରେ ଆଜି ମଧ୍ୟ ଅଜ୍ଞ ।

ପାସପୋର୍ଟ ସଂଖ୍ୟା ବଢିବ ଯଦି ଆମେ ସମୃଦ୍ଧ ହେବା । କିନ୍ତୁ ଆଜିବି ମୁଁ ତା ପାଇଁ ନା ସାମୁହିକ ବ୍ୟଗ୍ରତା ଦେଖୁଚି ନା ପ୍ରତିଶୃତିବଦ୍ଧତା ।

# ଲୋକ ସଂସ୍କୃତିର ବାର୍ତ୍ତାବହ 'ଦାସକାଠି'



ଡ଼ ଚନ୍ଦ୍ରକଳା ନାୟକ
ଅଧ୍ୟାପିକା, ମହାପୁରୁଷ
ହାଡିଦାସ ମହାବିଦ୍ୟାଳୟ
ଛତିଆ,
ସା/ପୋ- ଛତିଆ, ଯାଜପୁର,
ମୋ-୯୪୩୭୯୫୭୬୧୭

ସଂସ୍କୃତି ଏକ ପ୍ରବହମାନ ଧାରା । ସଂସ୍କୃତି ହିଁ ବ୍ୟକ୍ତି ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିଥାଏ । ଏହା ତ୍ୟାଗ ଓ ସଂଯମର ବିଭୂତି । ଲୋକସଂସ୍କୃତିର ଜନ୍ମ ସଭ୍ୟତାର ଉଷାକାଳରୁ ଘଟିଥିଲା । ଲୋକସଂସ୍କୃତିର ପରିସର ଅତ୍ୟନ୍ତ ବ୍ୟାପକ । ଏହାରି ଭିତରେ ରହିଛି ଲୋକନୃତ୍ୟ, ଲୋକ ନାଟକ, ଲୋକକଳା, ଲୋକଗୀତ, ଲୋକ କଥା, ଲୋକସାହିତ୍ୟ ପରି ଅନେକ ବିଭାଗ । ତନ୍ମଧ୍ୟରୁ 'ଦାସକାଠି' ଆମ ଲୋକସଂସ୍କୃତିର ଏକ ବାର୍ତ୍ତାବହ । ଦାସକାଠି ନୃତ୍ୟରେ ଅଂଶ ଗ୍ରହଣକାରୀ କଳାକାର ମାତ୍ର ଦୁଇଜଣ । ଜଣେ ପାଳିଆ ଓ ଅନ୍ୟଜଣେ ଗାହାଣ । ଏହା ବ୍ୟୟବହୁଳ ଲୋକନୃତ୍ୟ ନୁହେଁ । ଚରିତ୍ରସଂଖ୍ୟା ସ୍ୱଳ୍ପ ଥିବାରୁ ଏହା ଖୁବ ଲୋକପ୍ରିୟ କଳା । ଶ୍ରୋତା ଓ ଦର୍ଶକଙ୍କ ମନୋରଂଜନ ପାଇଁ ବିଭିନ୍ନ ସାଂକେତିକ ଚରିତ୍ରଗତ ଭୂମିକାରେ ସାମୟିକ ଭାବେ ଏହି ଦୁଇ ଜଣ ଅବତୀର୍ଣ୍ଣ ହୁଅନ୍ତି । ଏମାନଙ୍କ ବାଦ୍ୟ ଉପକରଣ ମଧ୍ୟ ନିଜର ସ୍ୱତନ୍ତ୍ରତା ପ୍ରତିପାଦନ କରେ । ଦାସକାଠି ଗାୟକ ସାଧାରଣତ ସଭ୍ୟ, ଶିକ୍ଷିତ ଓ ସାହିତ୍ୟ ବିଶାରଦ ହୋଇଥାନ୍ତି । କେବଳ ମାତ୍ର ଦୁଇଜଣଙ୍କୁ ନେଇ ଏହି ପରମ୍ପରାଶୀଳ ଲୋକନୃତ୍ୟଟି ବର୍ଷସାରା ଅନୁଷ୍ଠିତ ହୋଇଥାଏ । ବିଶେଷତଃ ଏଥିରେ ଧାର୍ମିକ ଆବେଦନ ରହିଥିବାରୁ ସମାଜର ସମସ୍ତ ବର୍ଗର ବ୍ୟକ୍ତି ଏହାକୁ ଉତ୍ସାହର ସହ ଆୟୋଜନ କରିଥାନ୍ତି । ଲୋକନୃତ୍ୟ ପରମ୍ପରାରେ ଏକମାତ୍ର ଦାସକାଠି ନୃତ୍ୟ ବିଦଗ୍ଧ ଶିକ୍ଷିତ ଓ ଅଶିକ୍ଷିତ ବର୍ଗଙ୍କୁ ବହୁ ଭାବରେ ପ୍ରଭାବିତ କରିଥାଏ । ଆଧୁନିକ ସମୟରେ ଅନେକ ପରିବର୍ତ୍ତନ ହୋଇଥିଲେ ବି ଦାସକାଠି ତାର ସଂଘର୍ଷ ଜାରି ରଖିଛି ।

ଦାସକାଠି ଲୋକ ଚିତ୍ତରେ ପୌରାଣିକ ଭାବଧାରା ପ୍ରତିଷ୍ଠା କରିବା ସଙ୍ଗେସଙ୍ଗେ ଓଡିଆ ସାହିତ୍ୟର ଛାନ୍ଦ, ଚୌତିଶା ଆଦି ପାଇଁ ଆଗ୍ରହ ସୃଷ୍ଟି କରାଇ ଥାଏ । ଏହା ଲୋକନାଟ୍ୟ ହେଲେ ବି ଏଥିରେ ଅଶ୍ଳୀଳ ହାସ୍ୟରସ ଆଦୌ ନଥାଏ । ଦାସକାଠି ପରିବେଷଣ କୌଶଳ ଏବଂ ଶୈଳୀ ମନମୁଗ୍ଧକର ସରସ ସୁନ୍ଦର ଓ ଲାଳିତ୍ୟପୂର୍ଣ୍ଣ । ଦାସକାଠିରେ ପାଳିଆ ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ । ତାର ଉପସ୍ଥିତ ବୁଦ୍ଧି ବଳରେ ନାନା ପ୍ରକାର ହାସ୍ୟରସ ସୃଷ୍ଟି ହୁଏ । ଧରାବନ୍ଧା କୌତୁକପୂର୍ଣ୍ଣ କାହାଣୀ ସ୍ୱତନ୍ତ୍ର ରୀତିରେ ପରିବେଷଣ କରୁଥିବା କାରଣରୁ ଅନ୍ୟାନ୍ୟ ଲୋକନୃତ୍ୟ ଅପେକ୍ଷା ସମାଜରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ।

ଦାସକାଠି ମୁଖ୍ୟ ତ ଗଂଜାମ ଜିଲ୍ଲାରୁ ଜନ୍ମ ହୋଇ ଓଡିଶାସାରା ପରିବ୍ୟାପ୍ତ । ଲୋକ ମୁଖରେ ଶୁଣାଯାଏ, ଆଧ୍ୟାତ୍ମିକ ସଂଘର୍ଷ ମଧ୍ୟରୁ ଏହାର ଜନ୍ମ । ଏହା ବିଦଗ୍ଧ ଲୋକକଳା ହୋଇ ଥିବାରୁ ଏହାର ଗ୍ରାହକ ସବୁ ଶ୍ରେଣୀର । ବୈଷ୍ଣବ ଧର୍ମର ସମୃଦ୍ଧି କାଳରେ ହିଁ ଏହା ଆତ୍ମ ପ୍ରକାଶିତ । କୃଷ୍ଣ ଭକ୍ତି ପରମ୍ପରା ଅପେକ୍ଷା ରାମ ଉପାସନା ହେଉଛି ପ୍ରାଚୀନ । ସେଥିପାଇଁ କୁହାଯାଏ- ଏହା ରାମଲୀଳାର ପ୍ରଚାର ଉଦ୍ଦେଶ୍ୟରେ ସୃଷ୍ଟି ହୋଇଥିଲା । ଲୋକ ପ୍ରଚଳିତ ଭାଷାରେ ଏମାନେ ରାମ, ଲକ୍ଷ୍ମଣ, ଲବକୁଶ ଅଭିନୟରେ ଏକାତ୍ମ ଓ ଅଭିନ୍ନ ଭାବରେ କାର୍ଯ୍ୟ କରିଥାନ୍ତି । ସର୍ବୋପରି ରାମାୟଣର କାର୍ଯ୍ୟାବଳୀ ଓ ପୃଷ୍ଠଭୂମୀ ଏମାନଙ୍କଠାରେ ପ୍ରତିଫଳିତ । ଶ୍ରୀରାମ ଓ ଲକ୍ଷ୍ମଣଙ୍କ ଅଭିନ୍ନ ଯୋଡି ଏମାନଙ୍କ ଆଦର୍ଶ । ରାମଲୀଳାର ଗାୟକଙ୍କ ଦ୍ୱାରା ଏମାନେ ପ୍ରଭାବିତ ।

ଦକ୍ଷୀଣ ଓଡିଶାର 'ବାସିରି' ସଂପ୍ରଦାୟ ଦ୍ୱାରା ଏହା ସୃଷ୍ଟ । ଗାୟକମାନଙ୍କ ଦେହରେ ଜରିଲଗା ପୋଷାକ, ମୁଣ୍ଡରେ ପଗଡି, ହାତରେ ବଳାଖଡୁ, କାନରେ ଗୋଖରା ଶୋଭା ପାଇଥାଏ । ଏହି କଳାକାରମାନେ ଧୋତୀକୁ କୁଞ୍ଚ ପକାଇ କଳାକୋର୍ଟ ପରିଧାନ କରୁଥିଲେ । ସେମାନେ ବେକରୁ ପାଦ ପର୍ଯ୍ୟନ୍ତ ସରୁ ଓଢଣୀ, ଅଣ୍ଟାରେ ଅଣ୍ଟା ପାତିଆ, କପାଳରେ ବୈଷ୍ଣବ ଧର୍ମୀତିଳକ, କାନରେ ନୋଳି, ମସ୍ତକରେ ପଗଡି ଧାରଣ କରୁଥିଲେ । ସାତ୍ତ୍ୱିକଗୁଣକୁ ଅନୁସରଣ କରୁଥିବା ଯୋଗୁ ଉଭୟ ଗାୟକ ଏବଂ ପାଳିଆ ସାତ୍ତ୍ୱିକ ଭାବ ଜାଗ୍ରତ ପାଇଁ ପ୍ରତ୍ୟେକ ଦିନ ଉତ୍ତମଖାଦ୍ୟ ଗ୍ରହଣ କରିଥାନ୍ତି । କାଠିସଙ୍ଗୀତ ଏକ ସଂପୂର୍ଣ୍ଣ ନୂଆରୂପ ନେଇ ଦାସକାଠି



ହୋଇଛି । ଗାୟକ ଓ ପଳିଆ ସାଧାରଣତ ରାମ ଉପାସକ । ଏଥିରେ ପାଳିଆ ମଝିରେ ମଝିରେ 'ରାମ ଯେ, ହରିରାମ ଯେ, ନବୀନ ସୁନ୍ଦରରାମ ଯେ' ଘୋଷା ପଦଟିଏ ବାରମ୍ବାର ଉଚ୍ଚାରଣ କରିଥାନ୍ତି । ଭାରତୀୟ ସଙ୍ଗୀତ ଶାସ୍ତ୍ର ଅନୁଯାୟୀ 'ଆନନ୍ଦ' ବାଦ୍ୟଯନ୍ତ୍ର ମଧ୍ୟରେ ଦାସକାଠି ଅନ୍ତର୍ଭୁକ୍ତ । ଓଡିଶାର ଏହା ଏକ ପ୍ରାଚିନ ଲୋକବାଦ୍ୟ । ଏହି ବାଦ୍ୟଯନ୍ତ୍ର ଦୁଇ ପ୍ରକାରର ବ୍ୟବହୃତ ହୁଏ । ଯଥା ରାମତାଳ ଓ ଲକ୍ଷ୍ମଣତାଳ । ଗାୟକଙ୍କ ଦ୍ୱାରା ବ୍ୟବହୃତ ବାଦ୍ୟ ରାମତାଳ ଓ ଚାରି ଫାଳିଆ କାଠକୁ ଯାହା ପାଳିଆ ବ୍ୟବହାର କରିଥାଏ, ତାହା ଲକ୍ଷ୍ମଣ ତାଳ । ସାଧାରଣତ ଏହା ଶିଶୁକାଠରୁ ପ୍ରସ୍ତୁତ ହୋଇଥାଏ । ଦାସକାଠି ବାଦ୍ୟଯନ୍ତ୍ରର ଆକୃତି ଓ ବ୍ୟବହାରିକ ଦୃଷ୍ଟିରୁ ଜଣାଯାଏ, ଏହା ବହୁ ବର୍ଷ ତଳର ନୃତ୍ୟକଳା । ଶିଶୁକାଠରୁ ନିର୍ମିତ ଏହି ବାଦ୍ୟ ବିଶ୍ୱକର୍ମାଙ୍କ ପ୍ରସ୍ତୁତ ପୌରାଣିକ ଯୁଗରୁ ପରମ୍ପରା କ୍ରମେ ଆସିଛି ବୋଲି କୁହାଯାଉଛି ।

ଦାସକାଠିର କଳାକାର ଭ୍ରମଣ ପ୍ରିୟ । ଗ୍ରାମରୁ ଗ୍ରାମ ଓ ସହରାଦିରେ ପୁରାଣର ସଂଗୃହିତ ଓ କାଳ୍ପନିକ ବିଷୟବସ୍ତୁ ପରିବେଷଣ କରିଥାନ୍ତି । ଯେପରି ଚନ୍ଦ୍ରାବତୀ ହରଣ, ନିଳାଦ୍ରୀହରଣ, କାମକଳାହରଣ, ସୁଲୋଚନା ପରିଣୟ, ଚିତ୍ରସେନ ହରଣ, ସୁଭଦ୍ରାହରଣ, କୀଚକ ବଦ୍ଧ, କର୍ଣ୍ଣ ବଦ୍ଧ, ଅଭିମନ୍ୟୁ ବଦ୍ଧ ପ୍ରଭୃତି ଏହାର ବହୁଜନାଦୃତ ଆଲୋଚିତ ବିଷୟ । ଦାସକାଠିର କେତେକ ବିଷୟ ପାଳିଆ ପରିବେଷଣ କରେ, ଯାହାର ସମ୍ପର୍କ ମୂଳ ବିଷୟସହ ନଥାଏ । କିନ୍ତୁ ଦର୍ଶକର ମନୋରଂଜନ ହୋଇଥାଏ ଓ କେତେକ ସାମାଜିକ ଶିକ୍ଷା ମଧ୍ୟ ମିଳିଥାଏ । ଯେପରି ଗାୟକ ଆଗରେ ବୋଲେ – 'ସମ୍ମୁଖ ସମର ଅଟେ ଧର୍ମଯୁଦ୍ଧ ନୀତି, ପୃଷ୍ଠଦେଶୁ ଯୁଦ୍ଧ କେବେ ନକରଇକ୍ଷତ୍ରୀ' । ପାଳିଆ ପଛରେ ବୋଲେ – 'ମଧୁପରି ତାଙ୍କ ଝିଅ ଚତୁର ସୁନ୍ଦରୀ, ଆସିଛି କଟକରୁ ଏମ.ଏ ପାସ କରି' । ଅଭିମନ୍ୟୁ ବଦ୍ଧ ବିଷୟ ପରିବେଷଣ କଲାବେଳେ ପାଳିଆ ଆଧୁନିକ ସମାଜର ଏକ ସାମାଜିକ ଚିତ୍ର ପରିବେଷଣ କରିଥାଏ । ଦାସକାଠି ଅଭିନୟ ମୁକ୍ତମଂଚରେ ହୋଇଥାଏ । ଆବାହମାନ କାଳରୁ ଉତ୍ତର ରାମଚରିତର ଶେଷ ଅଙ୍କ ପାଠକଲେ ମନେହୁଏ ଲବକୁଶ ଏହି ପରି ମୁକ୍ତମଂଚରେ ରାମାୟଣର ନାଟ୍ୟରୂପ ପରିବେଷଣ କରିଥିଲେ । ମୁକ୍ତ ଆକାଶ ବା ଚାନ୍ଦୁଆତଳେ ହିଁ ଏହା ପ୍ରଦର୍ଶିତ ହୁଏ । ଅଭିନୟ ସ୍ଥାନର ଚାରି ପାର୍ଶ୍ୱରେ ଦର୍ଶକଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯାଏ । ଏହି ଅଭିନୟ କ୍ଷେତ୍ରକୁ ମଣ୍ଡଳ କୁହାଯାଏ । ସଙ୍ଗୀତ ନୃତ୍ୟ ଓ ଅଭିନୟର ଏକ ମିଶ୍ରିତ କଳା ହେଉଛି ଦାସକାଠି ।

ଦାସକାଠି ଆମ ପରମ୍ପରାରେ ଏକ ଗୀତିମୟସାହିତ୍ୟିକ କହିଲେ ଭୁଲହେବ ନାହିଁ । ଏହା ରାମଭକ୍ତି ମାର୍ଗ ରଲୋକ ନାଟକ । ଦାସକାଠିର ଅନ୍ୟ ନାମହେଉଛି- ରାମତାଳି । କାହିଁ କେଉଁ ଶତାବ୍ଦୀରୁ ସୃଷ୍ଟି ହୋଇଥିବା ଏହି ବିଦଗ୍ଧ କଳାକୁ ଆମ ପରମ୍ପରାର ବାର୍ତ୍ତାବହଭାବରେ ଗ୍ରହଣ କରାଯାଇଛି । ଆମ ସାଂସ୍କୃତିକ ତଥା ସାହିତ୍ୟିକ ଶ୍ରୋତସ୍ୱିନୀକୁ ମୁଖରିତ କରି ଗଢି ତୋଳିବାରେ ଦାସକାଠି ଗୁରୁତ୍ୱପୂର୍ଣ୍ଣ ଭୂମିକା ଉଲ୍ଲେଖଯୋଗ୍ୟ । ଆଜିର ଅତ୍ୟାଧୁନିକ ବସ୍ତୁବାଦୀ ଯୁଗରେ ଏହି ପାରମ୍ପରିକ ଲୋକକଳାକୁ ବଂଚାଇରଖିବା ପ୍ରତ୍ୟେକ ଓଡିଆମାନଙ୍କ କର୍ତ୍ତବ୍ୟ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୬ ଜୁଲାଇ ୨୦୨୫ ବୁଧବାର



# ଚଳିତବର୍ଷର ଶ୍ରାବଣ ମାସ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ

ଆରମ୍ଭ ହୋଇଛି ଶ୍ରାବଣ ମାସ । ଶିବମୟ ହୋଇ ଉଠିବ ସଂସାର । ମହାଦେବଙ୍କ ଭକ୍ତିରେ ଭିଜିବେ ହେବେ ଭକ୍ତ । ମାସଯାକ ବ୍ରତ ପାଳନ କରି ପାଇବେ ନୀଳକଣ୍ଠଙ୍କ ଆଶୀର୍ବାଦ । ଏଥର ଶ୍ରାବଣ ମାସ ୩୦ ଦିନ ପାଇଁ ନୁହେଁ ବରଂ ୩୦ ଦିନ ପାଇଁ ପଡୁଛି । ଏହାର କାରଣ ହେଉଛି ଯେ, ଶ୍ରାବଣ ମାସରେ ତ୍ରୟୋଦଶୀ ତିଥି କ୍ଷୟ ହେଉଛି । ଜୁଲାଇ ୧୧ ତାରିଖ ଅର୍ଥାତ ଆଜି ଶ୍ରାବଣ ମାସର ପ୍ରଥମ ଦିନ । ଆଜିର ଦିନରେ ଏକ ସ୍ୱତନ୍ତ୍ର ଯୋଗ ଗଠନ ସୃଷ୍ଟି ହେଉଛି । ଶିବ ଯୋଗ, ପ୍ରୀତି ଯୋଗ ଏବଂ ଆୟୁଷ୍ମାନ ଯୋଗ ହେଉଛି । ହିନ୍ଦୁ ଧର୍ମରେ ଏହି ସମସ୍ତ ଯୋଗକୁ ବହୁତ ଶୁଭ ବୋଲି ବିବେଚନା କରାଯାଏ । ଶ୍ରାବଣ ମାସର ପ୍ରଥମ ଦିନରେ ସୂର୍ଯ୍ୟୋଦୟରୁ ଶିବ ପୂଜାର ଶୁଭ ସମୟ ଆରମ୍ଭ ହେଉଛି । ଆଜି ସକାଳ ୫ଟା ୩୧ ରୁ ୭ ଟା୧୫ ପର୍ଯ୍ୟନ୍ତ ରହିଛି । ଏହା ପରେ ଶୁଭ ସମୟ ସକାଳ ୧୦ଟା ୪୩ ରୁ ଅପରାହ୍ଣ ୨ଟା ୧୦ ପର୍ଯ୍ୟନ୍ତ ରହିଛି । ଆଜିର ପବିତ୍ର ଦିନରେ ପିଆଜ ଏବଂ ରସୁଣ ଖାଆନ୍ତୁ ନାହିଁ । ଘରର ବାତାବରଣକୁ ପବିତ୍ର ତଥା ସ୍ୱଚ୍ଛ ରଖନ୍ତୁ । ଭଗବାନ ଶିବଙ୍କ ପୂଜାରେ ତୁଳସୀ ପତ୍ର, ସିନ୍ଦୁର, ଭଙ୍ଗା ଚାଉଳ ଇତ୍ୟାଦି ଅର୍ପଣ କରନ୍ତୁ ନାହିଁ । ଶ୍ରାବଣ



ମାସରେ ରୁଦ୍ରାଭିଷେକ କରୁଥିଲେ ଶୁଦ୍ଧ ଜଳ, କ୍ଷୀର, ଦହି, ଚିନି, ଘିଅ, ମହୁ, ଚନ୍ଦନ, ବେଲପତ୍ର, ଫୁଲ ମାଳ, ଗୋଟା ଚାଉଳ, ଦୀପ, ଧୂପ, ବେଲପତ୍ର, ଦୁଦୁରା, ଭାଙ୍ଗ, ପାଉଁଶ, ଗଙ୍ଗା ଜଳ ଏବଂ ମିଠା ଇତ୍ୟାଦି ଅର୍ପଣ କରନ୍ତୁ । ପ୍ରଭୁଙ୍କୁ ଭୋଗ ସ୍ୱରୂପ କ୍ଷୀର, ହାଲୱା, ମାଲପୁଆ ଏବଂ ଫଳ ଇତ୍ୟାଦି ଅର୍ପଣ କରନ୍ତୁ । ଏହି ସମସ୍ତ ଖାଦ୍ୟ ପଦାର୍ଥ ଭଗବାନ ଶିବଙ୍କୁ ବହୁତ ପ୍ରିୟ ।

ଶ୍ରାବଣ ମାସରେ ଚତୁର୍ଥୀ, ଅଷ୍ଟମୀ, ନବମୀ, ଚତୁର୍ଦ୍ଦଶୀ ଏବଂ ଅମାବାସ୍ୟା ତିଥିରେ ବେଲପତ୍ର ଛିଣ୍ଡାଇବା ଉଚିତ୍ ନୁହେଁ । ସଂକ୍ରାନ୍ତି ଏବଂ ସୋମବାରରେ ମଧ୍ୟ ବେଲପତ୍ର ଛିଣ୍ଡାନ୍ତୁ ନାହିଁ । ଏପରି କରିବା ପାପ ବୋଲି ବିବେଚନା କରାଯାଏ । ତେଣୁ ଯଦି ଆପଣ ଏହି ତିଥିଗୁଡ଼ିକରେ ବେଲପତ୍ର ଅର୍ପଣ କରିବାକୁ ଚାହାଁନ୍ତି, ତେବେ ଗୋଟିଏ ଦିନ ପୂର୍ବରୁ ଏହାକୁ ଛିଣ୍ଡାଇ ଦିଅନ୍ତୁ ।

ଶ୍ରାବଣରେ ଶିବ ଉପାସନା କାହିଁକି କରାଯାଏ.....

ଭଗବାନ ଶିବଙ୍କ ପୂଜା ଆରାଧନା କରିବା ଲାଗି ଏହା ହେଉଛି ଉତ୍କୃଷ୍ଟ ସମୟ । ଏହି ଶ୍ରାବଣ ମାସରେ ଶିବଙ୍କ କୃପା ଲାଭ ପାଇଁ ଶିବଭକ୍ତମାନେ ବ୍ରତ ରଖି ବୋଲବମ୍ ଯାତ୍ରା କରିଥାନ୍ତି ।

ହିନ୍ଦୁ ପଞ୍ଜାଙ୍ଗରେ ପଞ୍ଚମ ମାସ ହେଉଛି ଶ୍ରାବଣ । ତେବେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଯେଉଁ ନକ୍ଷତ୍ରରେ ରହନ୍ତି, ସେହି ଅନୁସାରେ ମାସର ନାଁ ରଖାଯାଏ । ଏହିପ୍ରକାରେ ଏହି ମାସ ଯେତେବେଳେ ଆରମ୍ଭ ହୁଏ, ସେତେବେଳେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଶ୍ରବଣା ନକ୍ଷତ୍ରରେ ବିରାଜମାନ ହୋଇଥାନ୍ତି । ସେଥିପାଇଁ ଏହି ମାସ ଶ୍ରାବଣ ନାଁରେ ପରିଚିତ । ଭଗବାନ ଶିବଙ୍କୁ ବିଭିନ୍ନ କାରଣ ପାଇଁ ଶ୍ରାବଣ ମାସ ବେଶ୍ ପ୍ରିୟ । କୁହାଯାଏ, ଏହି ମାସରେ ମାତା ପାର୍ବତୀ ବର ଭାବେ ଶିବଙ୍କୁ ପାଇବା ପାଇଁ ବ୍ରତ ରଖିଥିଲେ ଓ ତପସ୍ୟା ବି କରିଥିଲେ । ସେଥିପାଇଁ ଏହି ମାସ ଭଗବାନ ଶିବଙ୍କର ଅତି ପ୍ରିୟ ।

ସମୁଦ୍ର ମନ୍ଥନରୁ ବାହାରିଥିବା ହଳାହଳ ବିଷକୁ ଯେତେବେଳେ ମହାଦେବ ପାନ କଲେ ସେତେବେଳେ ତାଙ୍କ ଶରୀରର ତାପ ବଢ଼ିଲା ଏବଂ ଏହି ତାପକୁ କମ୍ କରିବା ପାଇଁ ଭଗବାନ ଶିବଙ୍କ ଉପରେ ଦେବତାମାନେ ଜଳ ବର୍ଷା କଲେ । ଏହଦ୍ୱାରା ଶିବଙ୍କୁ ଶୀତଳତା ମିଳିଥିଲା । ସେହିପରି ଶ୍ରାବଣ ମାସରେ ବର୍ଷା ହୁଏ । ଏ ଦୃଷ୍ଟିରୁ ଏହା ହେଉଛି ଭଗବାନ ଶିବଙ୍କ ପ୍ରିୟ । ଅନ୍ୟପଟେ ଏହି ମାସରେ ଭଗବାନ ବିଷ୍ଣୁ ଯୋଗନିଦ୍ରାରେ ଥିବାରୁ ସୃଷ୍ଟିର କାର୍ଯ୍ୟଭାର ଭଗବାନ ଶିବ ସମ୍ଭାଳିଥାନ୍ତି । ଏହି ତମାମ ମାସ ଶିବ ପ୍ରସନ୍ନ ମୁଦ୍ରାରେ ରହନ୍ତି । ଏଣୁ ଏହି ସମୟରେ ରୁଦ୍ରାଭିଷେକ କରିବା ଶୁଭ ବୋଲି ବିବେଚନା କରାଯାଏ । ଶିବଙ୍କୁ ପ୍ରସନ୍ନ କରିବା ପାଇଁ ସରଳ ଜୀବନ ଅତିବାହିତ କରିବା ଭଲ । ଏହି ମାସରେ ତାମସିକ ଭୋଜନକୁ ତ୍ୟାଗ କରି ଶିବ ମନ୍ତ୍ରକୁ ଜପ କରିବା ଦରକାର । ସୋମବାର ବ୍ରତ ରଖିବା ଉତ୍ତମ । ଶ୍ରାବଣ ମାସରେ ଶିବଲିଙ୍ଗରେ କ୍ଷୀର, ବେଲପତ୍ର, କେତକୀ ଫୁଲ ଅର୍ପଣ କଲେ ସମସ୍ତ ମନସ୍କାମନା ପୂରଣ ହୁଏ ।

# ଆଭା

## ଦାମ୍ପତ୍ୟ ଜୀବନରେ ଦୂରତାକୁ ହ୍ରାସ କରିବା ପାଇଁ ଟିପ୍ସ



ଦାମ୍ପତ୍ୟ ଜୀବନରେ ଦୂରତା ଆସିବା ଓ ସାଥୀକୁ ଅନେକ କଥା ଲୁଚାଇବା ସାଧାରଣ ସମସ୍ୟା । କିନ୍ତୁ ଏହାକୁ ଅଣଦେଖା କରିବା ଦ୍ୱାରା ସମ୍ପର୍କରେ କ୍ରମଶଃ ଦୂରତା ବଢ଼ିଚାଲେ । ପରବର୍ତ୍ତୀ ମୁହୂର୍ତ୍ତରେ ସମ୍ପର୍କ ଦୁର୍ବଳ ହୋଇପଡେ । ତେଣୁ ଦୂରତା ବଢ଼ିବା ପୂର୍ବରୁ ସମ୍ପର୍କର ଡୋରକୁ ମଜଭୁତ୍ କରିବାର ପ୍ରୟାସ କରିବା ଆବଶ୍ୟକ । ଆପଣ ଯଦି ସମ୍ପର୍କରେ କିଛି ପରିବର୍ତ୍ତନ ଲକ୍ଷ୍ୟ କରୁଛନ୍ତି ସାଥୀ ଆପଣଙ୍କ ଆଗରେ କୌଣସି କଥା ଲୁଚାଉଛନ୍ତି କି ଯଦି ହଁ, ତେବେ ବ୍ୟସ୍ତ ହୁଅନ୍ତୁନାହିଁ । ସବୁ ସମ୍ପର୍କରେ ଏମିତି ମୋଡ ନିଶ୍ଚୟ ଆସିଥାଏ । ଏଭଳି ଚ୍ୟାଲେଞ୍ଜକୁ ସାମ୍ନା ଉଚିତ୍ ।

ଖୋଲାଖୋଲି ଭାବେ କଥା ହୁଅନ୍ତୁ, କିନ୍ତୁ ନମ୍ରତାର ସହ: ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି କମ୍ୟୁନିକେଶନ୍ । ନିଜ ସାଥୀ ସହ ସିଧାସଳଖ, ଶାନ୍ତ ଭାବେ ଓ ପ୍ରେମରେ କଥା ହୁଅନ୍ତୁ । ତାଙ୍କୁ ନିଜର ଅନୁଭବ ବିଷୟରେ ଜଣାନ୍ତୁ । କଥା ଲୁଚାଇବା ଦ୍ୱାରା ଆପଣଙ୍କୁ କିପରି ଅନୁଭବ ହେଉଛି ଜଣାନ୍ତୁ । ଆରୋପ ଲଗାଇବା ପରିବର୍ତ୍ତେ ନିଜ ଭାବନାକୁ ବ୍ୟକ୍ତ କରନ୍ତୁ ।

ଶୁଣିବା ଅଭ୍ୟାସ ବଢାନ୍ତୁ: କେବଳ ନିଜ କଥା କହିବା ଯଥେଷ୍ଟ ନୁହେଁ, ସାଥୀର କଥାକୁ ଧୈର୍ଯ୍ୟର ସହ ଶୁଣିବା ମଧ୍ୟ ଜରୁରି । ତାଙ୍କ କଥାକୁ ପୁରା କହିବାର ସୁଯୋଗ ନିଶ୍ଚୟ ଦିଅନ୍ତୁ । ତାଙ୍କ କଥାରେ ପ୍ରତିବନ୍ଧକ ନ ହୋଇ ପୁରା ସମସ୍ୟା ଓ କଥା ଲୁଚାଇବାର ସମସ୍ତ କାରଣକୁ ଧୈର୍ଯ୍ୟର ସହ ଶୁଣନ୍ତୁ । ଏପରି କରିବା ଦ୍ୱାରା ସମସ୍ୟାର ମୂଳ କାରଣ ଜାଣିପାରିବେ ।

ଭରସାର ମାହୋଲ୍ ସୃଷ୍ଟି କରନ୍ତୁ: ସମ୍ପର୍କରେ ଦୂରତା ଆସିବାର ସବୁଠାରୁ ବଡ କାରଣ ହେଉଛି ଭରସାର ଅଭାବ । ତେଣୁ ସାଥୀଙ୍କ ମନରେ ଭରସା ଆସିବାକୁ ଦିଅନ୍ତୁ ଯେ ଆପଣ ତାଙ୍କୁ ବୁଝୁଛନ୍ତି । ତାଙ୍କ ଭୁଲ୍ ଉପରେ କୌଣସି ପ୍ରତିକ୍ରିୟା ଦିଅନ୍ତୁନାହିଁ । ବରଂ ଏକ ସୁରକ୍ଷିତ ମାହୋଲ୍ ବଜାୟ ରଖନ୍ତୁ । ଫଳରେ ସାଥୀ ବିନା ଭୟରେ କୌଣସି କଥା କହିପାରିବେ । ଛୋଟ ଛୋଟ କଥା ବାଣ୍ଟନ୍ତୁ, ଫଳରେ ବିଶ୍ୱାସ ବଢିବ ।

ସାଙ୍ଗ ହୋଇ ସମୟ ବିତାନ୍ତୁ: ବ୍ୟସ୍ତବହୁଳ ଜୀବନ ଯୋଗୁ ପରସ୍ପର ସହ ସମୟ ବିତାଇବା କଷ୍ଟକର ହୋଇପଡୁଛି । ତଥାପି କିଛି ସମୟ ବାହାର କରି ସାଥୀଙ୍କ ସହ ସମୟ ବିତାନ୍ତୁ । ଏହାହିଁ ଦୂରତାକୁ କମାଇପାରିବା । କିଛି ସମୟ ପାଇଁ ଏକାଠି ବାହାରକୁ ବୁଲିବାକୁ କିମ୍ବା ଫିଲ୍ମ ଦେଖିବାକୁ ଯାଆନ୍ତୁ । ଏପରି କରିବା ଦ୍ୱାରା ପୁରୁଣାଦିନ କ୍ରମଶଃ ସତେଜ ହୋଇଥାଏ ।

ନିଜକୁ ତଥା ସମ୍ପର୍କକୁ ସମୟ ଦିଅନ୍ତୁ: ଯେକୌଣସି ସମସ୍ୟାକୁ ଠିକ୍ କରିବାକୁ ହେଲେ ସମୟ ଦେବାକୁ ପଡିଥାଏ । ଧୈର୍ଯ୍ୟ ରଖନ୍ତୁ, ସମ୍ପର୍କକୁ ଠିକ୍ କରିବାକୁ ହେଲେ ନିଜକୁ ତଥା ସାଥୀକୁ କିଛି ସମୟ ଦେବାକୁ ପଡିଥାଏ । କାରଣ ତୁରନ୍ତ ସବୁକିଛି ଠିକ୍ ହୋଇଯାଇ ନଥାଏ । ଯଦି ସମସ୍ୟା ଗମ୍ଭୀର ହୋଇଥାଏ, ତେବେ ସମ୍ପର୍କରେ ସୁଧାର ଆଣୁଥିବା ପରାମର୍ଶଦାତାଙ୍କ ସହ ପରାମର୍ଶ କରିବା ଆବଶ୍ୟକ ।

# ଜଙ୍ଗଲ କ୍ଷୟର ସବୁଠାରୁ ବଡ଼ କାରଣ ବଜ୍ରପାତ



ଅନ୍ୟ ଯେକୌଣସି ଜଳବାୟୁ-ସମ୍ବନ୍ଧୀୟ କାରଣ ଅପେକ୍ଷା ବଜ୍ରପାତ ଯୋଗୁଁ ଅଧିକ ସଂଖ୍ୟକ ଗଛର ମୃତ୍ୟୁ ହେଉଛି ବୋଲି ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି । ଏକ ନୂତନ ଅଧ୍ୟୟନ ଅନୁଯାୟୀ, ଲଗାତାର ବୃଦ୍ଧି ପାଉଥିବା ବଜ୍ରପାତ ସଂଖ୍ୟା ବର୍ତ୍ତମାନ ଆମାଜନ୍ ଜଙ୍ଗଲରେ ଗଛମୃତ୍ୟୁର ଏକ ପ୍ରମୁଖ କାରଣ ସାଜିଛି, ଯାହାକୁ ଏପର୍ଯ୍ୟନ୍ତ ଅଣଦେଖା କରାଯାଇ ଆସିଥିଲା ।

ଉଲ୍ଲେଖଯୋଗ୍ୟ, କ୍ରାନ୍ତିମଣ୍ଡଳୀୟ ଜଙ୍ଗଲ ଅଙ୍ଗାରକାମ୍ଳ ଶୋଷଣ କରି ଜଳବାୟୁ ପରିବର୍ତ୍ତନକୁ ଧୀର କରିବାରେ ସାହାଯ୍ୟ କରେ । ସେହି ଗଛଗୁଡ଼ିକ ଅଧିକ ସଂଖ୍ୟାରେ ମରିବା ଦ୍ୱାରା ଅଧିକ ପରିମାଣର ଅଙ୍ଗାରକ ବାୟୁରେ ରହି ବିଶ୍ୱ ଉତ୍ତପ୍ତୀକରଣକୁ ତୀବ୍ରତର କରିଥାଏ । କ୍ରାନ୍ତିମଣ୍ଡଳୀୟ ଅଞ୍ଚଳରେ ବୃକ୍ଷ ମୃତ୍ୟୁ ପାଇଁ ବୈଜ୍ଞାନିକମାନେ ବହୁ ଦିନ ଧରି ମରୁଡ଼ି, ତାପମାତ୍ରା ବୃଦ୍ଧି, ଜଙ୍ଗଲ ନିଆଁ ଓ ଜଙ୍ଗଲ କାଟ ପ୍ରମୁଖକୁ ଦାୟୀ କରିଆସୁଛନ୍ତି । କିନ୍ତୁ ଏହି ନୂତନ ଗବେଷଣା କହୁଛି ଯେ ଛୋଟ ତଥା ତୀବ୍ର ଝଡ଼ ସର୍ବାଧିକ କ୍ଷତି କରୁଛି । ଏହି ଝଡ଼ଗୁଡ଼ିକ ଆମାଜନ୍ ଜଙ୍ଗଲରେ ଗଛ ମୃତ୍ୟୁରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଁ ଦାୟୀ ବୋଲି 'ଇକୋଲୋଜି ଲେଟର୍ସ' ପତ୍ରିକାରେ ପ୍ରକାଶିତ ଅଧ୍ୟୟନରୁ ଜଣାପଡ଼ିଛି । ଏହି କ୍ଷଣସ୍ଥାୟୀ ସଂଚଳନଶୀଳ ଝଡ଼ଗୁଡ଼ିକ ତୀବ୍ର ହେବା ସହ ଛୋଟ ଅଞ୍ଚଳକୁ ଘେରି ରଖି ପ୍ରବଳ ପବନ, ବିଜୁଳି ଓ ହଠାତ୍ ବାଦଲଫଟା ବର୍ଷା କରାଇଥାନ୍ତି । ଘୂର୍ଣ୍ଣିବାତ୍ୟା କିମ୍ବା ଟାଇଫୁନ୍ ପରି, ଏଗୁଡ଼ିକୁ ନାମକରଣ କିମ୍ବା ଟ୍ରାକ୍ କରାଯାଏ ନାହିଁ । କିନ୍ତୁ ଝଡ଼ ସହ ହେଉଥିବା ଘଡ଼ଘଡ଼ି-ବିଜୁଳି ଗଛଗୁଡ଼ିକୁ ଲକ୍ଷ ଲକ୍ଷ ସଂଖ୍ୟାରେ ନଷ୍ଟ କରିଦିଏ ।

ଉଲ୍ଲେଖଯୋଗ୍ୟ, କ୍ରାନ୍ତିମଣ୍ଡଳୀୟ ଜଙ୍ଗଲଗୁଡ଼ିକ ବିପୁଳ ପରିମାଣର ଅଙ୍ଗାର ସଂରକ୍ଷଣ କରନ୍ତି । ସେମାନେ ପ୍ରତିବର୍ଷ ସମସ୍ତ ଜୀବାଶ୍ମ ଇନ୍ଧନ ନିର୍ଗମନର ପ୍ରାୟ ୪୫ ପ୍ରତିଶତ ଶୋଷି ନେଇଥା'ନ୍ତି । ଯେତେବେଳେ ଝଡ଼ ଗଛଗୁଡ଼ିକୁ ଏପରି ମାରିଦିଏ, ମୃତ ଗଛଗୁଡ଼ିକ ଅଙ୍ଗାରକୁ ସଂରକ୍ଷଣ କରିବା ପରିବର୍ତ୍ତେ ତାହା ବାୟୁମଣ୍ଡଳକୁ ଫେରି ଆସିଥାଏ । ବଜ୍ରପାତ ହିଁ ଥରକେ ଡଜନେ ଗଛକୁ ଆଘାତ କରିବା ସହ ପ୍ରତି ବର୍ଷ କୋଟି କୋଟି ଗଛକୁ ମାରିଦିଏ । ଅନେକ ବୃକ୍ଷ ଧୀରେ ଧୀରେ ମରିଥା'ନ୍ତି, ଯେଉଁ କ୍ଷତିକୁ ଗଣନା କରିବା କଷ୍ଟକର ହୋଇଥାଏ । ଏକ ଆକଳନ ଅନୁଯାୟୀ, ବାର୍ଷିକ ୩୫ରୁ ୬୭ ନିୟୁତ ବଜ୍ରପାତ ଗ୍ରୀଷ୍ମମଣ୍ଡଳୀୟ ଜଙ୍ଗଲକୁ ଆଘାତ କରେ । ଅର୍ଥାତ୍ ପ୍ରତିବର୍ଷ ଶହ ଶହ ନିୟୁତ ବୃକ୍ଷ ଏଥିଯୋଗୁଁ ମୃତ୍ୟୁମୁଖରେ ପଡ଼ିଥା'ନ୍ତି । ପାନାମାରେ କେବଳ ଗୋଟିଏ ବଜ୍ରପାତ ହାରାହାରି ୩.୫ ଗଛକୁ ମାରିଦିଏ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି । ଏହା ସତ୍ତ୍ୱେ ବଜ୍ରପାତକୁ ଜଙ୍ଗଲ କ୍ଷୟର କାରକ ଭୂମିକାରେ ରଖି ଖୁବ୍ କମ୍ ଗବେଷଣା ହେଇଛି । ଗତ ୫୦ ବର୍ଷରେ ବଜ୍ରପାତ ହାର ଦଶନ୍ଧି ପିଛା ୫-୨୫ ପ୍ରତିଶତ ହାରରେ ବଢୁଥିବାରୁ ଜଳବାୟୁ ପରିବର୍ତ୍ତନ ଜଙ୍ଗଲ କ୍ଷୟକୁ ବଢ଼ାଇଦେବ ବୋଲି ଗବେଷକମାନେ ସତର୍କ କରାଇଦେଇଛନ୍ତି ।

# ପିଲାକୁ ନିଶାଠାରୁ ଦୂରେଇ ରଖନ୍ତୁ

ମାନସିକ ଚିନ୍ତା ଓ ସାଙ୍ଗସାଥୀଙ୍କ ଚାପ କାରଣରୁ ଏବେକାର କିଶୋରମାନେ ଡ୍ରଗ୍ସ ନିଶାରେ ପଡୁଛନ୍ତି, ଯାହା ଏବେ ସବୁଠାରୁ ବଡ଼ ସମସ୍ୟା ଭାବେ ଉଭା ହେବାରେ ଲାଗିଛି । ବାପାମା' ଏହି ପିଲାମାନଙ୍କୁ ନିଶାଠାରୁ ଦୂରେଇ ରଖିବା ପାଇଁ ଉପଯୁକ୍ତ ସମୟରେ ବିଭିନ୍ନ ପଦକ୍ଷେପ ନେବା ଉଚିତ୍ । ସେହିପରି ପିଲାଙ୍କ ବ୍ୟବହାରରେ ଅଚାନକ୍ ପରିବର୍ତ୍ତନ ଆସିଲେ ବାପାମା' ସତର୍କ ହେବା ସହ ଶାନ୍ତ ଭାବେ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ଆବଶ୍ୟକ । ଡ୍ରଗ୍ସ ଆମ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ, ତାହା ପ୍ରାୟ ସମସ୍ତେ ଜାଣନ୍ତି । ଏପଟେ ଆଜିକାଲିର ଯୁବ ସମାଜ ଅନେକ ଚାପ ଦେଇ ଗତି କରୁଛନ୍ତି । ଫଳରେ ସେମାନଙ୍କ ଉପରେ ଚିନ୍ତାର ବୋଝ ରହିଥାଏ । ତେଣିକି ସେ ପଢାର ଚିନ୍ତା ହେଉ ଅବା ସାଙ୍ଗଠାରୁ ପାଇଥିବା ଧୋକା ହେଉ କିମ୍ବା କୌଣସି ସୋସିଆଲ୍ ମିଡିଆର ପ୍ରଭାବ ମଧ୍ୟ ହୋଇପାରେ । ଏହି ସ୍ଥିତିରେ ପ୍ରାୟ ପିଲା ନିଶାରେ ଯେପରିକି ମଦ୍ୟପାନ, ସିଗାରେଟ୍ ଓ ଡ୍ରଗ୍ସ ଆଦିର କବ୍‌ଜାରେ ପଡିଯାଇଥାନ୍ତି । ଏହା କାହାକୁ ମଧ୍ୟ ଜଣାପଡି ନଥାଏ । ବିଶେଷକରି ଟିନ୍‌ଏଜ୍, ଯେଉଁମାନଙ୍କର ବୟସ ୧୩ରୁ ୧୯ ଭିତରେ ରହିଥାଏ । ଏମାନଙ୍କ ମସ୍ତିଷ୍କ ଭଲ ଭାବେ ବିକଶିତ ହୋଇ ନଥାଏ । ଏହି ସମୟରେ ଅଧିକାଂଶ ପିଲା ଡ୍ରଗ୍ସ କବଳରେ ପଡି ଯାଇଥାନ୍ତି । ଚାଲନ୍ତୁ ଜାଣିବା ବାପାମା' ପିଲାମାନଙ୍କୁ ଏହି ସ୍ଥିତିରେ କେମିତି ନିୟନ୍ତ୍ରଣ କରିପାରିବେ ।

ଶାନ୍ତ ମନରେ ଓ ଖୋଲାଖୋଲି ଭାବେ କଥା ହୁଅନ୍ତୁ: ଯଦି ପିଲା କୌଣସି କାରଣରୁ କିଛି ଖରାପ ଅଭ୍ୟାସରେ ପଡିଯାଇଛି, ତେବେ ତା' ସହ ଶାନ୍ତ ଭାବେ କଥା ହେବା ଜରୁରି । ଯଦି ବାପାମା' ପିଲା ସହ ରାଗରେ କିମ୍ବା ଜୋରରେ କଥା ହୁଅନ୍ତି, ତେବେ ପିଲା ଚିଡ଼ଚିଡା ହେବା ସ୍ୱାଭାବିକ । ତେଣୁ ପିଲା ଏକା ଥିବା ବେଳେ ଖୋଲାଖୋଲି ଭାବେ ଓ ଶାନ୍ତ ମନରେ କଥା ହେବା ଉଚିତ୍ ।

ପିଲାର କଥା ଶୁଣନ୍ତୁ: ଯେତେବେଳେ ପିଲା ସହ କଥା ହେଉଛନ୍ତି । କେବଳ କୁହନ୍ତୁ ନାହିଁ, ବରଂ ତା' କଥାକୁ ମଧ୍ୟ ପ୍ରାଥମିକତା ଦେଇ ଶୁଣନ୍ତୁ । ତା'ଠାରୁ ବୁଝନ୍ତୁ ଯେ ସେ କାହିଁକି ଏହି ନିଶାରେ ପଡିଲା । ଯଦି ନିଶା ବିଷୟରେ ଆପଣ କିଛି ଜାଣିଛନ୍ତି, ତେବେ ମଧ୍ୟ ତାକୁ ଜଣାନ୍ତୁ ।

ନିଶାରୁ ବାହାରିବାର ବାଟ ବତାନ୍ତୁ : କେବଳ 'ନିଶା ଛାଡିଦେ' ନ କହିବା ଯଥେଷ୍ଟ ନୁହେଁ । ବରଂ ପିଲାକୁ ବୁଝାନ୍ତୁ ଯେ ନିଶା କିପରି ତା' କ୍ୟାରିଅର, ପାଠପଢା ସହ ଶରୀରକୁ ମଧ୍ୟ କ୍ଷତି ପହଞ୍ଚାଉଛି ।

ବନ୍ଧୁତା ଓ ଚାପ ସହ ଜୀବନ ବଞ୍ଚିବା ଶିଖାନ୍ତୁ: କିଛି ପିଲା ସାଙ୍ଗଙ୍କ ସହ ପଡି



ଡ୍ରଗ୍ସ ନିଶାରେ ପଡିଥାନ୍ତି । ଏହି ସ୍ଥିତିରେ ପିଲାକୁ ବୁଝାନ୍ତୁ ଯେ ଯଦି ଆବଶ୍ୟକ ପଡେ, ତେବେ ସାଙ୍ଗମାନଙ୍କୁ ନା' କହିବା ମଧ୍ୟ ଜରୁରି । ନା' କହି ସାଙ୍ଗମାନଙ୍କଠାରୁ ଦୂରେଇ ଯିବା ହିଁ ଶୁଭପ୍ରଦ ହୋଇପାରେ ।

ନିଜେ ପିଲା ପାଇଁ ଉଦାହରଣ ହୁଅନ୍ତୁ : ଏଥିପାଇଁ ପ୍ରଥମେ ବାପା ମା' ନିଜେ ମଦ୍ୟପାନ ଓ ସିଗାରେଟ୍ ପରି ଜିନିଷଠାରୁ ଦୂରେଇ ରହିବା ଜରୁରି । ତେବେ ଯାଇ ପିଲାକୁ ଏହାର ନକାରାତ୍ମକ ଦିଗ ବିଷୟରେ ବୁଝାଇପାରିବେ । ଧ୍ୟାନ ରଖନ୍ତୁ ପିଲା ତାହା ହିଁ ଶିଖିଥାନ୍ତି, ଯାହା ବାପାମା' କରୁଥିବାର ସେମାନେ ଦେଖିଥାନ୍ତି । ଏଭଳି ପରିବର୍ତ୍ତନ ଦେଖିଲେ ସତର୍କ ରୁହନ୍ତୁ ପିଲା ଅଚାନକ୍ ରାଗିବା, ପୁରା ଚୁପ୍‌ଚାପ୍ ରହିବା, ଏକା ଏକା ରହିବା, ସ୍କୁଲ୍ ଟାସ୍କ ଠିକ୍ ଠାକ୍ ନ କରିବା, ବାରମ୍ବାର ପଇସା ମାଗିବା, ଶରୀରରୁ ଅଜବ ଗନ୍ଧ ବାହାରିବା ଓ ପିଲା ରୁମ୍‌ରୁ ନିଶା ଦ୍ରବ୍ୟ ବାହାରିବା ଆଦି ସନ୍ଦେହ ହେଲା ପରେ ମଧ୍ୟ ନିଜେ ଶାନ୍ତ ରହି ପିଲା ସହ କଥା ହୁଅନ୍ତୁ । ପିଲାକୁ ଦୋଷୀ କରିବା ପରିବର୍ତ୍ତେ ବୁଝାଇବାକୁ ପ୍ରୟାସ କରନ୍ତୁ । ପିଲା ଉପରେ ନଜର ରଖନ୍ତୁ । ତା' ସହ ଭଲ ଭାବେ କଥା ହୁଅନ୍ତୁ ।

# କଞ୍ଚାଲଙ୍କାର ଉପକାରିତା



ଭାରତ ଏମିତି ଏକ ଦେଶ ଯେଉଁଠାରେ କଞ୍ଚା ଲଙ୍କାର ପ୍ରୟୋଗ ଖାଇବା ସମୟରେ ଅଧିକ କରାଯାଏ । ସବୁଜ କଞ୍ଚା ଲଙ୍କା ଏକ ଔଷଧ ପରି ମଧ୍ୟ ବ୍ୟବହାର କରାଯାଇପାରେ । କାରଣ ଏଥିରେ ରୋଗ ନିବାରଣ କରିବାର ଶକ୍ତି ରହିଛି । କଞ୍ଚା ଲଙ୍କାରେ ପୋଷକତତ୍ତ୍ୱ ଯେମିତିକି ଭିଟାମିନ-ଏ, ସି, ଆଇରନ, ପୋଟାସିଅମ, ପ୍ରୋଟିନ ଇତ୍ୟାଦି ଭରପୂର ପରିମାଣରେ ରହିଛି । ମହିଳାଙ୍କ କ୍ଷେତ୍ରରେ ଏହା ବେଶ୍ ଲାଭଦାୟକ ହୋଇଥାଏ । ଯଦି ଆପଣଙ୍କର ରକ୍ତଚାପ ଅଧିକ ରହିଛି ତେବେ କଞ୍ଚା ଲଙ୍କା ଖାଇବାଦ୍ୱାରା ଲାଭ ମିଳିଥାଏ । ଏହାଛଡ଼ା ମଧୁମେହ ହୋଇଥିବା ବ୍ୟକ୍ତିମାନେ ମଧ୍ୟ ଏହାକୁ ଖାଇପାରିବେ । କଞ୍ଚା ଲଙ୍କାରେ ଭରପୂର ମାତ୍ରାରେ ତନ୍ତୁ ଥିବାରୁ ଏହା ଆମ ଶରୀରରେ ପାଚନ କ୍ରିୟାରେ ସହାୟକ ହୋଇଥାଏ । ପ୍ରାୟତଃ ମହିଳାଙ୍କଠାରେ ଆଇରନର ପରିମାଣ କମ୍‌ଥାଏ । ଏଥିପାଇଁ ଖାଇବା ସମୟରେ ପ୍ରତିଦିନ କଞ୍ଚା ଲଙ୍କା ଖାଇଲେ ଆଇରନ ବୃଦ୍ଧି ପାଇଥାଏ । କଞ୍ଚା ଲଙ୍କାରେ ଆଣ୍ଟି ବ୍ୟାକ୍ଟେରିଆଲ୍ ଗୁଣ ରହିଥିବାରୁ ଏହା ସଂକ୍ରମଣରୁ ରକ୍ଷା କରିଥାଏ । ତେଣୁ କଞ୍ଚା ଲଙ୍କା ଖାଇବାଦ୍ୱାରା ଆପଣଙ୍କ ତ୍ୱଚାରେ କୌଣସି ପ୍ରକାରର ଆଲର୍ଜି ବା ସଂକ୍ରମଣ ହେବନାହିଁ ।

ଯେଉଁମାନଙ୍କର ଆଜ୍‌ମା ଭଳି ସମସ୍ୟା ରହିଥାଏ ସେମାନେ କଞ୍ଚା ଲଙ୍କାର ରସ ସହ ମହୁ ମିଶାଇ ସେବନ କରିଲେ ଏହା ନିୟନ୍ତ୍ରଣ ହୋଇଥାଏ । କଞ୍ଚା ଲଙ୍କାରେ ଆଣ୍ଟି ଅକ୍ସିଡାଣ୍ଟ ଥିବାରୁ ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । କଞ୍ଚା ଲଙ୍କାରେ ଭିଟାମିନ ପ୍ରଚୁର ପରିମାଣରେ ରହିଥିବାରୁ ଏହା ତ୍ୱଚା ପାଇଁ ଲାଭଦାୟକ ହୋଇଥାଏ । ସବୁଜ ଲଙ୍କା ଖାଇବାଦ୍ୱାରା ଓଜନକୁ ନିୟନ୍ତ୍ରଣ ହୋଇଥାଏ । କିଛି ମହିଳା କହନ୍ତି ଯେ, ସବୁଜ ଲଙ୍କା ସମେତ ମସଲାଯୁକ୍ତ ଖାଦ୍ୟ ସେବନ କରିବା ଦ୍ୱାରା ଏଣ୍ଡୋର୍ଫିନ୍ ବାହାରିବା କାରଣରୁ ମାସିକ ଧର୍ମ ସମୟରେ ହେଉଥିବା ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ ।

# ସବୁଠୁ ଦୁର୍ଲଭ ବ୍ଲଡ୍ ଗ୍ରୁପ୍ 'ଗ୍ୱାଡା-ନେଗେଟିଭ୍'

ଫ୍ରାନ୍ସର ବୈଜ୍ଞାନିକମାନେ ଚିକିତ୍ସା ଜଗତରେ ଏକ ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର କରିଛନ୍ତି, ଯାହା ସାରା ବିଶ୍ୱକୁ ଚକିତ କରିଛି । ଏକ ସାଧାରଣ ରକ୍ତ ପରୀକ୍ଷା ସମୟରେ ଗ୍ୱାଡେଲୁପ୍‌ର ଜଣେ ୬୮ ବର୍ଷୀୟା ମହିଳାଙ୍କଠାରେ ବିଶ୍ୱର ସବୁଠୁ ଦୁର୍ଲଭ ରକ୍ତ ସମୂହ ଆବିଷ୍କୃତ ହୋଇଛି । ଏହାକୁ 'ଗ୍ୱାଡା ନେଗେଟିଭ୍' ନାମ ଦିଆଯାଇଛି । ଏହି ବ୍ଲଡ୍ ଗ୍ରୁପ୍ ଏତେ ଦୁର୍ଲଭ ଯେ ବିଶ୍ୱରେ କେବଳ ଜଣେ ବ୍ୟକ୍ତିଙ୍କ ପାଖରେ ଏହା ଚିହ୍ନଟ ହୋଇଛି । ଏହି ବ୍ୟକ୍ତି ଅନ୍ୟ କୌଣସି ରକ୍ତଦାତାଙ୍କଠୁ ରକ୍ତ ନେଇପାରିବେ ନାହିଁ । କାରଣ ତାଙ୍କ ରକ୍ତ ବିଶ୍ୱର କୌଣସି ରକ୍ତ ସମୂହ ସହ ମେଳ ଖାଏନାହିଁ । ଇଣ୍ଟରନ୍ୟାସ୍‌ନାଲ ସୋସାଇଟି ଅଫ୍ ବ୍ଲଡ୍ ଟ୍ରାନ୍ସଫ୍ୟୁଜନ୍ ନିକଟରେ ଏହାକୁ ଔପଚାରିକ ରୂପେ ୪୮ତମ ରକ୍ତ ସମୂହ ରୂପେ ମାନ୍ୟତା ଦେଇଛି । ୨୦୧୧ରେ ଗ୍ୱାଡେଲୁପ୍ ବ୍ଲଡ୍ ଗ୍ରୁପ୍‌ବିଶିଷ୍ଟ ଜଣେ ୫୪ ବର୍ଷୀୟା ମହିଳା ପ୍ୟାରିସ୍‌ରେ ରହୁଥିଲେ । ସର୍ଜରି ପୂର୍ବରୁ ସେ ନିୟମିତ ରକ୍ତ ପରୀକ୍ଷା ପାଇଁ ଯାଇଥିଲେ । ଯାଞ୍ଚ ସମୟରେ ଡାକ୍ତରମାନେ ତାଙ୍କ ରକ୍ତରେ ଏକ ଅସାଧାରଣ ଆଣ୍ଟିବଡି ପାଇଲେ, ଯାହା କୌଣସି ଜ୍ଞାତ ରକ୍ତ ସମୂହ ସହ ମେଳ ଖାଉନଥିଲା । ସେତେବେଳର ସୀମିତ ଟେକ୍ନୋଲୋଜି ଯୋଗୁ ଏହି ରହସ୍ୟର ସମାଧାନ ସମ୍ଭବ ହୋଇନଥିଲା ।



୨୦୧୯ରେ ନୂଆ ପିଢ଼ିର ଡିଏନ୍‌ଏ ସିକ୍ୱେନ୍ସିଙ୍ଗ୍ ଟେକ୍ନୋଲୋଜି ସାହାଯ୍ୟରେ ବୈଜ୍ଞାନିକମାନେ ମହିଳାଙ୍କ ରକ୍ତର ପୁନଃ ବିଶ୍ଳେଷଣ କଲେ । ଏଥିରୁ ଜଣାପଡ଼ିଲା, ତାଙ୍କ ରକ୍ତରେ ଥିବା ସ୍ୱତନ୍ତ୍ର ଜିନ୍ 'ପିଗ୍‌ଜ ଜିନ୍'ରେ ମ୍ୟୁଟେସନ୍ ଅଛି । ଏହି ଜିନ୍ ଏକ ଏନ୍‌ଜାଇମ୍ ଉତ୍ପନ୍ନ କରୁଛି, ଯାହା ଲାଲ୍ ରକ୍ତ କୋଷିକାଗୁଡ଼ିକର ପୃଷ୍ଠରେ ବିଶେଷ ପ୍ରକାର ଶର୍କରା ଅଣୁକୁ ଯୋଡୁଛି । ଏହି ଶର୍କରାର ଅନୁପସ୍ଥିତି ଯୋଗୁ ମହିଳାଙ୍କ ରକ୍ତରେ ଇଏମ୍‌ଏମ୍ ଆଣ୍ଟିଜେନ୍ (ଯାହା ହାରାହାରି ସମସ୍ତ ମନୁଷ୍ୟଙ୍କଠାରେ ମିଳେ) ନ ଥିଲା । ଏହି ଅଭିନବ ପରିବର୍ତ୍ତନ ଏକ ନୂଆ ରକ୍ତ ସମୂହ ସୃଷ୍ଟି କଲା, ଯାହାକୁ ଇଏମ୍‌ଏମ୍-ନେଗେଟିଭ୍ ବା ଗ୍ୱାଡା ନେଗେଟିଭ୍ ନାମ ଦିଆଗଲା । ଗ୍ୱାଡା ନେଗେଟିଭ୍ ରକ୍ତ ସମୂହର ସବୁଠୁ ବଡ଼ ବିଶେଷତ୍ୱ ହେଉଛି, ଏଥିରେ ଇଏମ୍‌ଏମ୍ ଆଣ୍ଟିଜେନ୍ ନାହିଁ, ଯାହା ସାଧାରଣତଃ ପ୍ରତ୍ୟେକ ଲୋକଙ୍କ ଲୋହିତ ରକ୍ତ କୋଷିକାରେ ଥାଏ । ସେଥିପାଇଁ ଏହା ରକ୍ତକୁ ଅତ୍ୟନ୍ତ ଦୁର୍ଲଭ କରିଛି । ଗ୍ୱାଡା ନେଗେଟିଭ୍ ବ୍ଲଡ୍ ଗ୍ରୁପ୍‌ବିଶିଷ୍ଟ ଏହି ମହିଳା ବିଶ୍ୱରେ ଏକମାତ୍ର ବ୍ୟକ୍ତି, ଯାହାଙ୍କର ରକ୍ତ ଆବଶ୍ୟକ ହେଲେ, ବିଶ୍ୱର କୌଣସି ରକ୍ତ ଦାତା ତାଙ୍କୁ ସାହାଯ୍ୟ କରିପାରିବେ ନାହିଁ । କାରଣ ଅନ୍ୟ ସମସ୍ତ ରକ୍ତ ଇଏମ୍‌ଏମ୍-ପିଜିଟିଭ୍, ଯାହା ତାଙ୍କ ଶରୀରରେ ଗମ୍ଭୀର ପ୍ରତିରକ୍ଷା ପ୍ରତିକ୍ରିୟା ସୃଷ୍ଟି କରିପାରେ । ମାତା-ପିତାଙ୍କଠୁ ମହିଳାଙ୍କୁ ଏହି ବ୍ଲଡ୍ ଗ୍ରୁପ୍ ମିଳିଛି । ଉଭୟ ମାତା-ପିତାଙ୍କ ପାଖରେ ଏହି ପରିବର୍ତ୍ତିତ ଜିନ୍‌ର ଗୋଟିଏ ଲେଖାଏଁ କପି ଥିଲା । ମହିଳାଙ୍କର ସାମାନ୍ୟ ବୌଦ୍ଧିକ ବିକାର ରହିଛି । ସେ ଦୁଇ ସନ୍ତାନଙ୍କୁ ଜନ୍ମ ସମୟରେ ହରାଇ ଦେଇଥିଲେ । ଏହି ସମସ୍ୟା ପିଗ୍‌ଜ ଜିନ୍‌ରେ ପରିବର୍ତ୍ତନ ଯୋଗୁ ହୋଇପାରେ ବୋଲି ବୈଜ୍ଞାନିକଙ୍କ ବିଶ୍ୱାସ । ଏହି ଆବିଷ୍କାର ଅନ୍ତର୍ଜାତୀୟ ଦୁର୍ଲଭ ରକ୍ତ ଦାତା ପଞ୍ଜିକରଣର ମହତ୍ୱ ଉପରେ ଆଲୋକପାତ କରିଛି, ଯାହା ଆପାତକାଳରେ ଜୀବନ ରକ୍ଷାକାରୀ ସହାୟତା ପ୍ରଦାନ କରିପାରେ । ବୈଜ୍ଞାନିକମାନେ ଏବେ ଷ୍ଟେମ୍ କୋଷିକାରୁ ଲୋହିତ ରକ୍ତ କୋଷିକା ବିକଶିତ କରିବା ଉପରେ କାମ କରୁଛନ୍ତି । ଏହାକୁ ଜିନ୍‌ଗତ ଭାବେ ସଂଶୋଧନ କରି ଦୁର୍ଲଭ ରକ୍ତ ସମୂହ ଯଥା- ଗ୍ୱାଡା ନେଗେଟିଭ୍ ସହ ମେଳ ଖୁଆଇବା ପାଇଁ ପ୍ରସ୍ତୁତ କରାଯାଇପାରେ । ଗ୍ୱାଡେଲୁପ୍ ଦ୍ୱୀପର ସ୍ଥାନୀୟ ନାମ ଗ୍ୱାଡାରୁ 'ଗ୍ୱାଡା ନେଗେଟିଭ୍' ନାମକରଣ ହୋଇଛି, ଯାହା ଉକ୍ତ ମହିଳାଙ୍କ ଜନ୍ମସ୍ଥଳୀକୁ ଦର୍ଶାଇଛି । ବୈଜ୍ଞାନିକଙ୍କ ମଧ୍ୟରେ ଏହି ନାଁ ଖୁବ୍ ଲୋକପ୍ରିୟ ହୋଇଛି, କାରଣ ସମସ୍ତ ଭାଷାରେ ସହଜରେ ଏହି ନାଁକୁ କୁହାଯାଇ ପାରୁଛି । ଏବିଓ ରକ୍ତ ସମୂହ ପ୍ରଣାଳୀ ସବୁଠୁ ଦୁର୍ଲଭ ରକ୍ତ ସମୂହ, ଯାହାକୁ ୧୯୦୧ରେ କାର୍ଲ ଲ୍ୟାଣ୍ଡଷ୍ଟିନର ଆବିଷ୍କାର କରିଥିଲେ । ଏହା ଲାଲ୍ ରକ୍ତ କୋଷିକାରେ ଏ, ବି ଓ ଏଚ୍ ଆଣ୍ଟିଜେନ୍‌ର ଉପସ୍ଥିତି ବା ଅନୁପସ୍ଥିତି ଉପରେ ଆଧାରିତ ।

# ମରୁଡ଼ି-ବନ୍ୟା ବିପଦରେ ଅଧିକାଂଶ ଐତିହ୍ୟସ୍ଥଳ



ବିଶ୍ୱର ପ୍ରାୟ ତିନି-ଚତୁର୍ଥାଂଶ ସାଂସ୍କୃତିକ ଓ ପ୍ରାକୃତିକ ଐତିହ୍ୟସ୍ଥଳ ଜଳସଂକଟ କିମ୍ବା ଜଳାର୍ଣ୍ଣବ ହେତୁ ବିପଦଗ୍ରସ୍ତ ହୋଇପଡ଼ିଛି ବୋଲି ଜାତିସଂଘର ସାଂସ୍କୃତିକ ସଂସ୍ଥା 'ୟୁନେସ୍କୋ' କହିଛି । 'ୟୁନେସ୍କୋ' ଅନୁଯାୟୀ ଐତିହ୍ୟ ତାଲିକାରେ ଥିବା ୧,୧୭୨ ଅଣ-ସାମୁଦ୍ରିକ ସ୍ଥାନ ମଧ୍ୟରୁ ୭୩ ପ୍ରତିଶତ ଜଳାଭାବ, ମରୁଡ଼ି ଓ ବନ୍ୟା ଭଳି କୌଣସି ଗୋଟିଏ ଗମ୍ଭୀର ଜଳ ବିପଦର ସମ୍ମୁଖୀନ ହୋଇଛନ୍ତି । ମଧ୍ୟପ୍ରାଚ୍ୟ, ଉତ୍ତର ଆଫ୍ରିକା, ଦକ୍ଷିଣ ଏସିଆର କିଛି ଅଂଶ ଏବଂ ଉତ୍ତର ଚୀନ୍ ଭଳି ଅଞ୍ଚଳରେ ଜଳ ଚାପ ତୀବ୍ର ହେଉଥିବା ଆକଳନ କରାଯାଇଛି, ଯାହା ପରିବେଶ, ସାଂସ୍କୃତିକ ଐତିହ୍ୟ ଏବଂ ସେମାନଙ୍କ ଉପରେ ନିର୍ଭର କରୁଥିବା ସମ୍ପ୍ରଦାୟ ଓ ପର୍ଯ୍ୟଟନ ଅର୍ଥନୀତି ପାଇଁ ଦୀର୍ଘକାଳୀନ ବିପଦ ସୃଷ୍ଟି କରିବ । ୟୁନେସ୍କୋର ଅଧ୍ୟୟନ ଅନୁଯାୟୀ, ସାଂସ୍କୃତିକ ସ୍ଥଳଗୁଡ଼ିକ ସାଧାରଣତଃ ଜଳାଭାବ ଦ୍ୱାରା ବିପଦରେ ପଡ଼ିଥିବା ବେଳେ ଅର୍ଦ୍ଧାଧିକ ପ୍ରାକୃତିକ ସ୍ଥଳ ନିକଟବର୍ତ୍ତୀ ନଦୀର ବନ୍ୟା ଦ୍ୱାରା ବିପଦର ସମ୍ମୁଖୀନ ହୋଇଛନ୍ତି ।

ଉଦାହରଣ ସ୍ୱରୂପ, ଭାରତରେ ପ୍ରଦୂଷଣ ଏବଂ ଭୂତଳ ଜଳସ୍ତର ହ୍ରାସ ଫଳରେ ଜଳାଭାବର ସମ୍ମୁଖୀନ ହୋଇ ଆଗ୍ରାର ତାଜମହଲ କ୍ଷତିଗ୍ରସ୍ତ ହୋଇଛି । ଯୁକ୍ତରାଷ୍ଟ୍ର ଆମେରିକାରେ ୨୦୨୨ର ବନ୍ୟା ସମଗ୍ର ୟେଲୋଷ୍ଟୋନ୍ ଜାତୀୟ ଉଦ୍ୟାନକୁ ବନ୍ଦ କରିଦେଇଥିଲା ଏବଂ ଭିତ୍ତିଭୂମି ମରାମତିରେ ୨୦ ନିୟୁତ ଡଲାରରୁ ଅଧିକ ଖର୍ଚ୍ଚ ହୋଇଥିଲା । ସେହିପରି ଇରାକର ପ୍ରସିଦ୍ଧ ଦକ୍ଷିଣ ଆର୍ଦ୍ରଭୂମି ଅତ୍ୟନ୍ତ ଉଚ୍ଚ ଜଳ ଚାପର ସମ୍ମୁଖୀନ ହେଉଛି । ଜାମ୍ବିଆ ଏବଂ ଜିମ୍ବାୱେ ସୀମାରେ ଥିବା ଭିକ୍ଟୋରିଆ ଜଳପ୍ରପାତ ବାରମ୍ବାର ମରୁଡ଼ିର ସମ୍ମୁଖୀନ ହୋଇଛି ଏବଂ କେତେକ ସମୟରେ ଏହା ଏକ ଝରଣା ପରି କ୍ଷୀଣ ହୋଇଯାଉଛି ।

# ଭାରତ ବିପକ୍ଷ ୪ର୍ଥ ଟେଷ୍ଟ ପାଇଁ ବଶିରଙ୍କ ସ୍ଥାନରେ ଲିଆମ ଡାଓ୍ୱସନଙ୍କୁ ଡାକିଲା ଇଂଲଣ୍ଡ

**ନୂଆଦିଲ୍ଲୀ**



ଲର୍ଡସରେ ନାଟକୀୟ ବିଜୟ ପରେ ଭାରତ ବିପକ୍ଷ ୪ର୍ଥ ଟେଷ୍ଟ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି ଇଂଲଣ୍ଡ। ଏବେ ୫ ଟିକିଆ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି। ୪ର୍ଥ ଟେଷ୍ଟ ଜୁଲାଇ ୨୩ରୁ ମାଞ୍ଚେଷ୍ଟରରେ ଆରମ୍ଭ ହେବ। ଏହାପୂର୍ବରୁ ତୃତୀୟ ଟେଷ୍ଟରେ ଆହତ ହୋଇଥିବା ସ୍ପିନର ଶୋଏବ ବଶିରଙ୍କ ବଦଳ ଖେଳାଳିଙ୍କ ନାଁ ଘୋଷଣା କରିଛି ଇଂଲଣ୍ଡ। ବାମହାତୀ ଅର୍ଥଡକ୍ସ ସ୍ପିନର ଲିଆମ ଡାଓ୍ୱସନ ଇଂଲଣ୍ଡ ଟେଷ୍ଟ ସ୍କ୍ୱାଡ୍‌କୁ କମ୍‌ବ୍ୟାକ୍ କରିଛନ୍ତି। ଦୀର୍ଘ ୮ ବର୍ଷ ପରେ ଡାଓ୍ୱସନଙ୍କୁ ଇଂଲଣ୍ଡର ଟେଷ୍ଟ ସ୍କ୍ୱାଡ୍‌ରେ ସାମିଲ କରାଯାଇଛି। ନିକଟରେ ୱେଷ୍ଟଇଣ୍ଡିଜ ବିପକ୍ଷ ଟି-୨୦ ଓ ଘରୋଇ ମ୍ୟାଚ୍‌ଗୁଡ଼ିକରେ ଡାଓ୍ୱସନ କମାଲ କରିଥିଲେ। ଉଭୟ ବୋଲିଂ ଓ ବ୍ୟାଟିଂରେ ସେ ସମସ୍ତଙ୍କୁ ପ୍ରଭାବିତ କରିପାରିଛନ୍ତି। ଏଥିପାଇଁ ତାଙ୍କୁ ଏବେ ଭାରତ ବିପକ୍ଷ ୪ର୍ଥ ଟେଷ୍ଟ ପାଇଁ ଡାକରା ମିଳିଛି। ଲର୍ଡସରେ ଇଂଲଣ୍ଡ ୨୨ରେ ଭାରତକୁ ହରାଇ ଦେଇଛି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ବଶିର ନିଜ ବୋଲିଂରେ ଫିଲ୍ଡିଂ କରୁଥିବା ବେଳେ ତାଙ୍କ ବାମ ହାତରେ ଗୋଟିଏ ବଲ୍ ମାଡ଼ ହୋଇଥିଲା। ବାମ ଆଙ୍ଗୁଠି ଭାଙ୍ଗି ଯାଇଥିଲେ ହେଁ ବଶିର ଭାରତର ଦ୍ୱିତୀୟ ଇନିଂସରେ ବୋଲିଂ କରିଥିଲେ। ଏଥିସହ ସେ ହିଁ ଶେଷ ୱିକେଟ ଭାବେ ମହମ୍ମଦ ସିରାଜଙ୍କୁ ବୋଲ୍ଡ କରି ଭାରତୀୟ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ।

ଆହତ ସମସ୍ୟା ଯୋଗୁ ସେ ଭାରତ ବିପକ୍ଷ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ବଦଳରେ ୩୫ ବର୍ଷୀୟ ଡାଓ୍ୱସନଙ୍କୁ ସାମିଲ କରାଯାଇଛି। ୨୦୧୭ରେ ଡାଓ୍ୱସନ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩ଟି ଟେଷ୍ଟ ଶେଷ ଥର ପାଇଁ ଖେଳିଥିଲେ। ତାଙ୍କ ନାଁରେ ୭ଟି ୱିକେଟ ରହିଛି। ନିଜର ଅନ୍ତର୍ଜାତୀୟ କ୍ୟାରିୟରରେ ଡାଓ୍ୱସନ ଇଂଲଣ୍ଡ ପାଇଁ ୬ଟି ଦିନିକିଆ ଓ ୧୪ଟି ଟି-୨୦ ମଧ୍ୟ ଖେଳିଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ସେତେଟା ସୁଯୋଗ ପାଇ ନଥିଲେ ହେଁ ଡାଓ୍ୱସନ ହାମ୍ପଶିରେ ପାଇଁ ଢେର ବର୍ଷ ହେଲାଣି ଖେଳି ଆସୁଛନ୍ତି। ୨୦୨୩ ଓ ୨୦୨୪ରେ ତାଙ୍କୁ ପିସିଏ ପ୍ଲେୟା ଅଫ ଦ ଇୟର ଭାବେ ନାମିତ କରାଯାଇଥିଲା। ୨୧୨ ପ୍ରଥମ ଶ୍ରେଣୀ କ୍ରିକେଟରେ ଡାଓ୍ୱସନ ୩୭୧ଟି ୱିକେଟ, ୧୦ ହଜାରରୁ ଅଧିକ ରନ ଓ ୧୮ଟି ଶତକ ମାରିଛନ୍ତି। ଏହାକୁ ଆଧାର କରି ତାଙ୍କୁ ଜାତୀୟ ଟିମରେ ସାମିଲ କରାଯାଇଛି। ଅନ୍ୟପକ୍ଷରେ ଭାରତ ବିପକ୍ଷ ଟେଷ୍ଟ ସିରିଜ୍‌ର ସ୍କ୍ୱାଡ୍‌ରେ ଥିବା ସାମ କୁକ୍ ଓ ଜାମି ଓଭରଟନଙ୍କୁ ନିଜ ନିଜର କାଉଣ୍ଟୀ ଟିମ୍ ପାଇଁ ଖେଳିବାକୁ କୁହାଯାଇଛି।

ଇଂଲଣ୍ଡ ସ୍କ୍ୱାଡ୍ : ବେନ ଷ୍ଟୋକ୍ସ(ଅଧିନାୟକ), ଜୋଫ୍ରା ଆର୍ଚର, ଗସ୍ ଅଟକିନସନ, ଜ୍ୟାକବ ବେଥେଲ, ହ୍ୟାରୀ ବ୍ରୁକ, ବ୍ରାଏଡନ କାର୍ସ, ଜ୍ୟାକ୍ କ୍ରଉଲୀ, ଲିଆମ ଡାଓ୍ୱସନ, ବେନ ଡକେଟ, ଓଲି ପପ, ଜୋ ରୁଟ୍, ଜାମି ସ୍ମିଥ, ଜୋଶ ଟଙ୍ଗ ଓ କ୍ରିସ ୱୋକ୍ସ।

# ମିଚେଲ ଷ୍ଟାର୍କଙ୍କ ହ୍ୟାଟ୍ରିକ୍ : ମାତ୍ର ୨୭ ରନ୍‌ରେ ଅଲଆଉଟ୍ ହେଲା ୱେଷ୍ଟଇଣ୍ଡିଜ

**ନୂଆଦିଲ୍ଲୀ**



ଅଷ୍ଟ୍ରେଲିଆର ଦ୍ରୁତ ବୋଲର ସ୍କଟ ବୋଲାଣ୍ଡ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟରେ କମାଲ କରିଛନ୍ତି। ସେ ଇଣ୍ଡିଜ ବିପକ୍ଷ ତୃତୀୟ ଟେଷ୍ଟରେ ସମସ୍ତଙ୍କୁ ଜଲକା କରିବା ଭଳି ହ୍ୟାଟ୍ରିକ ନେଇଛନ୍ତି। ତାଙ୍କ ହ୍ୟାଟ୍ରିକ ବଳରେ ଅଷ୍ଟ୍ରେଲିଆ ମଧ୍ୟ ତୃତୀୟ ଟେଷ୍ଟକୁ ୧୭୬ ରନରେ ଜିତି ନେଇଛି। ଏଥିସହ ଇଣ୍ଡିଜ ବିପକ୍ଷ ୩ ଟିକିଆ ଟେଷ୍ଟ ସିରିଜ୍‌କୁ ମୂଳପୋଛ କରିଦେଇଛି।

ଜାମାଇକାର ସାବିନା ପାର୍କରେ ଖେଳାଯାଉଥିବା ତୃତୀୟ ଟେଷ୍ଟରେ ୱେଷ୍ଟଇଣ୍ଡିଜ ତୃତୀୟ ଦିନରେ ମାତ୍ର ୨୦୪ ରନର ପିଛା କରୁଥିଲା। କିନ୍ତୁ ସ୍ଥିତି ଏମିତି ହୋଇଥିଲା ଯେ ପୂରା ଟିମ୍ ମାତ୍ର ୨୭ ରନ ରନରେ ଅଲଆଉଟ୍ ହୋଇଯାଇଛି। ଟେଷ୍ଟ କ୍ରିକେଟରେ ଏହା ଅନ୍ୟତମ ସର୍ବନିମ୍ନ ସ୍କୋର। ଇଣ୍ଡିଜ ଟିମ୍ ଏହି ଲଜ୍ଜାଜନକ ରେକର୍ଡର ଅଧିକାରୀ ହୋଇଛି।

ଅଷ୍ଟ୍ରେଲିଆର ଐତିହାସିକ ସଫଳତାର ଅନ୍ୟତମ ହିରୋ ମିଚେଲ ଷ୍ଟାର୍କ ଏକାକୀ ୬ଟି ୱିକେଟ ନେଇଛନ୍ତି। ସେ ପ୍ରଥମ ୫ ୱିକେଟ କେବଳ ୨.୩ ଓଭରରେ ଦଖଲ କରି ଏକାଧିକ ରେକର୍ଡ ଭାଙ୍ଗି ଦେଇଛନ୍ତି। କିନ୍ତୁ ବୋଲାଣ୍ଡ ନେଇଥିବା ହ୍ୟାଟ୍ରିକ ଚର୍ଚ୍ଚାର ବିଷୟ ପାଲଟିଛି।

ୱେଷ୍ଟଇଣ୍ଡିଜ ୨୦୪ ରନର ପିଛା କରୁଥିବା ବେଳେ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ହେଲେ ୧୪ତମ ଓଭରରେ ବୋଲାଣ୍ଡ ଭୟଙ୍କର ସ୍ଥିତି ସୃଷ୍ଟି କରିଥିଲେ। ପ୍ରଥମେ ସେ ଜଷ୍ଟିନ ଗ୍ରେଭେସଙ୍କୁ ୱେବଷ୍ଟରଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇଥିଲେ। ପରବର୍ତ୍ତୀ ବଲରେ ଶମାର ଯୋଶେଫ ତାଙ୍କ ଶିକାର ବନିଥିଲେ। ହ୍ୟାଟ୍ରିକ ବଲରେ ବୋଲାଣ୍ଡ ତାଙ୍କ ବେଗକୁ ବ୍ୟବହାର କରି ଜୋମେଲ ୱାରିକାନଙ୍କୁ କ୍ଲିନବୋଲ୍ଡ କରି ଦେଇଥିଲେ। ୩ ବଲରେ ସେ ୩ ୱିକେଟ ଦଖଲ କରି ନିଜ ଟେଷ୍ଟ କ୍ୟାରିୟରର ପ୍ରଥମ ହ୍ୟାଟ୍ରିକ ହାସଲ କରିଛନ୍ତି। ବୋଲାଣ୍ଡ ୨ ଓଭରରେ ୨ ରନ ଦେଇ ୩ ୱିକେଟ ଦଖଲ କରିଛନ୍ତି। ଇଣ୍ଡିଜ ଟିମ୍ ୧୪.୩ ଓଭରରେ ୨୭ ରନ କରି ଅଲଆଉଟ ହୋଇ ଯିବାରୁ ଅଷ୍ଟ୍ରେଲିଆ ୧୭୬ ରନରେ ମ୍ୟାଚ୍ ସହ ସିରିଜ୍‌କୁ ୩-୦ରେ କବ୍‌ଜା କରିଛି।

ଜାମାଇକା ପୂର୍ବରୁ ଭ୍ରମଣକାରୀ ଅଷ୍ଟ୍ରେଲିଆ ବାର୍ବୋଡସ ଓ ଗ୍ରେନାଡାରେ ମଧ୍ୟ ବାଜିମାତ୍ କରିଥିଲା। ଷ୍ଟାର୍କ ଐତିହାସିକ ୪୦୦ ଟେଷ୍ଟ ୱିକେଟ ଦଖଲ କରିଥିବା ବେଳେ ଇଣ୍ଡିଜ ଲଜ୍ଜାଜନକ ଟେଷ୍ଟ ରେକର୍ଡରୁ ଅଳ୍ପକେ ବର୍ତ୍ତି ଯାଇଛି।

ଟେଷ୍ଟରେ ସର୍ବନିମ୍ନ ସ୍କୋର କରିବାର ଲଜ୍ଜାଜନକ ରେକର୍ଡ ଏବେ ବି ନ୍ୟୁଜିଲାଣ୍ଡ ନାଁରେ ରହିଛି। ଦଳ ୧୯୫୫ରେ ମାତ୍ର ୨୬ ରନରେ ଅଲଆଉଟ ହୋଇ ଯାଇଥିଲା। ୱେଷ୍ଟଇଣ୍ଡିଜ ୨୭ ରନରେ ଅଲଆଉଟ ହୋଇଛି।

ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୨୨୫ ରନ କରିଥିବା ବେଳେ ୱେଷ୍ଟଇଣ୍ଡିଜ ମାତ୍ର ୧୪୩ ରନ କରିପାରିଥିଲେ। ଦ୍ୱିତୀୟ ଇନିଂସରେ କାମେରନ ଗ୍ରୀନ ୪୨ ରନ କରିବାରୁ ଅଷ୍ଟ୍ରେଲିଆ ବହୁତ କଷ୍ଟରେ ୧୨୧ ରନ କରିପାରିଥିଲା। ଫଳରେ ଇଣ୍ଡିଜ୍ ଟିମ୍‌କୁ ମାତ୍ର ୨୦୪ ରନର ବିଜୟ ଲକ୍ଷ୍ୟ ମିଳିଥିଲା। କିନ୍ତୁ ଘରୋଇ ଟିମ୍ ୨୭ ରନରେ ଅଲଆଉଟ ହୋଇଯାଇଥିଲା।

# ଅଲିମ୍ପିକ୍ସ ୨୦୨୮ : ଜୁଲାଇ ୧୨ରୁ ଆରମ୍ଭ ହେବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ଭାଗ ନେବେ ୬ଟି ଦଳ

**ନୂଆଦିଲ୍ଲୀ**

ଦୀର୍ଘ ୧୨୮ ବର୍ଷ ପରେ ଅଲିମ୍ପିକ୍ସକୁ ବହୁପ୍ରତୀକ୍ଷିତ କ୍ରିକେଟ୍‌ର ପ୍ରତ୍ୟାବର୍ତ୍ତନ ଘଟିଛି। ଲସ ଏଞ୍ଜେଲ୍ସ ୨୦୨୮ ଅଲିମ୍ପିକ୍ସରେ କ୍ରିକେଟ୍ ଆୟୋଜିତ ହେବାକୁ ଯାଉଛି। ଲଞ୍ଜ ଏଞ୍ଜେଲ୍ସଠୁ ପାଖାପାଖି ୫୦ କିଲୋମିଟର ଦୂର ପୋମେନା ସହରର ଫେୟାରଗ୍ରାଉଣ୍ଡସ ଷ୍ଟାଡିୟମରେ ଅଲିମ୍ପିକ୍ସରେ କ୍ରିକେଟ୍ ମ୍ୟାଚ୍ ଜୁଲାଇ ୧୨ରୁ ଖେଳାଯିବ। ପଦକ ମ୍ୟାଚ୍ ଜୁଲାଇ ୧୯(ଭାରତରେ ଜୁଲାଇ ୨୦) ଓ ଜୁଲାଇ ୨୯ରେ ଏହି ପଡ଼ିଆରେ ଆୟୋଜିତ ହେବ। ତେବେ ଆନୁଷ୍ଠାନିକ ଭାବେ କ୍ରୀଡ଼ାସୂଚୀ ଘୋଷଣା କରାଯାଇ ନାହିଁ। ଏହା ମଧ୍ୟ ସ୍ଥିର ହୋଇ ନାହିଁ ଯେ କେଉଁ ଦଳ ଏଥିରେ ଖେଳିବେ। ପୁରୁଷ ଓ ମହିଳା ବର୍ଗର ମୋଟ୍ ଛଅ ଛଅ ଟିମ୍ ଏବଂ ୧୮୦ ଖେଳାଳି ଅଲିମ୍ପିକ୍ସରେ କ୍ରିକେଟ୍‌ର ସବୁଠୁ ଛୋଟ ଫର୍ମାଟ୍ ଟି-୨୦ରେ ଭାଗ ନେବେ। ପ୍ରତିଯୋଗିତାର କାର୍ଯ୍ୟକ୍ରମ ଅନୁସାରେ ଗୋଟିଏ ଦିନରେ ସର୍ବାଧିକ ୨ଟି ମ୍ୟାଚ୍ ଖେଳାଯିବ। ଜୁଲାଇ ୧୪ ଓ ୨୧ରେ କୌଣସି ମ୍ୟାଚ୍ ହେବ ନାହିଁ। ଅଲିମ୍ପିକ୍ସରେ ଏହା ପୂର୍ବରୁ ଥରୁଟିଏ ୧୯୦୦ ମସିହା ପ୍ୟାରିସ ଅଲିମ୍ପିକ୍ସରେ କ୍ରିକେଟ୍‌କୁ ସାମିଲ କରାଯାଇଥିଲା। ସେହି ସମୟରେ କେବଳ ଦୁଇଟି ଦଳ ଗ୍ରେଟ୍ ବ୍ରିଟେନ ଓ ଫ୍ରାନ୍ସ ଅଂଶଗ୍ରହଣ କରିଥିଲେ। ଗ୍ରେଟ୍ ବ୍ରିଟେନ ପ୍ରତିଯୋଗିତାରେ ମାତ୍ର ଗୋଟିଏ ମ୍ୟାଚ୍ ଜିତି ସ୍ୱର୍ଣ୍ଣ ପଦକ ଜିତିଥିଲା। ପୁରୁଷ ଓ ମହିଳା ଟିମ୍ ୧୫ ଜଣିଆ ଦଳ ଘୋଷଣା କରି ପାରିବେ। କାରଣ ଉଭୟ ବର୍ଗ ପାଇଁ ମୋଟ୍ ୧୮୦ ଖେଳାଳି ସାମିଲ ହେବେ। ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି(ଆଇଓସି) କ୍ରିକେଟ୍, ବେସବଲ, ଫ୍ଲାଗ ଫୁଟବଲ, ଲ୍ୟାକ୍ରୋସ ଓ ସ୍କ୍ୱାସକୁ ୨୦୨୮ ଅଲିମ୍ପିକ୍ସରେ ସାମିଲ କରିବାକୁ ମଞ୍ଜୁରୀ ପ୍ରଦାନ କରିଥିଲା। ଲସ ଏଞ୍ଜେଲ୍ସ ଅଲିମ୍ପିକ୍ସ ଆନୁଷ୍ଠାନିକ ଭାବେ ୨୦୨୮ ଜୁଲାଇ ୧୪ରୁ ଜୁଲାଇ ୩୦ ପର୍ଯ୍ୟନ୍ତ ଆୟୋଜିତ ହେବ। ମାତ୍ର କ୍ରିକେଟ୍‌ର କିଛି ମ୍ୟାଚ୍ ଆଗରୁ ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟ ଜୁଲାଇ ୧୨ରୁ ୧୮ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ପଦକ ପାଇଁ ମ୍ୟାଚ୍ ଜୁଲାଇ ୨୦ (ଆମେରିକାରେ ଜୁଲାଇ ୧୯)ରେ ଖେଳାଯିବ। ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍ ଜୁଲାଇ ୨୨ରୁ ୨୮ ପର୍ଯ୍ୟନ୍ତ ଚାଲିବ ଏବଂ ଫାଇନାଲ୍ ମୁକାବିଲା ଜୁଲାଇ ୨୯ରେ ଖେଳାଯିବ। ଜୁଲାଇ ୩୦ରେ ଅଲିମ୍ପିକ୍ସର ଉଦ୍‌ଯାପନୀ ହେବ।

# ସଡ଼କ ଦୁର୍ଘଟଣାରେ ଚାଲିଗଲା କିମ୍ବଦନ୍ତୀ ମାରାଥନ ଧାବକ ଫୌଜା ସିଂହଙ୍କ ଜୀବନ

**ଜଳନ୍ଧର**

ପଞ୍ଜାବର ଜଳନ୍ଧର ଜିଲ୍ଲାରେ ଏକ ସଡ଼କ ଦୁର୍ଘଟଣାରେ ବିଶ୍ୱ ପ୍ରସିଦ୍ଧ ମାରାଥନ ଧାବକ ଫୌଜା ସିଂହଙ୍କ ମୃତ୍ୟୁ ଘଟିଛି। ତାଙ୍କୁ ୧୧୪ ବର୍ଷ ବୟସ ହୋଇଥିଲା ଏବଂ ସେ ତାଙ୍କ ଜନ୍ମସ୍ଥାନ ବ୍ୟାସରେ ବୁଲିବାକୁ ଯାଇଥିଲେ। ମୁଣ୍ଡରେ ଗମ୍ଭୀର ଆଘାତ ଲାଗିବାରୁ ତାଙ୍କୁ ଜଳନ୍ଧରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଆଦମପୁର ଥାନାର ଏସଏଚଓ ହରଦେବପ୍ରୀତ ସିଂହ କହିଛନ୍ତି, ଦୁର୍ଘଟଣା ପରେ ଡ୍ରାଇଭର ଘଟଣାସ୍ଥଳରୁ ପଳାଇ ଯାଇଥିଲା ଏବଂ ତାଙ୍କୁ ଏପର୍ଯ୍ୟନ୍ତ ଚିହ୍ନଟ କରାଯାଇ ନାହିଁ। ପୋଲିସ ଘଟଣାର ତଦନ୍ତ କରୁଛି ଏବଂ ଘଟଣାସ୍ଥଳରୁ ମିଳିଥିବା ପ୍ରମାଣ ଆଧାରରେ ଗାଡ଼ି ଏବଂ ଡ୍ରାଇଭରଙ୍କୁ ଖୋଜୁଛି। ଫୌଜା



ସିଂହଙ୍କୁ ସାରା ବିଶ୍ୱରେ 'ପଗଡ଼ି ବାଜି' ଭାବରେ ଜଣାଶୁଣା କରାଯାଇଥିଲା। ସେ ତାଙ୍କ ବୟସର ଏହି ପର୍ଯ୍ୟାୟରେ ମଧ୍ୟ ସକ୍ରିୟ ନ ଥିଲେ, ବରଂ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ମଧ୍ୟ ରହିଥିଲେ। ସେ ଅନେକ ଅନ୍ତର୍ଜାତୀୟ ମାରାଥନ ଦୌଡ଼ରେ ଅଂଶଗ୍ରହଣ କରିଥିଲେ ଏବଂ ସ୍ୱାସ୍ଥ୍ୟ, ନିଶାମୁକ୍ତି ଏବଂ ଫିଟନେସ ସମ୍ବନ୍ଧୀୟ ସାମାଜିକ ଅଭିଯାନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ମୃତ୍ୟୁ ସହିତ ଦେଶ କେବଳ ଜଣେ ଧାବକଙ୍କୁ ନୁହେଁ ବରଂ ଏକ ଜୀବନ୍ତ ପ୍ରେରଣାକୁ ହରାଇଛି।

# ରାଜ୍ୟସ୍ତରୀୟ ସାହାଣୀ କପ୍ ଫୁଟବଲ୍ ଚାମ୍ପିଅନସିପ୍ ପାଇଁ ମୟୂରଭଞ୍ଜର ୨୫ ଜଣିଆ ଦଳ ଘୋଷିତ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଫୁଟବଲ ଏସୋସିଏସନ ଅଫ ଓଡ଼ିଶା ଆନୁକୂଲ୍ୟରେ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଠାରେ ଅନୁଷ୍ଠିତ ହେବାକୁ ଥିବା ୬୪ତମ ରାଜ୍ୟସ୍ତରୀୟ ବରିଷ୍ଠ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜର ୨୫ ଜଣିଆ ଦଳ ଘୋଷିତ ହୋଇଯାଇଛି। ରାଇସେନ ଟୁଡୁ (ଅଧିନାୟକ), ମାନଚିତ୍ର ମାର୍ଣ୍ଡି (ଉପ ଅଧିନାୟକ)ଙ୍କ ସମେତ ଜୀବନ ବାସ୍କେ, ନାରଣ ମୁଣ୍ଡା, ବିଶାଲ ଟୋପୋ, ରାମଚନ୍ଦ୍ର ହେମ୍ବ୍ରମ, ସିପୁନ ହାଁସଦା, ଜିତମଲ ଟୁଡୁ, ମାଙ୍ଗତ ମାର୍ଣ୍ଡି, ରାମଚନ୍ଦ୍ର ବେଶ୍ରା, ମାନସିଂ ମାଝୀ, ଭରତ ଚନ୍ଦ୍ର ମାଝୀ, ସାଲାହୀ ଟୁଡୁ, ସୁକୁଲ ହେମ୍ବ୍ରମ, ଠାକୁର ହେମ୍ବ୍ରମ, ଗଣେଶ ସୋରେନ, ରଘୁନାଥ ସୋରେନ, ବାବୁଲି ନାଏକ, ନୀଲେଶ ତିଗା, ବୀରସିଂ ନାଏକ, ଲକ୍ଷ୍ମଣ ମାଝୀ, ଠାକୁରା ମୁର୍ମୁ, ମାଟୁ ଟୁଡୁ, ସୁମିତ କୁମାର ଓ ସିଲୁ ମୁର୍ମୁ ଦଳରେ ସାମିଲ ଅଛନ୍ତି। ଦଳ ସହିତ କୋଚ ଅବନୀ ମୋହନ ମହାନ୍ତି ଓ ମ୍ୟାନେଜର ଭାବେ ଶ୍ରୀନିବାସ ହେମ୍ବ୍ରମ ଗସ୍ତ କରିଛନ୍ତି। ଚଳିତ ମାସ ୧୭ ତାରିଖ ଦିନ ମୟୂରଭଞ୍ଜ ତା'ର ପ୍ରଥମ ମ୍ୟାଚ୍ କୋରାପୁଟ ସହିତ ଖେଳିବ ବୋଲି ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି। ଦଳ ଗସ୍ତ କରିବା ପୂର୍ବରୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ, ସ୍ପୋର୍ଟସ ହଷ୍ଟେଲର ଫୁଟବଲ କୋଚ୍ ଅବନୀ ମୋହନ ମହାନ୍ତି, ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନର ଉପ ସଭାପତି ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସହ ସମ୍ପାଦକ ହରପ୍ରସାଦ ପାତ୍ର, ଅମ୍ବିକା ରାଉତ ଓ ବରିଷ୍ଠ ସଦସ୍ୟ ରାଜୀବ ଜେନା ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ଆଞ୍ଚଳିକ କ୍ରୀଡ଼ାରେ କେନ୍ଦ୍ରାପଡ଼ା କେନ୍ଦ୍ରୀୟ ବିଦ୍ୟାଳୟର ସଫଳତା

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ବାରିମୂଳ ସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଭୁବନେଶ୍ୱର ସମ୍ଭାଗର ଆଞ୍ଚଳିକ ସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ବିଭିନ୍ନ ଖେଳରେ ସଫଳତା ଆଣିଛନ୍ତି। ରାଉରକେଲା ବର୍ସାମୁଣ୍ଡା ଷ୍ଟାଡ଼ିୟମରେ ଜୁଲାଇ ୮ତାରିଖରୁ ୧୦ ତାରିଖ ମଧ୍ୟରେ ୫୪ତମ ଆଞ୍ଚଳିକ କ୍ରୀଡ଼ା ଅନୁଷ୍ଠିତ ହୋଯାଇଛି। ଭୁବନେଶ୍ୱର ସମ୍ଭାଗର ଆଞ୍ଚଳିକ କ୍ଷେତ୍ରରେ ପ୍ରାୟ ୪୧ଟି ଦଳ ଭାଗନେଇଥିଲେ। ଏହି କ୍ରୀଡ଼ାରେ କେନ୍ଦ୍ରାପଡ଼ା ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ରୀଡ଼ାରେ ସଫଳତା ହାସଲ କରି ୩ଟି ମେଡାଲ ଆଣି ଗୌରବ ଅର୍ଜନ କରିଛନ୍ତି। କେନ୍ଦ୍ରାପଡ଼ା ପିଏମଶ୍ରୀ ବିଦ୍ୟାଳୟର ୧୭ବର୍ଷ ବାଳିକା ବିଭାଗ ମଧ୍ୟରେ ଅନୁଷ୍ଠିତ ଖେଳରେ ୪୦୦ମିଟର ଦୌଡ଼ରେ ଶୁଭଲକ୍ଷ୍ମୀ ଧଳ ବ୍ରୋଞ୍ଜ ପଦକ, ୧୯ବର୍ଷ ମଧ୍ୟରେ ବାଳିକା ବିଭାଗର ସଟ୍‌ପୁଟ୍‌ରେ ଅଭିଲିପ୍ସା ରାମ ସ୍ୱର୍ଣ୍ଣ ପଦକ ଓ ଡିସ୍‌କସ ଥ୍ରୋରେ ରୌପ୍ୟ ପଦକ ହାସଲ କରିଥିଲେ। ଏହି ପ୍ରତିଯୋଗିତାରେ ସମସ୍ତ ସଫଳତା ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ସ୍କୁଲର ଅଧ୍ୟକ୍ଷ ଶଶୀ କୌଶଲ କୃତଜ୍ଞତା ଜ୍ଞାପନ କରିଥିଲଲେ। ଏହି ସଫଳତାକୁ ନେଇ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଖୁସିରେ ଲହରୀ ଖେଳିଯାଇଛି।

# ୪ତମ ସୋନପୁର ଜିଲ୍ଲା ସ୍ତରୀୟ ସନ୍ତରଣ ପ୍ରତିଯୋଗିତା

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**




୪ତମ ଜିଲ୍ଲା ସ୍ତରୀୟ ସନ୍ତରଣ ପ୍ରତିଯୋଗିତା-୨୦୨୫ ରାମେଶ୍ୱର ଷ୍ଟାଡିୟମ୍ ପରିସରରେ ଥିବା ବିଜୁ ପଟ୍ଟନାୟକ ସନ୍ତରଣଗାର ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ସନ୍ତରଣକାରୀମାନେ ଉଭୟ ଜୁନିଅର ଓ ସବ୍ ଜୁନିଅର ବିଭାଗ ନିମନ୍ତେ ଆଗାମୀ ରାଜ୍ୟରେ ହେବାକୁ ଥିବା ସନ୍ତରଣ ପ୍ରତିଯୋଗିତା ପାଇଁ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ୧୦୫ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ୭୦ ଜଣ ପୁଅ ଓ ୩୫ ଜଣ ଝିଅ ଅଂଶ ଗ୍ରହଣ କରିଥିଲା ବେଳେ ଶେଷରେ କୁନି କୁନି ସନ୍ତରଣକାରୀମାନଙ୍କୁ ପୁରସ୍କୃତ କରି ଉତ୍ସାହିତ କରାଯାଇ ଥିଲା। ଏହି ପ୍ରତିଯୋଗିତାକୁ ଜିଲ୍ଲା ସନ୍ତରଣ ସଂଘ ସଭାପତି ଜୟ ନାରାୟଣ ମେଣ୍ଡିଲୀଙ୍କ ଉପସ୍ଥିତିରେ ଏବଂ ସନ୍ତରଣଗାରର ମୁଖ୍ୟ କୋଚ ସଞ୍ଜୟ କୁମାର ପାଣ୍ଡେ ସହକୋଚ ନିମାଇଁ ଚରଣ ବାଘ, ଦିଗାମ୍ବର ଶତପଥୀ, ବିଦ୍ୟାଧର ମିଶ୍ର, ବିଶ୍ୱ ରଞ୍ଜନ ଦଳାଇ, ପ୍ରକାଶ ମେହେର, ମନୋରଞ୍ଜନ ମିଶ୍ର, ଭକ୍ତି ରଞ୍ଜନ ଦଳାଇ, ସ୍ୱର୍ଣ୍ଣପ୍ରଭା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଷଷ୍ଠ ଓଡ଼ିଶା ୱାକୋ କିକ୍ ବକ୍ସିଂ ଚାମ୍ପିଅନସିପ୍‌ରେ କେନ୍ଦ୍ରାପଡ଼ା ଖେଳାଳିଙ୍କ ଚମକ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**




କେନ୍ଦ୍ରାପଡ଼ାର ସ୍ପୋର୍ଟସ୍ କିକ୍‌ବକ୍ସିଂ ଆସୋସିଏସନ୍‌ର ଖେଳାଳିମାନେ ୧୦ରୁ ୧୩ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ଟିଟି, ଅନୁଗୁଳରେ ଅନୁଷ୍ଠିତ ଷଷ୍ଠ ୱାକୋ ଓଡ଼ିଶା ରାଜ୍ୟ କିକ୍‌ବକ୍ସିଂ ଚାମ୍ପିଅନସିପରେ ୧୨ ପଦକ (୫ ସ୍ୱର୍ଣ୍ଣ, ୧ ରୌପ୍ୟ, ୬ କାଂସ୍ୟ) ଜିତି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ପଦକ ବିଜେତାଙ୍କ ମଧ୍ୟରେ ସୌଭାଗ୍ୟ ଲକ୍ଷ୍ମୀ ପାତ୍ର (୨ ସ୍ୱର୍ଣ୍ଣ, ୧ କାଂସ୍ୟ), ବିଘ୍ନେସ୍ କୁମାର ପାତ୍ର (୨ ସ୍ୱର୍ଣ୍ଣ), ବିଜୟଲକ୍ଷ୍ମୀ ପାତ୍ର (୧ ରୌପ୍ୟ), ପ୍ରଦୀପ୍ତ ଦାସ (୧ କାଂସ୍ୟ), ନଳିନୀକାନ୍ତ ଦାସ (୨ କାଂସ୍ୟ), ଏବଂ ପୃଥୀରାଜ ଦାସ (୧ ସ୍ୱର୍ଣ୍ଣ, ୨ କାଂସ୍ୟ) ଅନ୍ତର୍ଭୁକ୍ତ। ସଭାପତି ଲକ୍ଷ୍ମୀପ୍ରିୟା ଦାସ, ସଚିବ ସଦାଶିବା ପାତ୍ରଙ୍କ ନେତୃତ୍ୱରେ ଏବଂ ରାଜକିଶୋର ନାୟକ ଏବଂ ପ୍ରଦୀପ୍ତ ଦାସଙ୍କ ପ୍ରଶିକ୍ଷିତ ଦଳ ପ୍ରଶଂସନୀୟ ପ୍ରତିଭା ପ୍ରଦର୍ଶନ କରିଥିଲା। ଏହି ଅବସରରେ ମୁଖ୍ୟ ପ୍ରଶିକ୍ଷକ ଓ ଉପଦେଷ୍ଟା ହିମାଂଶୁ ଭୂଷଣ ଦାସ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଦୃଢ଼ ଇଚ୍ଛା ଶକ୍ତି ପାଇଁ ଆକାଶ ଦୀପଙ୍କୁ ମିଳିଛି ସଫଳତା

ଭାରତୀୟ କ୍ରିକେଟ ଦଳ ଦ୍ରୁତ ବୋଲର ବୁମ୍‌ରା ଜୁଲାଇ ୨୫ରେ ପୁଣି ଇଂଲଣ୍ଡରେ ବିଶ୍ରାମ ନେଇଥିଲେ। ସେହି ସମୟରେ ଆକାଶ ଦୀପଙ୍କୁ ଦଳପାଇଁ ଖେଳିବାର ସୁଯୋଗ ମିଳିଲା। ଏଥିପାଇଁ ତାଙ୍କୁ ବିପୁଳ ସମର୍ଥନ ମଧ୍ୟ ମିଳିଲା। ସେହି ମ୍ୟାଚ୍‌ରେ ଭାରତ ୫୮୭ ରନ୍ କରିଥିଲା। ତା'ପରେ ପ୍ରଶ୍ନ ଉଠିଥିଲା ବୁମ୍‌ରା ବିନା ଇଂଲଣ୍ଡର ୨୦ ୱିକେଟ୍ କିଏ ନେବ? ଉତ୍ତର ମିଳିଥିଲା ଆକାଶ ଦୀପ। ସେ ପ୍ରଥମ ଇନିଂସରେ ୪ ୱିକେଟ୍ ନେଇଥିଲେ ଏବଂ ତା'ପରେ ଦ୍ୱିତୀୟ ଇନିଂସରେ ୬ ୱିକେଟ୍ ନେଇଥିଲେ। ରୁଟ୍, ବ୍ରୁକ୍, ଡକେଟ ଏବଂ ପୋପ୍ ସମେତ ସମସ୍ତେ ବୋଲ୍ଡ ହୋଇଥିଲେ। ୨୧ ବର୍ଷ ମଧ୍ୟରେ ପ୍ରଥମ ଭାରତୀୟ ପେସର୍ ଯିଏକି ଇଂଲଣ୍ଡରେ ଏକ ମ୍ୟାଚ୍‌ରେ ୧୦ ୱିକେଟ୍ ନେଇଥିଲେ। ସେ ଏପରି ଏକ ବ୍ୟକ୍ତି ଯିଏ କି ଥରେ କେବଳ ତାଙ୍କ ପରିବାରର ଭରଣ ପୋଷଣ ପାଇଁ କଠିନ ପରିଶ୍ରମ କରୁଥିଲେ। ଏବେ ସେ ଷ୍ଟାରମାନଙ୍କ ମଧ୍ୟରେ ଠିଆ ହେବାକୁ ସକ୍ଷମ ହୋଇଛନ୍ତି। ସେ କେବଳ ଟିମ୍ ଇଣ୍ଡିଆରେ ପ୍ରବେଶ କରିନଥିଲେ। ସେ ଆର୍ଥିକ, ଭାବପ୍ରବଣ, ବ୍ୟବସ୍ଥାଗତ ସମସ୍ତ ସୀମାକୁ ଅତିକ୍ରମ କରିଥିଲେ। ଏହା କେବଳ ଏକ କ୍ରିକେଟ୍ କାହାଣୀ ନୁହେଁ। ଏହା ବିଶ୍ୱାସର କାହାଣୀ, କିପରି ଜଣେ ସର୍ବନିମ୍ନ ଅବସ୍ଥାରେ ମଧ୍ୟ ନିଜର ଉତ୍ଥାନ ଆରମ୍ଭ କରିଥିଲେ। ସଫଳତା ପାଇବାକୁ ହେଲେ କଠିନ ପରିଶ୍ରମ ସହଦୃଢ଼ ଇଚ୍ଛାଶକ୍ତି ରହିବା ନିହାତି ଆବଶ୍ୟକ। ଏହା ଦ୍ୱାରା ହିଁ ସବୁକିଛି ଅସମ୍ଭବକୁ ସମ୍ଭବ କରାଯାଇପାରେ।

ଆକାଶଦୀପଙ୍କର ସଫଳତା ଅସୀମ ଧୈର୍ଯ୍ୟ ଓ ନିଷ୍ଠାର ସହ କଠିନ ପରିଶ୍ରମ ପର୍ଯ୍ୟବେଶିତ ପିଲାଦିନରୁ ତାଙ୍କର କ୍ରିକେଟ ଖେଳ ପ୍ରତି ଦୁର୍ବଳତା ରହିଥିଲା। ବିହାରର ସାସାରାମ ବିହାରର ସାସାରାମ ନିକଟସ୍ଥ ଏକ ଛୋଟ ଗାଁରେ ତାଙ୍କର ଜନ୍ମ। ଜଣେ ସ୍କୁଲ ଶିକ୍ଷକ ରାମଜୀ ସିଂହଙ୍କର ପୁତ୍ର। ପିତାମାତା ତାଙ୍କର ନାମ ଆକାଶ ରଖିଥିଲେ। ସେତେବେଳେ କ୍ରିକେଟ ଖେଳ ପ୍ରଶିକ୍ଷଣ ପାଇଁ କୌଣସି କ୍ରିକେଟ ଏକାଡେମୀ ନଥିଲା, କୌଣସି ଭିତ୍ତିଭୂମି ନଥିଲା, କେବଳ ଏକ ଟେନିସ୍ ବଲ୍ ସହିତ ଗଳି କ୍ରିକେଟ୍ ଥିଲା। କିନ୍ତୁ ଛୋଟ ଆକାଶ କେବଳ ବୋଲିଂ କରୁଥିଲା, କେବେ ବ୍ୟାଟିଂ ବିଷୟରେ ଚିନ୍ତା କରିନଥିଲା। ୧୦ ବର୍ଷ ବୟସରେ ତାଙ୍କର ବୋଲିଂ ବନ୍ଧୁମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ବନ୍ଧୁମାନେ ସେ ବିଷୟରେ ତାଙ୍କ ବାପାଙ୍କୁ ଜଣାଇଥିଲେ ଯେ, 'ଆକାଶଙ୍କୁ ଏକ ଏକାଡେମୀରେ ରଖି ପ୍ରଶିକ୍ଷଣ ଦିଆଗଲେ ସେ ଭାରତ ପାଇଁ ଖେଳିପାରିବେ।' କେବଳ ୧୪ ବର୍ଷ ବୟସରେ, ସେ ଉନ୍ନତ କ୍ରିକେଟ୍ ଖେଳିବା ପାଇଁ ସୁଯୋଗ ନିମନ୍ତେ ବିହାରର ଦେହରିରୁ ପଶ୍ଚିମବଙ୍ଗ ଚାଲିଗଲେ। କିନ୍ତୁ ଶୀଘ୍ର ତାଙ୍କୁ ଘରକୁ ଫେରିବାକୁ ପଡ଼ିଲା, ତାଙ୍କ ବାପା ପକ୍ଷାଘାତର ଶିକାର ହୋଇଥିଲେ ଏବଂ ପରିବାରକୁ ତାଙ୍କର ପୂର୍ବ ଅପେକ୍ଷା ଅଧିକ ଆବଶ୍ୟକତା ଥିଲା। ୨୦୧୫ରେ ତାଙ୍କ



ଜୀବନ ଓଲଟିଗଲା। ତାଙ୍କ ବାପାଙ୍କ ମୃତ୍ୟୁ ହେଲା। ତାଙ୍କ ବଡ଼ ଭାଇ ଆଗକୁ ବଢ଼ିଲେ। 'ତୁମେ ଖେଳ, ମୁଁ ପରିବାର ପରିଚାଳନା କରିବି। କିନ୍ତୁ ମାତ୍ର ୬ ମାସ ପରେ ତାଙ୍କ ଭାଇ ମଧ୍ୟ ଚାଲିଗଲେ। ଆକାଶ ତାଙ୍କ ପରିବାରର ଏକମାତ୍ର ରୋଜଗାରିଆ ସଦସ୍ୟ ହୋଇଗଲେ। ତାଙ୍କ ମାଆ ଏବଂ ଦୁଇ ଭଉଣୀ ତାଙ୍କ ଉପରେ ନିର୍ଭର କରୁଥିଲେ। ତେଣୁ ସେ କ୍ରିକେଟ ଛାଡ଼ିଦେଲେ। ୨୦୧୫ ରୁ ୨୦୧୮ ମଧ୍ୟରେ, ଆକାଶ ଦୀପ ପ୍ରତିଦିନ ମଜୁରିଆ ଭାବେ ୧୦୦-୧୫୦ ଟଙ୍କାରେ ଶାରୀରିକ ଶ୍ରମ କରୁଥିଲେ। ସେ ବାଲି ବୋଝେଇ କାମ କରୁଥିଲେ, ନଦୀପଠାରୁ ଟ୍ରକକୁ ବାଲି ବୋହି ନେଉଥିଲେ। ହେଲମେଟ୍ ନାହିଁ। ଗ୍ଲୋଭ୍ସ ନାହିଁ। କୌଣସି ସ୍ୱପ୍ନ ନାହିଁ। କେବଳ ବଞ୍ଚିବା ପାଇଁ ତାଙ୍କର ସଂଗ୍ରାମ ଚାଲିଥିଲା। ସେ କ୍ରିକେଟରୁ ଅଦୃଶ୍ୟ ହୋଇଯାଇଥିଲେ। ସମସ୍ତେ ଭାବିଥିଲେ ଯେ ତାଙ୍କର କ୍ୟାରିୟର ସରିଗଲା। ଆକାଶଙ୍କ ସମ୍ପର୍କୀୟ ଭାଇ ତାଙ୍କୁ ପୁଣି ଥରେ ବଙ୍ଗଳାକୁ ଫେରି କ୍ରିକେଟ ଖେଳିବାକୁ ବାଧ୍ୟ କଲେ। ଏଥର ସେ ଶୁଣିଲେ। ବଞ୍ଚିବା ପାଇଁ ସେ ପୁରସ୍କାର ଟଙ୍କା ପାଇଁ ଟେନିସ୍ ବଲ୍ ଟୁର୍ଣ୍ଣାମେଣ୍ଟ ଖେଳିବା ଆରମ୍ଭ କଲେ। ଶୀଘ୍ର, ସେ ଗମ୍ଭୀରତାର ସହିତ ତାଲିମ ନେବା ପାଇଁ ବଙ୍ଗଳାର ୟୁନାଇଟେଡ୍ କ୍ଲବରେ ଯୋଗଦେଲେ। ବଙ୍ଗଳା ସହିତ ତାଙ୍କର ପ୍ରାରମ୍ଭିକ ଦିନଗୁଡ଼ିକରେ, ସେ ଏକ ଛାତ୍ରାବାସରେ ରହୁଥିଲେ। ପ୍ରଶିକ୍ଷକ ଅରୁଣ ଲାଲ ଏହାକୁ 'ଅସହନୀୟ' ଏବଂ 'ଏକ ରକ୍ତାକ୍ତ ନର୍କ' ବୋଲି କହିଥିଲେ। ତଥାପି ଆକାଶ କେବେ ଅଭିଯୋଗ କରିନଥିଲେ। କଠୋର ପରିସ୍ଥିତି ସତ୍ତ୍ୱେ, ତାଙ୍କର ମାନସିକ ଦୃଢ଼ତା ପାଇଁ ସେ ଜଣାଶୁଣା ଥିଲେ। ଅରୁଣ ଲାଲ କହିଥିଲେ ଯେ ଆକାଶ "ସମସ୍ତଙ୍କ ଅପେକ୍ଷା ଶକ୍ତିଶାଳୀ" ଥିଲେ ଏବଂ ତାଙ୍କର କାର୍ଯ୍ୟ ନୀତିକୁ ପ୍ରଶଂସା କରୁଥିଲେ। ଆକାଶ କଞ୍ଚା ଥିଲେ, କିନ୍ତୁ ରିଭର୍ସ ସ୍ୱିଙ୍ଗ୍ କରିବାର ତାଙ୍କର କ୍ଷମତା ସମସ୍ତଙ୍କୁ ପ୍ରଭାବିତ କରିଥିଲା। ତାଙ୍କୁ ସୌରଭ ଗାଙ୍ଗୁଲିଙ୍କ 'ଭିଜନ ୨୦୨୦' ପାଇଁ ମନୋନୀତ କରାଯାଇଥିଲା, ଯାହା ପଶ୍ଚିମବଙ୍ଗର କ୍ରିକେଟ୍ ପ୍ରତିଭାକୁ ପ୍ରଶଂସିତ କରିବା ପାଇଁ ଏକ କାର୍ଯ୍ୟକ୍ରମ ଥିଲା। ମାଗଣା ପ୍ରଶିକ୍ଷଣ, ଉପକରଣ, ପୁଷ୍ଟିସାର ଖାଦ୍ୟ ସହିତ ଶେଷରେ ଏକ ସମର୍ଥନ ପ୍ରଣାଳୀ ପାଇଲେ ଆକାଶ। ସେ ବେଙ୍ଗଲ ଅଣ୍ଡର ୨୩ ଏବଂ ତା'ପରେ ବରିଷ୍ଠ ରଣଜୀ ଦଳରେ ସ୍ଥାନ ପାଇଲେ। ସେ ଗୋଟିଏ ରଣଜୀ ସିଜନରେ ବେଙ୍ଗଲ ପାଇଁ ୪୨ ୱିକେଟ୍ ନେଇଥିଲେ। ୨୦୨୧ରେ, ତାଙ୍କୁ ଆରସିବି ଦ୍ୱାରା ନେଟ୍ ବୋଲର ଭାବରେ ମନୋନୀତ କରାଯାଇଥିଲା। ସେ ମ୍ୟାକ୍ସୱେଲ ଏବଂ କୋହଲିଙ୍କୁ ବୋଲିଂ କରିଥିଲେ ଏବଂ ସମର୍ଥନ କର୍ମଚାରୀଙ୍କୁ ପ୍ରଭାବିତ କରିଥିଲେ। ୨୦୨୨ରେ, ଆରସିବି ତାଙ୍କୁ ଆନୁଷ୍ଠାନିକ ଭାବରେ ୨୦ ଲକ୍ଷରେ ଚୁକ୍ତିବଦ୍ଧ କରିଥିଲା। କେକେଆର ବିପକ୍ଷରେ ଏକ ଖେଳରେ, ସେ ୩ଟି ବଡ଼ ୱିକେଟ୍ ନେଇଥିଲେ, ଭେଙ୍କଟେଶ ଆୟର, ନୀତିଶ ରାଣା ଏବଂ ଉମେଶ ଯାଦବ। ବାଲିବସ୍ତା କାନ୍ଧେଇବା ଠାରୁ ଆରମ୍ଭ କରି ଆଇପିଏଲ ପର୍ଯ୍ୟନ୍ତ, ଚମତ୍କାର ଆରମ୍ଭ ହୋଇଥିଲା ତାଙ୍କର। ଫେବୃୟାରୀ ୨୦୨୪, ଭାରତ ବନାମ ଇଂଲଣ୍ଡ ଟେଷ୍ଟ ସିରିଜ୍ ସମୟରେ ବୁମ୍‌ରା ବିଶ୍ରାମ ନେଇଥିଲେ। ସେତେବେଳେ ଆକାଶ ଦୀପଙ୍କୁ ଡକାଯାଇଥିଲା। ସେ ରାଞ୍ଚିରେ ଡେବ୍ୟୁ କରିଥିଲେ। ତାଙ୍କ ମାଆ ଷ୍ଟାଣ୍ଡରେ ବସି କାନ୍ଦିଥିଲେ। ଏହା ସେହି ପୁଅ ଥିଲା, ଯିଏ ଥରେ ୧୦୦ ଦିନ ରୋଜଗାର କରିଥିଲା। ଏବେ ସେ ଡେବ୍ୟୁରେ ଡକେଟ, ପୋପ୍ ଏବଂ କ୍ରଲିଙ୍କୁ ଆଉଟ୍ କରୁଥିଲା। ୨୦୨୫ ଇଂଲଣ୍ଡ ଗସ୍ତ ପୂର୍ବରୁ, ତାଙ୍କ ଭଉଣୀଙ୍କୁ କର୍କଟ ରୋଗ ହୋଇଥିଲା। ସେ ଏହାକୁ ବ୍ୟକ୍ତିଗତ ରଖିଥିଲେ, ଏପରିକି ସାଥୀ ଖେଳାଳିଙ୍କଠାରୁ ମଧ୍ୟ। ତାଙ୍କ ଐତିହାସିକ ୧୦-ୱିକେଟ୍ ନେବା ପର୍ଯ୍ୟନ୍ତ।

# ସୁକିନ୍ଦାରେ ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**



ସୁକିନ୍ଦା ବ୍ଲକ ଅନ୍ତର୍ଗତ ସୁକିନ୍ଦା ମହାବିଦ୍ୟାଳୟ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ କହିଥିଲେ ଯେ ନିକଟ ଅତୀତରେ ମୁଖ୍ୟମନ୍ତ୍ରୀ ଜିଲ୍ଲା ଗସ୍ତରେ ଆସି ଶିଳ୍ପର ସହର କଳିଙ୍ଗ ନଗର ଠାରେ ବିଭିନ୍ନ ଶିଳ୍ପ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ସହ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହାଦ୍ୱାରା ଆମ ଜିଲ୍ଲାର ନିଯୁକ୍ତିର ସମ୍ଭାର ସୃଷ୍ଟି ହେଉଛି। ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସହାୟତାରେ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୭,୦୦୦ରୁ ଉର୍ଦ୍ଧ୍ୱ ଆଶାୟୀ ଯୁବକ ଯୁବତୀମାନଙ୍କୁ ବିଭିନ୍ନ ଲବ୍ଧ ପ୍ରତିଷ୍ଠିତ ସଂସ୍ଥା ଦ୍ୱାରା ତାଲିମ ପ୍ରଦାନ କରାଯାଇ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପ୍ରଦାନ କରାଯିବ। ଏହି ଅବସରରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ କହିଥିଲେ ଯେ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ଜିଲ୍ଲାର ଆଶାୟୀ ଯୁବକ ଓ ଯୁବତୀମାନଙ୍କୁ ଦେଶର ପ୍ରତିଷ୍ଠିତ ସଂସ୍ଥା ଏବଂ ଅନୁଷ୍ଠାନ ଅଧୀନରେ ତାଲିମ ପ୍ରଦାନ କରି ସେମାନଙ୍କ ଦକ୍ଷତା ବୃଦ୍ଧି କରିବା ସହ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପ୍ରଦାନ କରିବା। ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ ଯୋଗ ଦେଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସୁକିନ୍ଦା ବିଡ଼ିଓ ପ୍ରଜ୍ଞା ପରିମିତା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଖଣିଜ ପ୍ରତିଷ୍ଠାନର ଟିମ୍ ଲିଡର ଡଃ. ସତ୍ୟ ସ୍ୱରୂପ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କିଲ୍ କାଉନସିଲ୍ ଅଫ୍ ମାଇନିଙ୍ଗ ସେକ୍ଟର୍, ସିଟିଟିସି, ସିପେଟ୍, ଓକେଶିଏଲ୍ ଆଦି ପ୍ରତିଷ୍ଠିତ ସଂସ୍ଥା ଏବଂ ଅନୁଷ୍ଠାନ ଗୁଡ଼ିକ ସେମାନଙ୍କ ଦକ୍ଷତା କାର୍ଯ୍ୟକ୍ରମ ଗୁଡ଼ିକ ଉପରେ ବିବରଣୀ ପ୍ରଦାନ କରିଥିଲେ।

Tel No : 0674-2490858
e-Mail: ori-jatni@nic.in

**OFFICE OF THE PANCHAYAT SAMITI, JATNI, DIST-KHORDHA**

Letter No. 4203 Dt. 15.07.2025

i-217

**"e" Procurement Notice**

Bid Documents consisting of Work, Estimated Cost. Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt, website i.e. https://tendersodisha.gov.in

1. Tender Reference No. : 26/ PSJ/2025-26
2. Name of the Work : Civil Construction works as mentioned in DTCN
3. No. of works : 4 Nos.
4. Estimated Cost : As per DTCN
5. Earnest Money Deposit (EMD) : As per DTCN
6. Period of Completion : As per DTCN
7. Date &Time of Bidding : 16/07/2025 at 11.00 PM
8. Last date & time for receipt Of bids in the portal : 30/07/2025 at 5.00 PM
9. Bids received online shall be opened on : 31/07/2025 at 1 1.00 AM
10. Name and address of the Officer inviting Bid : O/o-Block Development Officer, Jatni

Further amendments, corrigendum or other communication regarding this letter will be available only on https://tendersodisha.gov.in and will not be published in print media.

OIPR-19263/11/0006/2526 Sd/- Block Development Officer, Jatni

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, BHUBANESWAR (R&B) DIVISION NO.I, BHUBANESWAR**

Mail i.d eebbsr1@yahoo.co.in

B-305

INVITATIONS FOR BIDS THROUGH e-Procurement

No. 9307 Date: 14.07.2025

Bid Identification No. C.C. (R&B) e-Procurement Notice No. (20) of 2025-26

The Superintending Engineer, (R&B) Division No. I, Bhubaneswar on behalf of the Governor of Odisha invites percentage rate bids for **Double cover system (online)** for works as detailed in table below. (From Autharised Dealers)

| Sl. No | Name of the work | Approximate Estimated cost put to Tender (Rs. In Lakh) | EMD/Bid Security | Cost of Bid Document | Period of Completion |
|---|---|---|---|---|---|
| 1 | Improvement to Toshali Bhawan at Satyanagar, Bhubaneswar such as supplying of Godrej make Double Dacker Movestack & Heavy duty Rack to the Department of State Commission for Women A1 Block 1st floor for the year 2025-26. | Rs.71.54 | Rs.72,000/- | Rs.10,000/- Online | 02 (Two) Calendar months |

The bidders have to participate in ONLINE bidding only. The web-site for **"ONLINE BIDDING"** is http://tendersorissa.gov.in.

Bid documents well be available in the above website from 11:00 A.M of 18.07.2025 to 5.00 P.M of 31.07.2025. Bids of the above work shall be opened at -12.30 P.M. of 01.08.2025.

The bidder must possess matching class compatible Digital Signature Certificate (DSC).

Further details and other terms and conditions can be seen from DTCN in the e-Procurement web site www.tendersorissa.gov.in

N.B.: Subsequent corrigendum / addendum if required shall be available in the website as indicated above.

Sd/- Er. Prabhudatta Pradhan
Superintending Engineer
BBSR (R&B) Division No.I, Bhubaneswar

OIPR-34076/11/0025/2526



31 YEARS

# ସମ୍ବାଦ କଳିକା



## ଲିସିନଲାଇଟ୍ସ ଇଞ୍ଜିନିୟରିଂ ଆଣ୍ଡ କନଷ୍ଟ୍ରକ୍ସନ୍-କିଟ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଡାଟା ସେଣ୍ଟର ପାଇଁ ଭାରତର ସର୍ବବୃହତ୍ ଏମଇପି ଜିସି ସେବା ପ୍ରଦାନକାରୀ ଲିସିନଲାଇଟ୍ସ ଇନିୟରିଂ ଆଣ୍ଡ କନଷ୍ଟ୍ରକ୍ସନ୍ ପକ୍ଷରୁ ମେକାନିକାଲ୍, ଇଲେକ୍ଟ୍ରିକାଲ୍ ଏବଂ ସିଭିଲ୍ ଇନିୟରିଂ ଛାତ୍ରଛାତ୍ରୀମାନଙ୍କୁ ବାସ୍ତବିକ ଅନୁଭୂତି ଏବଂ ଇଣ୍ଡଷ୍ଟ୍ରି ପାଇଁ ପ୍ରସ୍ତୁତ ହେବାରେ ସାହାଯ୍ୟ କରିବା ପାଇଁ କିଟ୍ ସହ ସହଯୋଗିତା ସ୍ଥାପନ କରାଯାଇଛି । ଏହି ନୂତନ ସହଯୋଗିତା ଶ୍ରେଣୀଗୃହ ଶିକ୍ଷା ଏବଂ ଅନଲାଇନ୍ ପ୍ରଶିକ୍ଷଣକୁ ଏକତ୍ର କରି ଛାତ୍ରଛାତ୍ରୀମାନଙ୍କୁ ପ୍ରଥମ ଦିନରୁ ଏକ ଦୃଢ୍ କ୍ୟାରିଅର୍ ଗଠନ କରିବାରେ ସକ୍ଷମ କରିବ । ଗତ ସପ୍ତାହରେ ଏହି ମର୍ମରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହି ସହଯୋଗିତା ମାଧ୍ୟମରେ ଲିସିନଲାଇଟ୍ସ ଇନିୟରିଂ ଆଣ୍ଡ କନଷ୍ଟ୍ରକ୍ସନ୍ ପକ୍ଷରୁ କିଟ୍‌ର ଡାଟା ସେଣ୍ଟରକୁ ଏକ ସେଣ୍ଟର ଅଫ୍ ଏକ୍ସଲେନ୍ସ ଭାବେ ପରିଣତ କରାଯିବ, ଯାହା ଛାତ୍ରଛାତ୍ରୀମାନଙ୍କୁ ବାସ୍ତବିକ ଇନିୟରିଂ ପ୍ରକଳ୍ପ ବିଶେଷକରି ଆଧୁନିକ ଡାଟା ସେଣ୍ଟରରେ ବ୍ୟବହୃତ ହେଉଥିବା ସିଷ୍ଟମ ଏବଂ ଟୁଲ୍ସ ସହିତ ପ୍ରତ୍ୟକ୍ଷ ଅନୁଭୂତି ପ୍ରଦାନ କରିବ । ଭାରତ ନିଜର ଡିଜିଟାଲ୍ ଏବଂ ଶିକ୍ଷ ଭିତ୍ତିଭୂମି ବିକାଶ କରୁଥିବା ବେଳେ ଲିସିନଲାଇଟ୍ସ ଇନିୟରିଂ ଆଣ୍ଡ କନଷ୍ଟ୍ରକ୍ସନ୍ କିଟ୍ ସହିତ ମିଶି ଶ୍ରେଣୀଗୃହ ଶିକ୍ଷା ଏବଂ ବୃତ୍ତିଗତ ଅଭ୍ୟାସ ମଧ୍ୟରେ ଥିବା ଅନ୍ତର ପୂରଣ କରି ଅନୁଭୂତିମୂଳକ ଶିକ୍ଷାର ସଂସ୍କୃତି ପ୍ରତିଷ୍ଠା କରି ଭବିଷ୍ୟତ ଲାଗି ପ୍ରସ୍ତୁତ ଇନିୟରିଂ ବୃତ୍ତିଧାରୀମାନଙ୍କୁ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛି ।

## ଭରସା ଜିଣୁଛି ଏମ୍ସ ଭୁବନେଶ୍ୱର: ପ୍ରତିବର୍ଷ ବଢୁଛନ୍ତି ୨ଲକ୍ଷ ରୋଗୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭୁବନେଶ୍ୱର ଏମ୍ସ ୧୩ତମ ପ୍ରତିଷ୍ଠା ଦିବସ ପାଳିଛି । ଏହି ୧୩ ବର୍ଷର ଯାତ୍ରା ମଧ୍ୟରେ ଏମ୍ସ ଭୁବନେଶ୍ୱର ଭାରତର ଚିକିତ୍ସା ସେବା କ୍ଷେତ୍ରରେ ନିଜର ପରାକାଷ୍ଠା ପ୍ରଦର୍ଶନ କରିପାରିଛି । ୧୪ ଅଗଷ୍ଟ ୨୦୧୨ ମସିହାରେ ୭୫୦ ବର୍ଗଫୁଟର ଏକ ଟିଣଛପର ସିମେଣ୍ଟ ଗୋଦାମରେ ଆରମ୍ଭ ହୋଇଥିବା ଏହି ମେଡିକାଲ କଲେଜ ବର୍ତ୍ତମାନ ନିଜର ପରିସୀମା ୧୨୬ ଏକରକୁ ବିସ୍ତାର କରିପାରିଛି । ୧୩ ବର୍ଷ ତଳେ ଜଙ୍ଗଲ ଥିବା ଏହି ସ୍ଥାନ ବର୍ତ୍ତମାନ ୧୩୫୨ ଶଯ୍ୟା ବିଶିଷ୍ଟ ଦେଶର ଶ୍ରେଷ୍ଠ ମେଡିକାଲ୍ କଲେଜ ଓ ହସ୍‌ପିଟାଲ ଭାବେ ନିଜକୁ ପ୍ରତିଷ୍ଠିତ କରିଛି । ଏପରିକି କେବଳ ଓଡ଼ିଶା ନୁହେଁ ପଡ଼ୋଶୀ ରାଜ୍ୟବାସୀଙ୍କର ଆସ୍ଥାଭାଜନ ହୋଇଛି ଏମ୍ସ । ପ୍ରତିବର୍ଷ ଏମ୍ସରେ ରୋଗୀ ସଂଖ୍ୟା ୨ଲକ୍ଷ ଲେଖାଏଁ ବଢ଼ିବଢ଼ି ଚାଲିଛି । ପ୍ରତିଦିନ ୩ହଜାରରୁ ଅଧିକ ରୋଗୀ ଏମ୍ସ ଓପିଡିରେ ଚିକିତ୍ସିତ ହେଉଛନ୍ତି । ୨୦୨୧ ମସିହାରେ ଓପିଡିରେ ୮ଲକ୍ଷ ରୋଗୀ ଚିକିତ୍ସିତ ହୋଇଥିଲା ବେଳେ ୨୦୨୨ରେ ୧୦ଲକ୍ଷ, ୨୦୨୩ରେ ୧୨ଲକ୍ଷ, ୨୦୨୪ରେ ୧୨ ଲକ୍ଷ ଓ ୨୦୨୫ରେ ବର୍ତ୍ତମାନ ସୁଦ୍ଧା ୭ଲକ୍ଷରୁ ଅଧିକ ରୋଗୀ ଓପିଡି ଚିକିତ୍ସା ସୁବିଧା ପାଇଛନ୍ତି । ସେହିପରି ବାର୍ଷିକ ୨୬ହଜାରରୁ ଅଧିକ ଅସ୍ତ୍ରୋପଚାର କରିବାରେ ଏମ୍ସ ଭୁବନେଶ୍ୱର ସକ୍ଷମ ହୋଇଛି । ସେହିପରି ପ୍ରଥମ ବର୍ଷ ମାତ୍ର ୭ଜଣ ଅଧ୍ୟାପକ ଓ ୫୦ଜଣ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରତିଷ୍ଠାନ ଆରମ୍ଭ ହୋଇଥିଲା । ଏମ୍ସରେ ବର୍ତ୍ତମାନ ୨୩୪ଜଣ ଅଧ୍ୟାପକ ରହିଥିଲା ବେଳେ ବିଭିନ୍ନ ବିଭାଗକୁ ମିଶାଇ ଛାତ୍ରଛାତ୍ରୀଙ୍କ ସିଟ୍ ସଂଖ୍ୟା ୧୪୭୮କୁ ବୃଦ୍ଧି ପାଇଛି । ଏଥିରେ ଏମ୍‌ବିବିଏସ୍, ବିଏସ୍‌ସି(ସମ୍ମାନ) ନର୍ସିଂ, ଏମ୍‌ଏସ୍‌ସି ନର୍ସିଂ ଓ ୭ଟି ପାରାମେଡିକାଲ ସାଇନ୍ସ ରହିଛି । ସେହିପରି ମୋଟ୍ ୪୫ ବିଭାଗରେ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଉଛି । ୨୫ଟି ମୋଡ୍ୟୁଲାର ଅପରେସନ୍ ଥିଏଟର, ବର୍ଣ୍ଣ ୟୁନିଟ୍, ଲେଭଲ୍-୧ ଟ୍ରମା ସେଣ୍ଟର, ୫୦୬ ବେଡ୍ ବିଶିଷ୍ଟ ଧର୍ମଶାଳା ସହିତ ଛାତ୍ରାବାସ ରହିଛି । ସ୍କିନ୍ ବ୍ୟାଙ୍କ, ଲିଭର ଟ୍ରାନ୍ସପ୍ଲାଣ୍ଟ, ସେଣ୍ଟର ଅଫ ଏକ୍ସଲେନ୍ସ, ଆଡ୍‌ଭାନ୍ସ ସେଣ୍ଟର ଆଦିର ନିର୍ମାଣ ଖୁବ୍‌ଶୀଘ୍ର ହେବ ବୋଲି ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ମତ ଦେଇଛନ୍ତି ।

## ଅପାରଗ ଓ ଅଯୋଗ୍ୟ ଅଧିକାରୀ ବା କର୍ମଚାରୀମାନଙ୍କୁ ବାଧ୍ୟତାମୂଳକ ଅବସର ଦିଆଯିବ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସଚିବସ୍ତରୀୟ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ ପ୍ରସଙ୍ଗରେ ମୁଖ୍ୟ ଶାସନ ସଚିବ ଆଲୋକପାତ କରି ଆବଶ୍ୟକ ନିର୍ଦ୍ଦେଶ ଓ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ । ଓଡ଼ିଶା ଭିଜନ ଡକ୍ୟୁମେଣ୍ଟକୁ ପ୍ରଧାନମନ୍ତ୍ରୀ ଗତ ଜୁନ ୨୦ ତାରିଖରେ ଉନ୍ମୋଚନ କରିଛନ୍ତି । ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ବିଭିନ୍ନ ବିଭାଗରେ ସଂସ୍ଥାଗତ ଢାଞ୍ଚା ଓ ଉତ୍ସର୍ଗୀଗତ ବ୍ୟବସ୍ଥା ପୂର୍ବକ ଆନ୍ତଃ ବିଭାଗୀୟ କାର୍ଯ୍ୟକାରୀ ଗ୍ରୁପ (ୱାର୍କିଂ ଗ୍ରୁପ୍ ) ଦ୍ୱାରା ସମନ୍ୱୟ ଓ କାର୍ଯ୍ୟାନ୍ୱୟନ ସଂପର୍କରେ ବୈଠକରେ ଆବଶ୍ୟକ ପରାମର୍ଶ ଦିଆଯାଇଥିଲା । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ, ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ପ୍ରତିଷ୍ଠାନ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଆଦି ସଂସ୍ଥାରେ ଦିଆଯାଇଥିବା ବିଭିନ୍ନ ପ୍ରଶିକ୍ଷଣରେ ଭିଜନ ଡକ୍ୟୁମେଣ୍ଟରେ ରହିଥିବା ଆଭିମୁଖ୍ୟ ସଂପର୍କିତ ତାଲିମ ଅନ୍ତର୍ଭୁକ୍ତ କରିବା ନେଇ ସ୍ୱତନ୍ତ୍ର ବ୍ୟବସ୍ଥା ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଜନକେନ୍ଦ୍ରିକ ଶାସନ ବ୍ୟବସ୍ଥାର ସୁପରିଚାଳନାକୁ ଦୃଷ୍ଟିରେ ରଖି ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ଅନ୍ତର୍ଭୁକ୍ତ ସେବାଗୁଡିକୁ ସିଏମଜିଆଇ ଦ୍ୱାରା ବିକାଶ ହେଉଥିବା କେନ୍ଦ୍ରୀୟ ତଦାରଖ ବ୍ୟବସ୍ଥାରେ ଉପଲବ୍ଧ କରାଯିବା ସଂପର୍କରେ ବୈଠକରେ ପରାମର୍ଶ ଦିଆଯାଇଥିଲା । ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ କ୍ଷେତ୍ର ପରିଦର୍ଶନରେ ଯାଇ ତୃଣମୂଳସ୍ତରରେ କିପରି ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି, ତାହାକୁ ଅନୁଧ୍ୟାନ କରିବାକୁ ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶକୁ ଅନୁପାଳନ କରିବାକୁ ମୁଖ୍ୟ ଶାସନ ସଚିବ ଦୋହରାଇଛନ୍ତି । ଏହା ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନରେ ସରକାରଙ୍କୁ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ସହାୟକ ହୋଇପାରିବ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ପରିଦର୍ଶନ ସମୟରେ ବିଭିନ୍ନ ବିଦ୍ୟାଳୟ ଗସ୍ତ କରି ସେସବୁର ପରିଚାଳନା ଓ ସ୍ଥିତି ଅନୁଧ୍ୟାନ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି । ବୈଠକରେ ସରକାରୀ କର୍ମଚାରୀମାନଙ୍କୁ ସେମାନଙ୍କର ଅବସରଗ୍ରହଣ ଦିନ ଚୂଡ଼ାନ୍ତ ପେନସନ ଦିଆଯିବା ସଂପର୍କରେ ପ୍ରଶାସନିକ ପ୍ରସ୍ତୁତିକୁ ଅଧିକ ସୁବ୍ୟବସ୍ଥିତ କରାଯିବାକୁ ପରାମର୍ଶ ଦିଆଯାଇଥିଲା । ସରକାରୀ କର୍ମଚାରୀମାନଙ୍କ ବିପକ୍ଷରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ (ଡି.ପି) ଥିଲେ ତାହାର ସୂଚନା ଏଚଆରଏମଏସ ପୋର୍ଟାଲରେ ପ୍ରଦର୍ଶିତ କରାଇବା ଏବଂ ଏହାର ଫଇସଲା ସଂପର୍କରେ ନିୟମିତ ସମୀକ୍ଷା କରିବା ସଂପର୍କରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କ କାର୍ଯ୍ୟକୁ ବିଭାଗର ବିଭିନ୍ନ ସ୍ତରରେ ସମୀକ୍ଷା କରାଯିବା ସହ ସରକାରୀ କାର୍ଯ୍ୟ ଠିକ୍ ଭାବେ ସଂପାଦନ କରୁନଥିବା ଅପାରଗ ଓ ଅଯୋଗ୍ୟ ଅଧିକାରୀ ବା କର୍ମଚାରୀମାନଙ୍କୁ ବାଧ୍ୟତାମୂଳକ ଅବସର ନେବା ପାଇଁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ରହିଥିବା ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବାକୁ ମୁଖ୍ୟ ଶାସନ ସଚିବ ବୈଠକରେ ପୁନର୍ବାର ଗୁରୁତ୍ୱାରୋପ କରିଛନ୍ତି । ଆହୁରି ମଧ୍ୟ ଆଇ-ଜିଓଟି କର୍ମଯୋଗୀ ପୋର୍ଟାଲରେ ଅଧିକାରୀ ଓ କର୍ମଚାରୀମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଅନଲାଇନ ପ୍ରଶିକ୍ଷଣ ସଂପର୍କରେ ସମୀକ୍ଷା କରାଯାଇଥିଲା । ଏହି ପୋର୍ଟାଲରେ କର୍ମଚାରୀମାନଙ୍କ କାର୍ଯ୍ୟଦକ୍ଷତା ମୂଲ୍ୟାୟନ (ପିଏଆର) ସହିତ ସମନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥି ସହିତ କର୍ମଚାରୀମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସଂପର୍କରେ ଜାଣିବା ପାଇଁ ବାଧ୍ୟତାମୂଳକ ଅନଲାଇନ ପ୍ରଶିକ୍ଷଣ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । କର୍ମଚାରୀମାନେ ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସିବା ସଂପର୍କରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ସରକାରୀ କାର୍ଯ୍ୟାଳୟ ପରିସର ଓ ପରିବେଶ ପରିଚ୍ଛନ୍ନତା ରକ୍ଷା କରିବା, ଥରେ ମାତ୍ର ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ପାଣି ବୋତଲ(ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ବଟଲ) ର ବ୍ୟବହାର କମାଇ ଓ ଏହାର ବିକଳ୍ପ ଚୟନ କରି ପ୍ରଦୂଷଣମୁକ୍ତ ଓ ସ୍ୱାସ୍ଥ୍ୟରକ୍ଷା ସଂପର୍କରେ ପରାମର୍ଶ ଦିଆଯାଇଥିଲା । ବିଭିନ୍ନ ବିଭାଗରେ ଖାଲି ଥିବା ପଦବୀ ପୂରଣ ସଂପର୍କିତ ତଥ୍ୟ ୩୧ ଜୁଲାଇ ସୁଦ୍ଧା ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଯେଉଁ ଯେଉଁ ବିଭାଗରେ ଗ୍ରୁପ୍-ଡି ପଦବୀ ପୂରଣ ଅପରିହାର୍ଯ୍ୟ ରହିଛି, ନିଯୁକ୍ତି ନିମନ୍ତେ ସଂପୃକ୍ତ ବିଭାଗମାନେ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତ କରି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ ଯଥାଶୀଘ୍ର ପଠାଇବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଗୃହ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତଥା ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେନ୍ଦ୍ର କୁମାର, ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମାଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଅସରାଏ ବର୍ଷାରେ ଧୋଇଗଲା ୧୮ କୋଟି ଟଙ୍କାର କାମ



**ଭବାନୀପାଟଣା, ନ୍ୟୁଜ**
କଳାହାଣ୍ଡି ଜିଲ୍ଲା ଜଳସେଚନ ବିଭାଗରେ କେନ୍ଦ୍ର ଓ ରାଜ୍ୟ ସରକାର ପକ୍ଷରୁ କୋଟି କୋଟି ଟଙ୍କା ଅର୍ଥ ଖର୍ଚ୍ଚ କରାଯାଇ ଚାଷ ଜମିକୁ ପାଣି ସୂଚାରୁ ରୂପେ ପହଞ୍ଚି ପାରିବ ଓ ଚାଷୀ ତା'ର ଚାଷ ସୂଚାରୁ ରୂପେ କରିପାରିବ ସେଥିପାଇଁ ସରକାର ଅନେକ ଯୋଜନାରେ ଜଳସେଚନ ବିଭାଗକୁ କାମ କରିବା ପାଇଁ ଦେଇଛନ୍ତି । କିନ୍ତୁ ବିଭାଗୀୟ କିଛି ଅସାଧୁ ଅଧିକାରୀମାନଙ୍କ ଲାଭଖୋର ମନବୃତ୍ତି ଯୋଗୁଁ କାମ ସୂଚାରୁ ରୂପେ ହୋଇପାରୁ ନଥିବା ଯୋଗୁଁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି । ଗତ କିଛି ମାସ ତଳେ ବିଭାଗ ପକ୍ଷରୁ ମଦନପୁର ରାମପୁର ସ୍ଥିତ ଉତେଇ ପ୍ରକଳ୍ପ କେନାଲ ଲାଇନିଙ୍ଗ ପାଇଁ ଖୋଲା ଟେଣ୍ଡର ଆହ୍ୱାନ କରାଯାଇଥିଲା । ଏହି ଟେଣ୍ଡର ଜଣେ ଠିକାଦାର ୧୫ ଶତକଡା କମ୍ ମୂଲ୍ୟରେ ଟେଣ୍ଡର ପାଇଥିଲେ ଓ ଏଗ୍ରିମେଣ୍ଟ ନମ୍ବର ୭୨/୨୦୨୩-୨୪ ବିଭାଗ ସହ ଚୁକ୍ତି କରିଥିଲେ । ଏହି କାମ ଅତି ତରବରିଆ ଭାବେ ଆରମ୍ଭ କରିଥିବାରୁ କାମର କ୍ୱାଲିଟି ଠିକ ନହେବା ଯୋଗୁ ଅସରାଏ ବର୍ଷାରେ କେନାଲର ଅନେକ ସ୍ଥାନରେ ଘାଇ ସୃଷ୍ଟି ହେବା ସହ କଂକ୍ରିଟ ଲାଇନିଂ ଫାଟି ଯାଇଥିବା ଦେଖିବାକୁ ମିଳିଛି । ଏବିଷୟରେ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ଖୁରାଙ୍କୁ ପଚାରିବାରୁ ସେ କହିଥିଲେ ବର୍ଷା ପରେ ଠିକାଦାର ପୁଣି ଥରେ ଯେଉଁ ସ୍ଥାନ ଠାରେ ଭାଙ୍ଗିଯାଇଛି ତାକୁ ପୁନର୍ବାର କରିବା ପାଇଁ କୁହାଯାଇଥିବା ସେ କହିଥିଲେ । ହେଲେ ସବୁଠୁ ବଡ ପ୍ରଶ୍ନ ଏ ପର୍ଯ୍ୟନ୍ତ ଠିକାଦାର ଦଶ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବିଲ୍ ପାଇଥିବା ଜଣାପଡିଛି । କାମ ଅନେକ ବାକି ଥିବା ବେଳେ ଅଧିକାରୀଙ୍କ କଥାବାର୍ତ୍ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ନାଏକ ଏ ବିଷୟରେ ପଚାରିବାରୁ ସେ ଉତେଇ ପ୍ରକଳ୍ପର ମୁଖ୍ୟ କେନାଲର ବେଡ ଦଶ ମିଟର୍ ରହିଥିଲା, ତାକୁ ସାତ ମିଟର୍ କରିବା ପାଇଁ କୁଆଡେ କୁହାଯାଇଥିଲା । ଏଣୁ ଲୁଜ୍ ମାଟି ଯୋଗୁଁ ଲାଇନିଙ୍ଗ କାମରେ ଘାଇ ସୃଷ୍ଟି ହୋଇଥିବା ସେ କହିଥିଲେ । କଂକ୍ରିଟ ତିନି ଇଞ୍ଚ ରହିଛି ଓ ଠିକାଦାର ଫାଇନାଲ ବିଲ୍ ହୋଇନି କହିଥିବା ବେଳେ ଲାଇନିଙ୍ଗ ତିନି ଇଞ୍ଚ ହୋଇନି ତାହା ହେଲେ ଠିକାଦାର ପୁଣି ଥରେ କାର୍ଯ୍ୟ କରିବ ବୋଲି କହିଥିଲେ । ଅନ୍ୟ ପକ୍ଷରେ ଯଦି ମୁଖ୍ୟ କେନାଲର ବେଡ ଦଶ ମିଟର୍ ଥିଲା ତାହା ହେଲେ ତାକୁ ସାତ ମିଟର୍ କରିବା ପୂର୍ବରୁ ମାଟି କେନାଲର ଦି'ପଟେ କାହିଁକି ମୋରମ୍ ଦିଆଯାଇନଥିଲା ଏବଂ ବର୍ଷା ମାସରେ ତରବରିଆ ଭାବରେ କାହିଁକି କାମ କରାଯାଇଥିଲା ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଣୁ ରାଜ୍ୟ ଜଳସେଚନ ସଚିବ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଏହାର ନିରେପେକ୍ଷ ତଦନ୍ତ କଲେ ଅନେକ ତଥ୍ୟ ଲୋକଲୋଚନକୁ ଆସିବ ବୋଲି ବିଭିନ୍ନ ମହଲରୁ ଦାବି ହେଉଛି ।

### ସୀତା-ଶିବ ସ୍ମୃତି ନ୍ୟାସ ପକ୍ଷରୁ

## ଶିକ୍ଷା ଓ ସାହିତ୍ୟ ସାଧନା ସମ୍ମାନ ପ୍ରଦାନ ଉତ୍ସବ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
"ଶିକ୍ଷା ଓ ସାହିତ୍ୟ ହିଁ ମାନବ ଜୀବନର ମୂଳଭିତ୍ତି । ଏକ ଶକ୍ତିଶାଳୀ ସମାଜ ଗଠନର ସବୁଠାରୁ ବଡ଼ ଶକ୍ତି" ବୋଲି ସୋମବାର ସନ୍ଧ୍ୟାରେ ବୁଦ୍ଧ ମନ୍ଦିର ସଭାକକ୍ଷରେ ସୀତା-ଶିବ ସ୍ମୃତିନ୍ୟାସ ତରଫରୁ ସାଧନା ସମ୍ମାନ ପ୍ରଦାନ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ବର୍ଷୀୟସୀ ଲେଖିକା ଇନ୍ଦୁଲତା ମହାନ୍ତିଙ୍କୁ ସାହିତ୍ୟ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଏବଂ ପ୍ରାକ୍ତନ ପ୍ରଧାନ ଶିକ୍ଷକ କୋଦଣ୍ଡଧର ସାହୁଙ୍କୁ ଶିକ୍ଷାକ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ମାନପତ୍ର ସହ ଏକଲକ୍ଷ ଟଙ୍କା ଲେଖାଁଏ ସମ୍ମାନ ରାଶି ପ୍ରଦାନ କରାଯାଇଥିଲା ।

ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ଲେଖକ ପୀତବାସ ରାଉତରାୟ ପୂଜ୍ୟପୂଜା ପରମ୍ପରାରେ ପିତାମାତାଙ୍କୁ ସମ୍ମାନ ଦେବା ସନ୍ତାନର ପ୍ରଥମ କର୍ତ୍ତବ୍ୟ ବୋଲି କହିବା ସହ ସୀତା-ଶିବ-ସ୍ମୃତିନ୍ୟାସ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ବରିଷ୍ଠ ବ୍ୟକ୍ତିଙ୍କୁ ସମ୍ମାନ ପ୍ରଦାନ କରୁଥିବାରୁ ଏହି ଅନୁଷ୍ଠାନକୁ ଅଭିନନ୍ଦନ ଜଣାଇଥିଲେ । ଅନ୍ୟତମ ଅତିଥି ଶିକ୍ଷାବିତ୍ ସଂଯୁକ୍ତା ମହାନ୍ତି ଶିକ୍ଷା କ୍ଷେତ୍ରରେ ବର୍ତ୍ତମାନ ହେଉଥିବା ଅଧୋଗତି ପାଇଁ ଉଦ୍‌ବେଗ ପ୍ରକାଶ କରିଥିଲେ । ଶିଳ୍ପଦ୍ୟୋଗୀ ପଦ୍ମଲୋଚନ ମହାନ୍ତି, ସେମିଲିଗୁଡ଼ା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼. ଝାନ୍‌ସୀ ସିଂହ ଓ ବରିଷ୍ଠ କବୀ ବନଜ ଦେବୀ ଅତିଥି ଭାବେ ଯୋଗ ଦେଇ ଏହି ନ୍ୟାସର ଅଧ୍ୟକ୍ଷ କୃପାସାଗର ସାହୁଙ୍କ ପ୍ରେରଣାଦାୟୀ ଉଦ୍ୟମକୁ ପ୍ରଶଂସା କରିବା ସହ ତାଙ୍କର ଲେଖନୀ ଚାଳନା ସହ ସମାଜସେବାରେ ଅଗ୍ରଣୀ ଭୂମିକା ନେଉଥିବା ଯୋଗୁଁ ପ୍ରଶଂସା କରିଥିଲେ । ଏହି ଅବସରରେ ସ୍ୱନାମଧନ୍ୟ କଥାକାର ଓ ଔପନ୍ୟାସିକ କୃପାସାଗର ସାହୁଙ୍କ ଗଳ୍ପ ପୁସ୍ତକ "ଶ୍ରୀରାମ" ଉନ୍ମୋଚିତ ହୋଇଥିଲା ଯାହାକୁ ଗାଳ୍ପିକ ଶାନ୍ତନୁ ବେଜ ସମୀକ୍ଷା କରିଥିଲେ । ଏହି ଉତ୍ସବରେ ଅନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ଲେଖିକା କଳ୍ପଲତା ପାତ୍ର, ପ୍ରବୀଣା ମହାନ୍ତି, ଅନୁବାଦିକା କନକମଞ୍ଜରୀ ସାହୁ, ପ୍ରାବନ୍ଧିକା ଡ଼ ବାସନ୍ତୀ ମହାନ୍ତି, ପ୍ରିୟବ୍ରତ ପାତ୍ର, ମାଳତୀ ପଟେଲ, ବରିଷ୍ଠ ଲେଖକ ନୃସିଂହ ସାହୁ, ରାଧାମୋହନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ଗାଳ୍ପିକା ଆଭାଞ୍ଜଳୀ ଶତପଥୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଝକିରି ପାଇଁ ...

ଉତ୍ସବ ପାଳିତ ହୋଇଛି । ପ୍ରଥମ ଥର ଲାଗି ରେଭେନ୍ସା ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଯୋଗ ଦେବା ହେଉଛି ପ୍ରଥମ ଘଟଣା । ସମାବର୍ତ୍ତନ ଉତ୍ସବରେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ରେଭେନ୍ସା ହେଉଛି ଜାତୀୟ ମୁକ୍ତି ଆନ୍ଦୋଳନର ଏନ୍ତୁଡ଼ିଶାଳ ଏବଂ ଭାଷା ଆନ୍ଦୋଳନର ପ୍ରୟୋଗଶାଳା । କିନ୍ତୁ ବର୍ତ୍ତମାନର ବିଶ୍ୱ ହେଉଛି ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟାର ବିଶ୍ୱ । ତେଣୁ ରେଭେନ୍ସା ଟେକ୍ନୋଲୋଜିର ପ୍ରୟୋଗଶାଳା ହେଉ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ମତ ରଖିଛନ୍ତି । ଏଥର ସମାବର୍ତ୍ତନ ଉତ୍ସବରେ ମୋଟ ୩୨୯ ଜଣ ପ୍ରତିଭାଙ୍କୁ ବିଭିନ୍ନ ସମ୍ମାନ ପ୍ରଦାନ କରାଯାଇଛି । ଏହା ସହିତ ୪ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନ ସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରିଛନ୍ତି ରାଷ୍ଟ୍ରପତି । ସେମାନେ ହେଲେ ମହାକାଶ ଗବେଷକ ଡଃ ଅଜିତ କୁମାର ମହାନ୍ତି, ସାଂସଦ ଡଃ ଭର୍ତ୍ତୃହରି ମହତାବ, ପଦ୍ମଶ୍ରୀ ସାବରମତୀ ଏବଂ ଦୃଷ୍ଟିହୀନ ସାମାଜିକ କର୍ମୀ ଡଃ ବିଜୟ କୁମାର ରଥ । ଏହି ସମାବର୍ତ୍ତନ ଉତ୍ସବରେ କୁଳପତି ତଥା ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଅତିଥି ଭାବେ ଯୋଗ ଦେଇଥିଲେ ।

### ୟୁଜିସିର ଫ୍ୟାକ୍ଟଫାଇଣ୍ଡିଂ...

ଦିଲ୍ଲୀ ଏମ୍ସର ବିଶେଷଜ୍ଞ ଦଳ ସହିତ ବି ନିରନ୍ତର ଯୋଗାଯୋଗରେ ରହି ଚିକିତ୍ସା କରାଯାଉଥିଲା । ଡାକ୍ତରୀ ଟିମ୍‌ର ସମସ୍ତ ଚେଷ୍ଟା ସତ୍ତ୍ୱେ ସୋମବାର ରାତି ୧୧ଟା ୪୬ରେ ତାଙ୍କର ମୃତ୍ୟୁ ଘଟିଥିଲା ।

### ପଞ୍ଚଭୂତରେ ...

ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଓ ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ ପ୍ରମୁଖ ଶେଷକୃତ୍ୟରେ ସାମିଲ ହୋଇଥିଲେ । ପାର୍ଥିବ ଶରୀର ପହଞ୍ଚିବା ପରେ ଗାଁରେ ସଂକୀର୍ତ୍ତନ କରାଯାଇଥିଲା ।

ଏଥିପାଇଁ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ସୁନାଧରଭସାଣ ପଞ୍ଚାୟତର ପଳାସିଆରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି । ଗାଁରେ ଶୋକାକୁଳ ପରିସ୍ଥିତ ଦେଖିବାକୁ ମିଳିଛି ।

### ସୌମ୍ୟାଶ୍ରୀଙ୍କ...

ମୃତ୍ୟୁ ଘଟଣା ସରକାରଙ୍କୁ ବ୍ୟଥିତ କରିଛି । ଏହି ଘଟଣା ପଛରେ ଯେତେ ବଡ ଲୋକ ସଂପୃକ୍ତ ଥାଆନ୍ତୁ ନା କାହିଁକି ତାହାର ଉପଯୁକ୍ତ ତଦନ୍ତ କରାଯାଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସରକାର ଏଥିରେ କୌଣସି ପ୍ରକାର କୋହଳ ମନୋବୃତ୍ତି ଅବଲମ୍ବନ କରିବେ ନାହିଁ । କେଉଁ ପରିସ୍ଥିତି ପାଇଁ ଏପରି ଘଟଣା ଘଟିଲା ଏବଂ ପୀଡିତା ଛାତ୍ରୀଙ୍କୁ ଆତ୍ମଦାହ କରିବା ପାଇଁ କେଉଁମାନେ ଉସୁକାଇଥିଲେ ଏବଂ କେଉଁମାନେ ମାନସିକ ଯନ୍ତ୍ରଣା ଦେଇଥିଲେ ତାହାର ତଦନ୍ତ କରାଯାଉଛି । ପୀଡିତାଙ୍କ ମା'ଙ୍କ ବୟାନ ଆଧାରରେ ତଦନ୍ତ ପରିସରକୁ ଆହୁରି ବ୍ୟାପକ କରାଯିବ କାରଣ ଏଥିରେ କେବଳ ପ୍ରଫେସର ବା ଅଧ୍ୟାପକ ନୁହଁନ୍ତି ଆହୁରି ଅନେକ ସମ୍ପୃକ୍ତ ଥିବା କାରଣରୁ ସେମାନଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ । ପୂର୍ବରୁ ଲାଗିଥିବା ଦଫା ମଧ୍ୟ ପରିବର୍ତ୍ତନ କରାଯିବ । ମୁଖ୍ୟମନ୍ତ୍ରୀଙ୍କ ସହ ଏହା ଉପରେ ଆଲୋଚନା ପରେ କାର୍ଯ୍ୟାନୁଷ୍ଠାନ ବିଷୟରେ ଘୋଷଣା କରାଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି । ଅନୁରୂପ ଭାବେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ଏହି ଘଟଣା ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ମଙ୍ଗଳବାର ରାତିରେ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ଦୀର୍ଘ ସମୟ ପର୍ଯ୍ୟନ୍ତ ଚାଲିଥିଲେ ମଧ୍ୟ ନିଷ୍ପତ୍ତି ସମ୍ପର୍କରେ କିଛି ସୂଚନା ଦିଆଯାଇନାହିଁ ।

## ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି



**ବରଗଡ, ନ୍ୟୁଜ ବ୍ୟୁରୋ**
ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଏକ ହତ୍ୟା ପର୍ଯ୍ୟାୟ ଜଘନ୍ୟ ଘଟଣା ଏବଂ ହାଇକୋର୍ଟର ଜଣେ ସିଟିଂ ଜର୍ଜଙ୍କ ଦ୍ୱାରା ବିଚାର ବିଭାଗୀୟ ତଦନ୍ତ କରାଯିବାକୁ ବରଗଡ଼ ମହିଳା ସମିତି ସରକାରଙ୍କ ଠାରେ ଦାବି ଜଣାଇଛି । ମଙ୍ଗଳବାର ସମିତିର ବରିଷ୍ଠ ସଦସ୍ୟା ଗୀତା ମିଶ୍ରଙ୍କ ସଭାପତିତ୍ୱ ଏବଂ ସମ୍ପାଦିକା ଶୁଧାଂଶୁବାଳା ଦାଶଙ୍କ ପରିଚାଳନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସୌମ୍ୟାଶ୍ରୀ ବିଶି ଏବଂ ସାମ୍ବାଦିକା ସୀମନ୍ତିକା ନନ୍ଦଙ୍କ ବିୟୋଗରେ ସଭାରେ ଶୋକବ୍ୟକ୍ତ କରାଯାଇଥିଲା । ଶୋକ ପ୍ରସ୍ତାବରେ କୁହାଯାଇଛି ଯେ, ଆମେ ସବୁ ବେଳେ ନାରୀର ସୁରକ୍ଷା ପ୍ରଶ୍ନ ଉଠାଉ । କିନ୍ତୁ ଝିଅମାନେ ଶିକ୍ଷାନୁଷ୍ଠାନରେ ମଧ୍ୟ ସୁରକ୍ଷିତ ନାହାନ୍ତି, ଏହି ଘଟଣା ପ୍ରମାଣିତ କରିଛି । ଏହା ସାଙ୍ଗକୁ ସୌମ୍ୟାଶ୍ରୀଙ୍କ ପରିବାର ବର୍ଗଙ୍କୁ ସମିତି ପକ୍ଷରୁ ଗଭୀର ସମବେଦନା ଜ୍ଞାପନ କରାଯାଇଛି ।

## ସୌମ୍ୟାଶ୍ରୀ ମୃତ୍ୟୁ ମାମଲା: ୨ କୋଟିର ସହାୟତା ରାଶି ଦାବି କଲା ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ପରେ ସାରା ରାଜ୍ୟର ରାଜନୀତି ସରଗରମ ହୋଇ ଉଠିଛି । ଏହାକୁ ନେଇ ରାଜ୍ୟର ମୁଖ୍ୟ ବିରୋଧୀ ଦଳ ବିଜେଡି ଏକ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ବିଜେଡି ବିଧାୟକ ବ୍ୟୋମକେଶ ରାୟ କହିଛନ୍ତି ଯେ, ମଙ୍ଗଳବାର ଓଡ଼ିଶା ସ୍ତବ୍ଧ । ଫକୀରମୋହନ କଲେଜର ଜଣେ ଛାତ୍ରୀ ସମସ୍ତଙ୍କୁ ନିବେଦନ କରିବା ପରେ ମଧ୍ୟ ନ୍ୟାୟ ପାଇଲେ ନାହିଁ । ଓଡ଼ିଶାରେ ଅରାଜକତା ଚାଲିଛି । ମୁଖ୍ୟମନ୍ତ୍ରୀ ସମ୍ବଲପୁର ଯାଇ ଜନ ଶୁଣାଣି କରୁଥିବା ବେଳେ ଜଣେ ଝିଅ ବାରମ୍ବାର ଗୁହାରି କରିବା ପରେ ବି ତାଙ୍କ ଅସୁବିଧାକୁ କର୍ଣ୍ଣପାତ କଲେ ନାହିଁ । ସୋମବାର ରାତି ଅଧରେ ମୃତ ସୌମ୍ୟାଶ୍ରୀଙ୍କ ଶବକୁ ପୁଲିସ ଲୁଚେଇ ନେଇଯିବାକୁ ବସିଥିଲା । ତାଙ୍କ ବାପାଙ୍କ ଅନିଚ୍ଛା ସତ୍ତ୍ୱେ ପୁରୀରେ ନେଇ ତାଙ୍କର ଶେଷକୃତ୍ୟ କରି ଦେବାକୁ ବସିଥିଲେ । ଆମେ ବିରୋଧ କରିବାରୁ ତାଙ୍କ ବାପାଙ୍କ କଥା ଅନୁଯାୟୀ ଶବକୁ ଗାଁକୁ ନିଆଗଲା । କିନ୍ତୁ ଆମର ଯେଉଁ ପିଲା ବିରୋଧ କରୁଥିଲେ ତାଙ୍କୁ ଗିରଫ କରାଯାଇଛି । ଯାହାକୁ ନେଇ ସାରା ଓଡ଼ିଶାରେ ବିଜେଡି ବିକ୍ଷୋଭ କରିବ । ସବୁ କଲେଜ ଓ ବିଶ୍ୱ ବିଦ୍ୟାଳୟରେ ବିଜୁ ଯୁବ ଛାତ୍ର ଜନତା ଦଳ ଆନ୍ଦୋଳନ କରିବ । ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ ଓ କେନ୍ଦ୍ର ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ବିଜେଡି । ସେହିଭଳି ବିଜେଡ଼ି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ସୌମ୍ୟାଶ୍ରୀ ପରିବାରକୁ ୨ କୋଟି ଟଙ୍କାର ଆର୍ଥିକ ସହାୟତା ଦିଆଯାଉ ବୋଲି ସେ ଦାବି କରିଛନ୍ତି ଏବଂ ସେ ଝିଅ କୁ କେଉଁ ଏବିଭିପିର ପିଲା ପେଟ୍ରୋଲ ଦେଲେ ତା'ର ତଦନ୍ତ ହେଉ । ଏହାକୁ ନେଇ ରାଜ୍ୟର ସମସ୍ତ କଲେଜ ଓ ବିଶ୍ୱ ବିଦ୍ୟାଳୟରେ ଦୁର୍ବାର ଆନ୍ଦୋଳନର ଡାକରା ଦେଇଛି ବିଜୁ ଯୁବ ଓ ଛାତ୍ର ଜନତା ଦଳ । ସେପଟେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ହତ୍ୟା ନା ଆତ୍ମହତ୍ୟା ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିଜେଡ଼ି ଛାତ୍ର ସଂଗଠନର ନେତ୍ରୀ ଇପ୍‌ସିତା ସାହୁ । ସେ କହିଛନ୍ତି, ଯେଉଁଠି ସୌମ୍ୟାଶ୍ରୀ ଆତ୍ମହତ୍ୟା ଉଦ୍ୟମ କରିଥିଲେ ସେଠି ଅନ୍ୟ ସାଇଡ଼ରେ ଦୁଇଟି ସିସିଟିଭି ରହିଛି । ସେ ସିସିଟିଭିର ଭିଜୁଆଲ କୁଆଡ଼େ ଗଲା । ତାହା ବଡ଼ ପ୍ରଶ୍ନ । ସୌମ୍ୟାଶ୍ରୀ ଅଭିଯୋଗ କରିବା ପରେ ମଧ୍ୟ ସେହି ବିଭାଗୀୟ ମୁଖ୍ୟ ତଥା ମୁଖ୍ୟ ଅଭିଯୁକ୍ତଙ୍କୁ ଆଣି ଏବିଭିପି ସମ୍ମାନିତ କରୁଛି । ଏଥିରୁ ସ୍ପଷ୍ଟ ସୌମ୍ୟାଶ୍ରୀ ଆତ୍ମହତ୍ୟା ପଛରେ ଏବିଭିପିର କୁଚକ୍ରୀ ଗୋଷ୍ଠୀ ସାମିଲ ଥିବା ଇପ୍‌ସିତା ଅଭିଯୋଗ କରିଛନ୍ତି । ତାହା ତଦନ୍ତ ପରିସର ଭୁକ୍ତ ହେବା ଦରକାର ।

**ପୂର୍ବ ତଟ ରେଳପଥ**

**ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ**

ନିଲାମ କ୍ୟାଟାଲଗ୍ ନଂ.: SDCM-KUR-PKNG

**ଷ୍ଟେସନ ଏବଂ ସ୍ଥାନ :** (1) ଯାଜପୁର କେନ୍ଦୁଝର ରୋଡ୍-2 ଚକିଆ (ପ୍ଲାଟଫର୍ମ - 1 ନିକଟରେ), (2) କାଲୁପଡ଼ାଘାଟ-2 ଚକିଆ (ପ୍ଲାଟଫର୍ମ - 1 ପାର୍ଶ୍ୱସ୍ଥ OH ପାଣି ଟାଙ୍କି ନିକଟରେ) ।

**ନିଲାମ ଆରମ୍ଭ ହେବା ତାରିଖ ଓ ସମୟ :** 24.07.2025, 1100 ଘଟିକା (ଉଭୟ କ୍ରମ ସଂ. ପାଇଁ), **ନିଲାମ ବନ୍ଦ ହେବା ତାରିଖ ଓ ସମୟ :** 24.07.2025, 1130 ଘଟିକା (କ୍ରମ ସଂ. 1 ପାଇଁ) ଏବଂ 1140 ଘଟିକା (କ୍ରମ ସଂ. 2 ପାଇଁ) ।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ www.ireps.gov.inର ଆଗାମୀ ଇ-ଅକ୍ସନ ରିଲିଜ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍

PR-354/Q/25-26

## ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମାଡ଼ ଘଟଣା : ୫ ଅଭିଯୁକ୍ତଙ୍କୁ ମିଳିଲା ଜାମିନ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ବିଏମ୍‌ସି ଅତିରିକ୍ତ କମିଶନ ରତ୍ନାକର ସାହୁଙ୍କୁ ମାଡ଼ ଘଟଣା । ଗିରଫ ୫ ଅଭିଯୁକ୍ତଙ୍କୁ ଜାମିନ୍ ପ୍ରଦାନ କଲେ ଖୋର୍ଦ୍ଧା ଜିଲ୍ଲା ଦୌରାଜଜ୍ । ୨୯ ନଂ ୱାର୍ଡ କର୍ପୋରେଟର ଅପରୂପ ନାରାୟଣ ରାଉତ (ଜୀବନ), ରଶ୍ମି ରଞ୍ଜନ ମହାପାତ୍ର, ଦେବାଶିଷ ପ୍ରଧାନ, ସଚିକାନ୍ତ ସ୍ୱାଇଁ ଓ ସଞ୍ଜୀବ ମିଶ୍ରଙ୍କୁ ଜାମିନ୍ ମିଳିଛି । ପୂର୍ବରୁ ମଧ୍ୟ ୯ ତାରିଖରେ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ସମାନ ମାମଲାରେ ଜାମିନ୍ ମିଳିସାରିଛି । ସୂଚନା ଅନୁଯାୟୀ, ଗତ ଜୁନ୍ ୩୦ ତାରିଖରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ବିଏମସି ଅଫିସ ଭିତରେ ମରଣାନ୍ତକ ଆକ୍ରମଣ ହୋଇଥିଲା । ତାଙ୍କୁ ଅଭିଯୋଗ ପ୍ରକୋଷ୍ଠରୁ ଘୋଷାଡ଼ି ବିଧା, ଗୋଇଠା ମାଡ଼ ମାରିବା ସହ ଅପହରଣ ଉଦ୍ୟମ ହୋଇଥିଲା । ଘଟଣାରେ ବିଜେପି ନେତା ଜଗନ୍ନାଥ ପ୍ରଧାନ ହିଁ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଥିବା ନେଇ ଆରମ୍ଭରୁ ଅଭିଯୋଗ ଉଠିଥିଲା । ଏହାକୁ ନେଇ ବିଜେଡି ଧାରଣାରେ ବସିଥିଲା । ପୁଲିସ ଏହି ମାମଲାରେ ବିଜେପି କର୍ପୋରେଟର ଜୀବନ ରାଉତଙ୍କ ସମେତ ୫ ଜଣଙ୍କୁ ଗିରଫ କରିଥିଲେ । ପରେ ସମାନ ମାମଲାରେ ଜଗନ୍ନାଥ ପ୍ରଧାନଙ୍କୁ ଗିରଫ ପରେ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା । ଜୁଲାଇ ୯ ତାରିଖରେ ଖୋର୍ଦ୍ଧା ଜିଲ୍ଲା ଓ ଦୌରାଜଜଙ୍କ କୋର୍ଟରେ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ଜାମିନ ଶୁଣାଣି ହୋଇଥିଲା । ତାଙ୍କୁ ସର୍ତ୍ତମୂଳକ ଜାମିନ୍ ପ୍ରଦାନ କରିଥିଲେ କୋର୍ଟ । ଜଣେ ଜାମିନ୍‌ଦାର ଓ ୩୦ ହଜାର ଟଙ୍କା ବଦଳରେ ବେଲ୍ ମିଳିଥିଲା ।

ଉତ୍କଳ ଓଡ଼ିଶା
ଭୁବନେଶ୍ୱର
୧୬ ଜୁଲାଇ,
ବୁଧବାର,୨୦୨୫
RNI Regd. No. : 52640/94
Postal Regd. No. :
BN/60/25-27

# କଳିଙ୍ଗ ରତ୍ନ ପୁରସ୍କାର-୨୦୨୪ ପ୍ରଦାନ କଲେ ରାଷ୍ଟ୍ରପତି

କଟକ, ୧୫/୭ ନ୍ୟୁଜ ବ୍ୟୁରୋ
ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ଆଦିକବି ସାରଳା ଦାସଙ୍କ ଜୟନ୍ତୀ ସମାରୋହରେ ଅତିଥି ଭାବେ ଯୋଗଦାନ କରିବା ଅବସରରେ ସେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଳିଙ୍ଗ ରତ୍ନ ପୁରସ୍କାର-୨୦୨୪ରେ ସମ୍ମାନିତ କରିଛନ୍ତି । ରାଷ୍ଟ୍ରପତି ଆଦିକବି ସାରଳା ଦାସଙ୍କ ପ୍ରତି ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସେ କହିଛନ୍ତି, ଆଦିକବି ସାରଳା ଦାସ ମହାଭାରତ ରଚନା କରି ଭାରତୀୟ ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ଏହି ମହାନ କବିଙ୍କ ଜନ୍ମବାର୍ଷିକୀ ପାଳନ ଏବଂ ବିଭିନ୍ନ ସାହିତ୍ୟିକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସେ 'ସାରଳା ସାହିତ୍ୟ ସଂସଦ'କୁ ପ୍ରଶଂସା କରିଛନ୍ତି । କଳିଙ୍ଗ ରତ୍ନ ପୁରସ୍କାର ପାଇଥିବା




ଧର୍ମେନ୍ଦ୍ର ପ୍ରଧାନଙ୍କୁ ରାଷ୍ଟ୍ରପତି ଅଭିନନ୍ଦନ ଜଣାଇଛନ୍ତି । ସେ ମଧ୍ୟ 'ସାରଳା ସମ୍ମାନ' ସାହିତ୍ୟ ପୁରସ୍କାର ପାଇଥିବା ବିଜୟ ନାୟକଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଆମର ବିବିଧତା ଏକ ଇନ୍ଦ୍ରଧନୁ ପରି । ଆମର ଏକତା ଯୁଗ ଯୁଗ ଧରି ବହୁତ ସୁଦୃଢ଼ ରହିଛି । ଆମର ଅନେକ ଭାଷା ଅଛି, କିନ୍ତୁ ଭାବନା ଗୋଟିଏ । ଏତେ ସଂଖ୍ୟକ ଭାଷା ଏବଂ ଧର୍ମକୁ ନେଇ ଭାରତ ଯେପରି ଭାବେ ଏକଜୁଟ ଏବଂ ସଦ୍ଭାବନାର ସହ ରହିଆସିଛି ତାହା ଦେଖି ବିଶ୍ୱ ଚକିତ ହୋଇଥାଏ । ରାଷ୍ଟ୍ରପତି କହିଛନ୍ତି, ଭାରତୀୟ ଶିକ୍ଷା ପରମ୍ପରାକୁ ସମୃଦ୍ଧ କରିବାରେ ଭାରତୀୟ ଭାଷାଗୁଡ଼ିକର ବ୍ୟାପକ ଅବଦାନ ରହିଛି । ଜାତୀୟ ଶିକ୍ଷା ନୀତି ୨୦୨୦ରେ ମାତୃଭାଷାରେ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯିବା ଖୁସିର ବିଷୟ । ମାତୃଭାଷାରେ ଶିକ୍ଷା ପିଲାମାନଙ୍କୁ ସେମାନଙ୍କର ସଂସ୍କୃତି ଏବଂ ପରମ୍ପରା ସହିତ ଯୋଡ଼ିବାରେ ସହାୟକ ହେବ । ନିଜ ମାତୃଭାଷା ବ୍ୟତୀତ ଅନ୍ୟ ଭାଷା ମଧ୍ୟ ଶିଖିବା ଉଚିତ ବୋଲି ସେ ମତବ୍ୟକ୍ତ କରିଛନ୍ତି ।





କଟକ : ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବା ଅବସରରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଭେଟିବା ସହ ସମ୍ମାନିତ କରୁଛନ୍ତି । (ଫଟୋ : ସମ୍ବାଦ କଳିକା)

# ମୋଦୀଙ୍କୁ ବାଂଲାଦେଶର ୧୦୦ କିଲୋ ଆମ୍ବ ଉପହାର



ନୂଆଦିଲ୍ଲୀ, ୧୫/୦୭
ବାଂଲାଦେଶର ଅନ୍ତରୀଣ ସରକାରର ପ୍ରମୁଖ ପ୍ରଫେସର ମହମ୍ମଦ ୟୁନୁସ ହରିଭଙ୍ଗା କିସମର ୧ କ୍ୱିଣ୍ଟାଲ ଆମ୍ବ ଭାରତ ପଠାଇଛନ୍ତି । ଏହାକୁ ପ୍ରଧାନମନ୍ତ୍ରୀ ମୋଦୀ, ଭାରତର ରାଜନୈତିକ ନେତା ଓ ଅନ୍ୟ ଅଧିକାରୀମାନଙ୍କୁ ଉପହାର ଭାବେ ପ୍ରଦାନ କରାଯିବ । ଭାରତ ସହ ସମ୍ପର୍କକୁ ମଜଭୁତ କରିବାର ପ୍ରୟାସରେ ବାଂଲାଦେଶ ଏହି ଆମ୍ବ କୂଟନୀତି ଆପଣେଇଛି । ୟୁନୁସ ସରକାର କେବଳ ଭାରତ ସରକାରଙ୍କୁ ନୁହେଁ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ ସାହାଙ୍କୁ ମଧ୍ୟ ହରିଭଙ୍ଗା ଆମ୍ବ ପଠାଇଛନ୍ତି । ବାଂଲାଦେଶର ହରିଭଙ୍ଗାକୁ ସବୁଠୁ ଭଲ ଗୁଣବତ୍ତାସମ୍ପନ୍ନ ଆମ୍ବ ଭାବେ ବିବେଚନା କରାଯାଏ । ଭାରତରେ ଏହାକୁ ଖୁବ୍ ପସନ୍ଦ କରାଯାଏ । ବାଂଲାଦେଶୀ ଗଣମାଧ୍ୟମର ରିପୋର୍ଟ ଅନୁସାରେ, ବାଂଲାଦେଶ ଉଦ୍ୟାନ ଉଦ୍ୟୋଗର ଜଣେ ଅଧିକାରୀ କହିଛନ୍ତି, ଏହି ଆମ୍ବକୁ ସଦ୍ଭାବନାର ପ୍ରତୀକ ରୂପେ ଭାରତକୁ ପଠାଯାଇଛି । ଏହା ନୂଆଦିଲ୍ଲୀରେ ପହଞ୍ଚିଥିବା ସେ ସ୍ପଷ୍ଟ କରିଛନ୍ତି । ବାଂଲାଦେଶରୁ ଭାରତକୁ ଆମ୍ବ ପଠାଇବା ପରମ୍ପରା ନୂଆ ନୁହେଁ । ପୂର୍ବ ସରକାର ମଧ୍ୟ ଭାରତକୁ ଆମ୍ବ ପଠାଇଛନ୍ତି । ଏହି ପ୍ରୟାସକୁ ସ୍ୱତନ୍ତ୍ର ମନେକରାଯିବାର କାରଣ ଗତ ବର୍ଷ ବାଂଲାଦେଶରେ ବିଦ୍ୟାର୍ଥୀଙ୍କ ନେତୃତ୍ୱରେ ହୋଇଥିବା ବଡ଼ ପ୍ରଦର୍ଶନ ପରେ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଗାଦିଚ୍ୟୁତ ହେବାକୁ ପଡ଼ିଥିଲା । ଏହା ପରେ ଭାରତ ଓ ବାଂଲାଦେଶ ସମ୍ପର୍କରେ ଟିକିଏ ଦୂରତା ଆସିଥିଲା । କାରଣ ହସିନାଙ୍କୁ ଭାରତର ଘନିଷ୍ଠ ବନ୍ଧୁ ବୋଲି କୁହାଯାଉଥିଲା ।

# ୫ ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି ନିଯୁକ୍ତ : ବଦଳିଲେ ୪ ହାଇକୋର୍ଟର ମୁଖ୍ୟ ବିଚାରପତି

ନୂଆଦିଲ୍ଲୀ, ୧୫/୦୭
କେନ୍ଦ୍ର ସରକାର ୫ ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି ନିଯୁକ୍ତ କରିଛନ୍ତି । ଏଥିସହ ୪ଟି ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଅନ୍ୟତ୍ର ବଦଳି କରାଯାଇଛି । ମଧ୍ୟପ୍ରଦେଶ ହାଇକୋର୍ଟର ବିଚାରପତି ଜଷ୍ଟିସ ସଞ୍ଜୀବ ସଚ୍‌ଦେବାଙ୍କୁ ସେହି ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତ କରାଯାଇଛି । ଦିଲ୍ଲୀ ହାଇକୋର୍ଟର ବିଚାରପତି ବିଭୁ ବଖରୁଙ୍କୁ କର୍ଣ୍ଣାଟକ ହାଇକୋର୍ଟର ମୁଖ୍ୟ ବିଚାରପତି କରାଯାଇଛି । ପାଟନା ହାଇକୋର୍ଟର ବିଚାରପତି ଆଶୁତୋଷ କୁମାର



ଗୌହାଟୀ ହାଇକୋର୍ଟର ମୁଖ୍ୟ ବିଚାରପତି ହୋଇଛନ୍ତି । ପାଟନା ହାଇକୋର୍ଟର ବିଚାରପତି ବିପୁଲ ମନୁଭାଇ ପଞ୍ଚୋଲି ସେହି ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତ ହୋଇଛନ୍ତି । ହିମାଚଳ ପ୍ରଦେଶ ହାଇକୋର୍ଟର ବିଚାରପତି ତାରଲୋକ ସିଂହ ଚୌହାନଙ୍କୁ ଝାଡଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତ କରାଯାଇଛି । ସେହିଭଳି ୪ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ନେଇ କେନ୍ଦ୍ର ସରକାର ବିଜ୍ଞପ୍ତି ଜାରି କରିଛନ୍ତି । ରାଜସ୍ଥାନ ହାଇକୋର୍ଟର ମୁଖ୍ୟ ବିଚାରପତି ମନିନ୍ଦ୍ର ମୋହନ ଶ୍ରୀବାସ୍ତବ ମାଡ୍ରାସ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ବଦଳି ହୋଇଛନ୍ତି । ତ୍ରିପୁରା ହାଇକୋର୍ଟର ମୁଖ୍ୟ ବିଚାରପତି ଅପରେଶ କୁମାର ସିଂହଙ୍କ ତେଲଙ୍ଗାନା ହାଇକୋର୍ଟକୁ ବଦଳି ହୋଇଛି । ଝାଡଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ଏମ୍.ଏସ ରାମଚନ୍ଦ୍ରରାଓଙ୍କୁ ତ୍ରିପୁରା ଓ ମାଡ୍ରାସ ହାଇକୋର୍ଟର ମୁଖ୍ୟ ବିଚାରପତି କେ.ଆର ଶ୍ରୀରାମଙ୍କୁ ରାଜସ୍ଥାନ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ବଦଳି କରାଯାଇଛି ।

# ପୁରୀ ମହାନଗର ନିଗମରେ ମିଶିବ ୮ ପଞ୍ଚାୟତର ୪୪ ଗାଁ

ପୁରୀ,୧୫/୦୭ ନ୍ୟୁଜ ବ୍ୟୁରୋ
ପୁରୀ ମହାନଗର ନିଗମ ହେବା ନେଇ ପ୍ରକ୍ରିୟା ଆରମ୍ଭ ହୋଇସାରିଛି । ପୁରୀ ସହରକୁ ଲାଗିଥିବା ୮ ପଞ୍ଚାୟତର ୪୪ଟି ଗାଁର ନାମକୁ ପୁରୀ ପୌରସଂସ୍ଥା ପ୍ରସ୍ତାବରେ ଯୋଡ଼ି ସରକାରଙ୍କୁ ପଠାଇଛି । ଏନେଇ ନଗର ଉନ୍ନୟନ ବିଭାଗ ପ୍ରସ୍ତାବ ପାଇବା ପରେ ମହାନଗର ନିଗମ କରିବା ନିମନ୍ତେ ଆବଶ୍ୟକ ପଡୁଥିବା ଭିତ୍ତିଭୂମି ନିର୍ମାଣ ନିମନ୍ତେ ପଦକ୍ଷେପ ନେଇଛି । ବୀରହରେକୃଷ୍ଣପୁର, ବାଲିଗୁଆଳି, ଗୋପୀନାଥପୁର, ସମଙ୍ଗ, ଶାସନ ଦାମୋଦରପୁର, ଗୋପାଳପୁର, ବାଲୁଖଣ୍ଡ, କାଶିହରିପୁର, ଗୋରୁଆଳ ପଞ୍ଚାୟତ ପୁରୀ ପୌରାଞ୍ଚଳ ସହ ମିଶିବାକୁ ପ୍ରସ୍ତାବରେ ସ୍ଥିର ହୋଇଛି ।



ପୁରୀ ପୌରକୁ ମହାନଗର ନିଗମ କରିବା ପ୍ରକ୍ରିୟା ଆରମ୍ଭ ହୋଇଥିବା ନେଇ ପୁରୀ ବିଧାୟକ ସୁନୀଲ ମହାନ୍ତି ତାଙ୍କ ସୋସିଆଲ ମିଡ଼ିଆ ଆକାଉଣ୍ଟରେ ସୂଚନା ଦେଇଛନ୍ତି । ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଶ୍ରୀ ମହାନ୍ତି କହିଛନ୍ତି ଯେ, ଗତ ବିଧାନସଭା ଅଧିବେଶନରେ ପୁରୀକୁ ମହାନଗର ନିଗମରେ ପରିଣତ କରିବା ପାଇଁ ସେ ଦାବି କରିଥିଲେ । ନିକଟରେ ରାଜ୍ୟ ସରକାର ଏହାକୁ ଘୋଷଣା କରିବା ପରେ ଏହି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ବିଧାନସଭାର ସ୍ୱତନ୍ତ୍ର କକ୍ଷରେ ନଗର ଉନ୍ନୟନ ବିଭାଗ ସହ ଜଡ଼ିତ ବିଧାନସଭା କମିଟିର ଅଧ୍ୟକ୍ଷ, ସଦସ୍ୟଗଣ, ନଗର ଉନ୍ନୟନ ବିଭାଗର ସଚିବ, ସ୍ୱତନ୍ତ୍ର ସଚିବ, ଓଡ଼ିଶା ପୌରପାଳିକା ପ୍ରଶାସନିକ ନିର୍ଦ୍ଦେଶକ ଓ କଟକ ମହାନଗର ନିଗମ ଆୟୁକ୍ତ, ବିଡିଏ ଉପାଧ୍ୟକ୍ଷ ଏବଂ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏନେଇ ପୁରୀ ପୌରସଂସ୍ଥା କାର୍ଯ୍ୟ ନିର୍ବାହୀ ଅଧିକାରୀ କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶ ମୁତାବକ ମହାନଗର ନିଗମ ନିମନ୍ତେ ଆବଶ୍ୟକ ସମସ୍ତ ତଥ୍ୟ ଦିଆଯାଉଛି । ଆଗକୁ ମଧ୍ୟ ଆଦେଶ ଯାହା ଆସିବ କରାଯିବ । ଖୁବ୍‌ଶୀଘ୍ର ପ୍ରସ୍ତାବିତ ଅଞ୍ଚଳର ଅନୁଧ୍ୟାନ କରାଯିବ ।
ପୁରୀ ମହାନଗର ପ୍ରସ୍ତାବ କାର୍ଯ୍ୟକାରୀ ନିମନ୍ତେ ଅତିକମ୍‌ରେ ୩ ଲକ୍ଷରୁ ଅଧିକ ଜନସଂଖ୍ୟା ଆବଶ୍ୟକ । ଏବେ ପୁରୀ ପୌରାଞ୍ଚଳରେ ପ୍ରାୟ ଅଢ଼େଇ ଲକ୍ଷରୁ ଅଧିକ ଲୋକ ବସବାସ କରୁଛନ୍ତି । ତେଣୁ ସଦର ଓ ବ୍ରହ୍ମଗିରିର ୮ ପଞ୍ଚାୟତ ଅନ୍ତର୍ଗତ ୪୪ ଗାଁ ପୁରୀ ସହରରେ ମିଶିବା ପରେ ଏହାର ଜନସଂଖ୍ୟା ମହାନଗର ନିଗମ ମାନଦଣ୍ଡ ସହ ସମତୁଲ ହୋଇପାରିବ । ସିପସରୁବାଲି ଅଞ୍ଚଳକୁ ନେଇ ଶାମୁକା ପ୍ରକଳ୍ପ ଓ ବିମାନବନ୍ଦର ପ୍ରକଳ୍ପ କରିବାକୁ ସରକାର ଲକ୍ଷ୍ୟ ରଖିଥିବାରୁ ଏହାକୁ ମଧ୍ୟ ମହାନଗର ନିଗମ ଅଞ୍ଚଳ ପରିସରଭୁକ୍ତ କରାଯାଇଛି ।
ପ୍ରସ୍ତାବିତ ଗ୍ରାମାଞ୍ଚଳଗୁଡ଼ିକ ସଦର ଥାନା, ତାଳବଣିଆ ଥାନା ପରିସରରେ ବିଶେଷ ଭାବେ ଯାଉଛି । ବୀରହରେକୃଷ୍ଣପୁର ପଞ୍ଚାୟତର ହରେକୃଷ୍ଣପୁର, ବାଟଗାଁ, ଜଗନ୍ନାଥ ବଲ୍ଲଭ, ପୁରୁଷୋତ୍ତମ ବଲ୍ଲଭ, ରାହାଙ୍ଗିଆ, ରେଣୁଅ, ଉତ୍ତରସରପଡ଼ା ପର୍ଯ୍ୟନ୍ତ ସହର ବ୍ୟାପିବ । ସେହିପରି ସମଙ୍ଗର କାଶୀଜଗନ୍ନାଥପୁର, ଖରିପଡ଼ା, ରେବତିରମଣ, ସମଙ୍ଗ, ସିରେଇକୋଣା, ଶଙ୍କରପୁର ପର୍ଯ୍ୟନ୍ତ ଅପରପାର୍ଶ୍ୱର୍ ସୀମା ବଢ଼ିବ ବୋଲି ପ୍ରାଥମିକ ସୂଚନାରୁ ଜଣାପଡ଼ିଛି ।

# ବାଲେଶ୍ୱର ଛାତ୍ରୀଙ୍କ ମୃତ୍ୟୁ ଘଟଣା : ଶୋକ ପ୍ରକାଶ କଲେ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ

ଭୁବନେଶ୍ୱର, ୧୫/୭
ନ୍ୟୁଜ ବ୍ୟୁରୋ
ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୀଡ଼ିତା ଛାତ୍ରୀଙ୍କ ମୃତ୍ୟୁ ଖବର ଶୁଣି ଗଭୀର ଶୋକ ପ୍ରକାଶ କରିଛନ୍ତି ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା । ଏହି ଦୁଃଖ ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପୀଡ଼ିତାଙ୍କ ପରିବାରକୁ ଅସୀମ ଧୈର୍ଯ୍ୟ ଓ ଶକ୍ତି ପ୍ରଦାନ କରନ୍ତୁ ବୋଲି ସେ କାମନା କରିଛନ୍ତି । ରାଜ୍ୟ ସରକାର ପୀଡ଼ିତାଙ୍କ ପରିବାର ସହ ସର୍ବଦା ଛିଡ଼ା ହୋଇଛନ୍ତି । ଏହି ଘଟଣାରେ ସଂପୃକ୍ତ ସମସ୍ତ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି ବୈଜୟନ୍ତ ।

DSPL-171

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଡେଙ୍ଗୁ ନିରାକରଣ ସଚେତନତା ମାସ
ଜୁଲାଇ ୨୦୨୫

ମୌସୁମୀ ବର୍ଷା ଆରମ୍ଭ ହେବା ପରେ ମଶା ବଂଶ ବୃଦ୍ଧି ପାଇବା ଏବଂ ଡେଙ୍ଗୁ ରୋଗ ବ୍ୟାପିବାର ଆଶଙ୍କା ଅଧିକ ଅଛି । ଡେଙ୍ଗୁ ଏକ ଋତୁକାଳୀନ ଭୁତାଣୁ ଜନିତ ରୋଗ । ଏଡ଼ିସ୍ ମଶା କାମୁଡିବା ଦ୍ୱାରା ଏହି ରୋଗ ସଂକ୍ରମିତ ହୋଇଥାଏ । ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ସାବଧାନତା ଅବଲମ୍ବନ କରନ୍ତୁ ।

- ଘର ପାଖ ପରିବେଶ ସଫା-ସୁତୁରା ରଖନ୍ତୁ
- ଘର ଆଖପାଖରେ ଜମିରହୁଥିବା ସ୍ଥିର ଓ ପରିଷ୍କାର ପାଣିରେ ଏଡିସ୍ ମଶା ଡିମ୍ବ ଦେଇ ବଂଶ ବିସ୍ତାର କରିଥାଏ
- ଘରେ କିମ୍ବା ଘର ପାଖରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର, ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଟ୍ରେର ଆଦିକୁ ସପ୍ତାହକୁ ଥରେ ପାଣି ବାହାର କରି ପରିଷ୍କାର କରନ୍ତୁ
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା/ ଛିଣ୍ଡା ଟାୟାର, କଟା ପଇଡ଼, ନଡ଼ିଆ ଖଡ଼େଇ, କୁଡୁଆ, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରିଦିଅନ୍ତୁ
- ଏଡିସ୍ ମଶା ସାଧାରଣତଃ ଘର ଭିତରେ ସୋଫା, ଖଟ, ଆଲମିରା ଓ ଥାକ ତଳେ ଅନ୍ଧାରୁଆ ସ୍ଥାନରେ ବିଶ୍ରାମ ନେଇଥାଏ
- ଏହି ମଶା ସାଧାରଣତଃ ସକାଳ ଏବଂ ଅପରାହ୍ନ (ଗୋଧୂଳି) ସମୟରେ କାମୁଡ଼ିଥାଏ । ମନୁଷ୍ୟ ଶରୀରର ବାହାର ଅଙ୍ଗ ଯଥା; ଗୋଡ, ହାତ, ମୁହଁ, ନାକ ଏବଂ କାନକୁ ଏହି ମଶା କାମୁଡିଥାଏ
- ଶରୀରକୁ ପୁରା ଘୋଡାଇଲା ଭଳି ପୋଷାକ ପିନ୍ଧନ୍ତୁ
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ନିଶ୍ଚୟ ବ୍ୟବହାର କରନ୍ତୁ, ମଶା ଦାଉରୁ ସୁରକ୍ଷିତ ରହିବା ପାଇଁ ଘରର ଝରକାରେ ସରୁ ଜାଲି ଲଗାନ୍ତୁ
- ଆବଶ୍ୟକ ସ୍ଥଳେ ମଶା ନିବାରକ ବ୍ୟବହାର କରନ୍ତୁ
- ଜ୍ୱର ସହିତ ଆଣ୍ଠୁ-ଗଣ୍ଠି ବିନ୍ଧା, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରି ଚିକିତ୍ସା କରାନ୍ତୁ

ସଚେତନ ହୁଅନ୍ତୁ, ସତର୍କ ରୁହନ୍ତୁ, ଡେଙ୍ଗୁ ରୋଗରୁ ନିଜକୁ ସୁରକ୍ଷିତ ରଖନ୍ତୁ
ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
http://www.health.odisha.gov.in/
@HFWOdisha
OIPR-10003/13/0234/2526

# ଲୋକସଭାରେ ସାଂସଦମାନଙ୍କ ଉପସ୍ଥିତି ପଞ୍ଜୀକରଣ ପାଇଁ ନୂଆ ଡିଜିଟାଲ ବ୍ୟବସ୍ଥା

ନୂଆଦିଲ୍ଲୀ, ୧୫/୭
ଲୋକସଭାରେ ସାଂସଦମାନଙ୍କ ଉପସ୍ଥିତି ପଞ୍ଜୀକରଣ ପାଇଁ ଏକ ନୂଆ ଡିଜିଟାଲ ବ୍ୟବସ୍ଥା ଆରମ୍ଭ ହେବାକୁ ଯାଉଛି । ଆସନ୍ତା ଅଧିବେଶନରୁ ଇଲେକ୍ଟ୍ରୋନିକ ଟାବଲେଟ ଓ ଡିଜିଟାଲ ପେନ ମାଧ୍ୟମରେ ଅନଲାଇନ ଆଟେଣ୍ଡାନ୍ସ ଦେବେ ସାଂସଦ । ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କ ଉଦ୍ୟମରେ 'ପେପରଲେସ ପାର୍ଲାମେଣ୍ଟ' ପଦକ୍ଷେପର ଅଂଶ ବିଶେଷ ଭାବେ ଏହା କରାଯାଉଛି । ଏହି ପଦକ୍ଷେପ ପାର୍ଲାମେଣ୍ଟରେ ଡିଜିଟାଲ ପ୍ରଯୁକ୍ତିବିଦ୍ୟାର ବ୍ୟବହାରକୁ ପ୍ରୋତ୍ସାହନ ଦେବା ସହ ପାରଦର୍ଶିତା ଓ ଦକ୍ଷତା ବୃଦ୍ଧି କରିବ ।
ଲୋକସଭା ଲବିରେ ୪ଟି କାଉଣ୍ଟରରେ ଇଲେକ୍ଟ୍ରୋନିକ ଟାବଲେଟ ରହିବ । ସେଥିରେ ସାଂସଦମାନେ ନିଜର ନାମ ଡ୍ରପ-ଡାଉନ ମେନୁରୁ ବାଛି ଡିଜିଟାଲ ପେନ ଦ୍ୱାରା ସ୍ୱାକ୍ଷର କରି ନିଜର ଉପସ୍ଥିତି ପଞ୍ଜୀକରଣ କରିବେ । ଏହା ପରେ 'ସବ୍‌ମିଟ' ବଟନ ଦବାଇ ଉପସ୍ଥିତ ଥିବାର ଜଣାଇବେ । ଆଟେଣ୍ଡାନ୍ସ ପାଇଁ ସାଂସଦମାନେ ଚାହିଁଲେ ଡିଜିଟାଲ କାର୍ଡ ବ୍ୟବହାର କରିପାରିବେ, ଟିପ ଚିହ୍ନ ଦେଇପାରିବେ ଓ ପିନ୍ ମଧ୍ୟ ଲେଖିପାରିବେ ।
ନିର୍ଦ୍ଧାରିତ ସିଟ୍‌ରେ ବସି ସାଂସଦମାନେ ମଲ୍ଟିମିଡିଆ ଡିଭାଇସ୍ ବା ଏମ୍‌ଏମ୍‌ଡି ମାଧ୍ୟମରେ ଉପସ୍ଥିତି ଜଣାଇପାରିବେ । ଏହା ପୂର୍ବରୁ ସାଂସଦମାନେ ରେଜିଷ୍ଟରରେ ଦସ୍ତଖତ କରି ଉପସ୍ଥାନ ଦେଉଥିଲେ । ଏଥପାଇଁ ସେମାନଙ୍କୁ ଧାଡିରେ ଛିଡା ହେବାକୁ ପଡୁଥିଲା । କିନ୍ତୁ ଏହି ଡିଜିଟାଲ୍ ଆଟେଣ୍ଡାନ୍ସରେ ଆଉ ସେମାନଙ୍କୁ ଧାଡିରେ ଛିଡା ହେବାକୁ ପଡିବନି । ଅନାୟସରେ ସେମାନେ ଆଟେଣ୍ଡାନ୍ସ ଦେଇପାରିବେ । ଏହାଦ୍ୱାରା ସେମାନଙ୍କ ସମୟ ମଧ୍ୟ ବଞ୍ଚିବ ।
ସଂସଦକୁ ପେପରଲେସ୍ କରିବାକୁ ବାଚସ୍ପତି ଓମ୍ ବିର୍ଲା ତାଙ୍କର ଉଦ୍ୟମ ଜାରି ରଖିଛନ୍ତି । ସାଂସଦମାନଙ୍କ ସିଟ୍‌ରେ ଲାଗିଥିବା ଟାବଲେଟରେ ସଂସଦର ଡକ୍ୟୁମେଣ୍ଟ ଓ ଦିନର ଏଜେଣ୍ଡା ଉପଲବ୍ଧ ହେଉଥିଲା । ଏବେ ଏଥିରେ ଆଟେଣ୍ଡାନ୍ସ ମଧ୍ୟ ଦେଇହେବ । ଗୋଟିଏ ଟାବଲେଟରେ ଦୁଇ ପ୍ରକାର କାମ ହୋଇପାରିବ ।
ଆଟେଣ୍ଡାନ୍ସ ଦେବାରେ ସାଂସଦମାନଙ୍କୁ



ସହାୟତା କରିବାକୁ ସବୁ କାଉଣ୍ଟରରେ ନ୍ୟାସନାଲ୍ ଇନଫର୍ମାଟିକ୍ସ ସେଣ୍ଟରର ଇଞ୍ଜିନିୟରମାନଙ୍କୁ ନିୟୋଜିତ କରାଯିବ । ସାଂସଦମାନଙ୍କ ଆଟେଣ୍ଡାନ୍ସକୁ ବାଧ୍ୟତାମୂଳକ କରାଯାଇଛି । ଏହି ଆଟେଣ୍ଡାନ୍ସ ଆଧାରରେ ସେମାନଙ୍କୁ ଅଧିବେଶନ ସମୟରେ ଦୈନିକ ଆଲାଉନ୍ସ ମିଳିବ । ବର୍ଷକୁ ପ୍ରାୟ ୭୦ ଦିନ ଅଧିବେଶନ ବସେ । ଦିନକୁ ସାଂସଦମାନେ ପ୍ରାୟ ଦୁଇ ତିନି ମିନିଟ୍ ଆଟେଣ୍ଡାନ୍ସ ପାଇଁ ଧାଡିରେ ଛିଡା ହେଉଥିଲେ । ଏବେ ଏହା ଆଉ ହେବନି । ସେମାନେ ପ୍ରାୟ ସାଢ଼େ ତିନି ଘଣ୍ଟା ଅଧିକ ସମୟ ପାଇବେ । ଏହି ଅଧିକ ସମୟ ସେମାନେ ସଂସଦରେ ଭାଗ ନେଇପାରିବେ ।
ଡିଜିଟାଲ ଇଣ୍ଡିଆ ଓ ଗଭର୍ଣ୍ଣାନ୍ସ ଆଧୁନିକୀକରଣର ଏହା ଅଂଶ ବିଶେଷ । ଏହାଦ୍ୱାରା ସଂସଦ ଓ ସାଂସଦମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି ।

## ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାର ପ୍ରତିବାଦ

# ଆଜି ବିଜେଡିର ବାଲେଶ୍ୱର ବନ୍ଦ

ଭୁବନେଶ୍ୱର,୧୫/୭ ନ୍ୟୁଜ ବ୍ୟୁରୋ
ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ, ଏଫ୍‌ଏମ୍ ସ୍ୱୟଂଶାସିତ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ପରେ ତାଙ୍କ ପ୍ରତି ହୋଇଥିବା ଅବିଚାର ବିରୋଧରେ ଆସନ୍ତାକାଲି (ବୁଧବାର) ସମଗ୍ର ବାଲେଶ୍ୱର ଜିଲ୍ଲାରେ ବିଜୁ ଜନତା ଦଳ ୮ ଘଣ୍ଟିଆ ବନ୍ଦ ଡାକରା ଦେଇଛି । ଏହି ବନ୍ଦ ସକାଳ ୬ଟାରୁ ଆରମ୍ଭ ହୋଇ ଦିବା ୨ ଘଟିକା ପର୍ଯ୍ୟନ୍ତ ବଳବତର ରହିବ । ଏହି ବନ୍ଦ ସମୟରେ ଜରୁରୀକାଳୀନ ସେବା ବ୍ୟାହତ ହେବ ନାହିଁ ବୋଲି ଦଳ ତରଫରୁ ସୂଚନା ଦିଆଯାଇଛି । ସେହିପରି ମୃତ ଛାତ୍ରୀ ସୌମ୍ୟାଶ୍ରୀଙ୍କ ନ୍ୟାୟ ଦାବିରେ ରାଜଧାନୀ ଭୁବନେଶ୍ୱରରେ ବିଜୁ ଜନତା ଦଳ ତରଫରୁ ଆସନ୍ତାକାଲି (ବୁଧବାର) ଲୋକସେବା ଭବନ ଘେରାଉ କରାଯିବ । ଏହି ଘେରାଉ କାର୍ଯ୍ୟକ୍ରମ ସକାଳ ୧୦ ଘଟିକାରୁ ଆରମ୍ଭ ହେବ ।

# ୧୭ରେ କଂଗ୍ରେସର ଓଡ଼ିଶା ବନ୍ଦ, ବାମପନ୍ଥୀ ଦଳର ସମର୍ଥନ

ଭୁବନେଶ୍ୱର, ୧୫ /୦୭ ନ୍ୟୁଜ ବ୍ୟୁରୋ
ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାରେ ଆସନ୍ତା ୧୭ ତାରିଖରେ କଂଗ୍ରେସ ଓ ବାମପନ୍ଥୀ ଦଳ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି । ମଙ୍ଗଳବାର ସବୁ ସହରରେ କ୍ୟାଣ୍ଡେଲ ଲାଇଟ୍ ଜାଳି ଆମର ଆତ୍ମାର ସଦଗତି କାମନା କରିବେ । ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ମିଳିତ ବିରୋଧୀ ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇଛି । ଏଥିରେ ବାମପନ୍ଥୀ ଦଳ ନେତା ସାମିଲ, ଏନସିପି ସାମିଲ ହୋଇଛନ୍ତି । ୮ଟି ଦଳ ଏକାଠି ହୋଇଛନ୍ତି । ସେ ଝିଅ ପେଟ୍ରୋଲ କେଉଁଠୁ ଆଣିଲା କିଏ ଦେଲା । ସମସ୍ତେ ଦେଖୁଥିଲେ । କେହି ପ୍ରତିବାଦ କଲେଣି । ବିଜେପି ଦଳ ଶାସନକୁ ଆସିବାପରେ କାହାରି କଥା ଶୁଣିଲେନି । ଏ ସରକର ନୈତିକ ଦୃଷ୍ଟିରୁ ଶାସନରୁ ଓହରିଯିବା ଦରକାର । ଯାହାକୁ ଘୋର ବିରୋଧ କରିବୁ । ତାଙ୍କ ଦଳ ଏବିଭିପିର ଝିଅକୁ ହତ୍ୟା କରିଛନ୍ତି । ଯାହାର ପ୍ରତିବାଦରେ ଆସନ୍ତା ୧୭ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦେଇଛନ୍ତି । ସ୍କୁଲ୍, କଲେଜ, ଦୋକାନ ବଜାର ବନ୍ଦ ରହିବ ।